NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY
10 APRIL 2026
ଶୁକ୍ରବାର
୧୦ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 322 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୨୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ଗାଧୋଇବା ହେଲା କାଳ

## ପୋଖରୀରେ ବୁଡ଼ି ୩ ନାବାଳିକା ମୃତ

**ନବରଙ୍ଗପୁର,୯।୪/ଏନ୍ଏନ୍ଏସ୍:**

ଗାଧୋଇବା ହେଲା କାଳ । ପୋଖରୀରେ ବୁଡ଼ି ଦୁଇ ଭଉଣୀ ସମେତ ୩ ଜଣ ନାବାଳିକାଙ୍କ ମୃତ୍ୟୁ ଘଟିଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୁର୍ସି ଗ୍ରାମର ଉପରପାରାରେ ଏଭଳି ଦୁଃଖଦ ଘଟଣା ଘଟିଛି । ମୃତ ତିନି ନାବାଳିକାଙ୍କ ମଧ୍ୟରେ ଅଛନ୍ତି ଗାଁର ରାଜମନ ଗଣ୍ଡଙ୍କ ଦୁଇ ଝିଅ ଏବଂ ବାଲସାଇ ଗଣ୍ଡଙ୍କ ଜଣେ ଝିଅ । ରାଜମନ ଗଣ୍ଡଙ୍କ ଦୁଇ ଝିଅ ହେଉଛନ୍ତି ସନ୍ଧ୍ୟା ଓ ସନ୍ଧିତା । ସେହିପରି ବାଲସାଇ ଗଣ୍ଡଙ୍କ ଝିଅ ନାଁ ହେଉଛି ଭୂମିକା ।ମୃତକମାନଙ୍କ ମଧ୍ୟରୁ ୨ ଜଣଙ୍କ ବୟସ ୬ ବର୍ଷ ହୋଇଥିବା ବେଳେ ଜଣଙ୍କୁ ୫ ବର୍ଷ ହୋଇଥିଲା ବୋଲି ଜଣାପଡ଼ିଛି । ସେମାନେ ସ୍କୁଲରୁ ଫେରି ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଛି । ଗୁରୁବାର ଦିନ ପ୍ରାୟ ୧୧ ସମୟରେ ତିନି ଜଣ ସାଙ୍ଗ ହୋଇ ଘର ନିକଟରେ ଥିବା ପୋଖରୀକୁ ଗାଧୋଇ ବାକୁ ଯାଇଥିଲେ । ତେବେ ପୋଖରୀ କୂଳରେ ପୋଷାକ ରଖି ପାଣି ଭିତରକୁ ଯାଇ ଆଉ ଫେରି ନଥିଲେ । ଏନେଇ ପାଖରେ ଥିବା ଅନ୍ୟ ଜଣେ ଶିଶୁ ଘରକୁ ଆସି ଜଣାଇବା ପରେ ଗ୍ରାମବାସୀ ପାଣି ଭିତରୁ ତିନି ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲେ । ଉମରକୋଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ କରୁଛି ।

### ଓଏସ୍ଏସ୍ଟିଇଟି ପରୀକ୍ଷା ଫଳ ପ୍ରକାଶିତ

## ପାସ୍ ହାର ୭୨.୩୮ ପ୍ରତିଶତ

**କଟକ,୯।୪/ଏନ୍ଏନ୍ଏସ୍:**

ଓଏସ୍ଏସ୍ଟିଇଟି-୨୦୨୫ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି । ମୋଟ୍ ପାସ୍‌ହାର ୭୨.୩୮ ପ୍ରତିଶତ ହୋଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ପକ୍ଷରୁ ସୂଚନା ପ୍ରଦାନ କରଯାଇଛି । ସୂଚନାଯୋଗ୍ୟ ଗତ ଜାନୁଆରୀ ୨୧ ତାରିଖରେ ଓଏସ୍ଏସ୍ଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପରୀକ୍ଷା ପାଇଁ ୫୬ହଜାର ୪୫୬ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ । ଉଭୟ ପେପର-୧ ଓ ପେପର-୨ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଇଥିଲେ । ତେବେ ଗୁରୁବାର ଏହାର ଫଳ ପ୍ରକାଶ ପାଇଥିବାବେଳେ ପାସ ହାର ୭୨.୩୮ ପ୍ରତିଶତ ରହିଛି ବୋଲି ବୋର୍ଡ଼ ସଭାପତି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ଗୁରୁବାର ଅପରାହ୍ନ ୪ ଟା ପରଠାରୁ ବୋର୍ଡ଼ ୱେବସାଇଟରେ ରେଜଲ୍ଟ ଉପଲବ୍ଧ ହୋଇଛି । ପାସ କରିଥିବା ପରୀକ୍ଷାର୍ଥୀମାନେ ବୋର୍ଡ଼ ୱେବ୍‌ସାଇଟରୁ ସେମାନଙ୍କର ଡିଜିଟାଇଜଡ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି । ଯେଉଁମାନେ ପରୀକ୍ଷାରେ ଉତୀର୍ଣ୍ଣ ହୋଇନାହାନ୍ତି, ସେମାନେ ବୋର୍ଡ଼ ୱେବ୍‌ସାଇଟରୁ ସେମାନଙ୍କ ଓଏମ୍ଆର ଉତର ଖାତା ଡାଉନଲୋଡ୍ କରିପାରିବେ ।

### ୬୦୦ କୋଟିର ବିଦ୍ୟୁତ୍ ଭିତ୍ତିଭୂମି ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ରାଜଧାନୀରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ

**ଭୁବନେଶ୍ୱର ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ**

**୩ ଗ୍ରୀଡ୍ ସବ୍‌ଷ୍ଟେସନ୍, ୮ ଟ୍ରାନ୍ସମିସନ୍ ଲାଇନ୍ ଉଦ୍‌ଘାଟିତ**

**୨୦୩୦ ସୁଦ୍ଧା ଭୁବନେଶ୍ୱରର ବିଦ୍ୟୁତ୍ ଶକ୍ତି ଚାହିଦା ହେବ ଦୁଇଗୁଣ: ସିଏମ୍**





**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:**

ଭୁବନେଶ୍ୱରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲିଅନ୍ତା ଠାରେ ୬୦୦ କୋଟିର ବିଦ୍ୟୁତ୍ ଭିତ୍ତିଭୂମି ଲୋକାର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ୍ ଉଦ୍‌ଘାଟନ କରିଛନ୍ତି । ଏହି ନୂତନ ଜିଆଇଏସ୍ ଗ୍ରୀଡ୍ ସବଷ୍ଟେସନ ଓ ସଂଲଗ୍ନ ଟ୍ରାନ୍ସମିସନ ଲାଇନଗୁଡ଼ିକ ରାଜଧାନୀରେ ନିରବଚ୍ଛିନ୍ନ, ଉଚ୍ଚ ଗୁଣସ୍ତରୀୟ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ । ଏହା ଫଳରେ ଶିଳ୍ପ, ବ୍ୟବସାୟ, ଆଇଟି ଏବଂ ନଗରୀୟ ଜୀବନର ସମଗ୍ର ବିକାଶ ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ - ବାଲିଅନ୍ତା, ସତ୍ୟନଗର, ଏବଂ କଟକର ଏସ୍.ସି.ବି. ମେଡିକାଲ୍‌ରେ ସ୍ଥାପନ କରାଯାଇଛି । ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ । ଏହା ସହିତ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ୍ ଉତ୍ସ ସହିତ ସଂଯୋଗ ମଧ୍ୟ

▶▶ ୬

### ୩ ନଦୀର ହେବ ପୁନରୁଦ୍ଧାର

ପ୍ରାଚୀ, ଧନୁଆ, ଦୟା ନଦୀର ପୁନରୁଦ୍ଧାର ହେବ । ଭୁବନେଶ୍ୱରର ପାର୍ଶ୍ୱବର୍ତ୍ତୀ ନଦୀଗୁଡ଼ିକର ପୁନରୁଦ୍ଧାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାଚୀ ନଦୀର ପୁନରୁଦ୍ଧାର ପାଇଁ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଭୁବନେଶ୍ୱର-ଜୟଦେବ ଅଞ୍ଚଳରେ ଥିବା ଧନୁଆ ନଦୀର ପୁନରୁଦ୍ଧାର ପାଇଁ ଦ୍ୱିତୀୟ ଫେଜ୍‌ରେ ୭୫ କୋଟି ଟଙ୍କା ଅନୁମୋଦନ ହୋଇସାରିଛି । ଏଥିସହିତ ସଂଜୀବନୀ ଯୋଜନାରେ ଦୟା ନଦୀର ପୁନରୁଦ୍ଧାର ପାଇଁ ୧୭୦ କୋଟି ଟଙ୍କା ଏବଂ ଦୟା ପଶ୍ଚିମ କେନାଲ ପୁନରୁଦ୍ଧାର ଓ ଉନ୍ନତିକରଣ କରିବା ପାଇଁ ୪୦୦ କୋଟି ଟଙ୍କା ଅନୁମୋଦନ ହୋଇଛି । ଖୁବ ଶୀଘ୍ର ସମସ୍ତ କାର୍ଯ୍ୟ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଘୋଷଣା କରିଥିଲେ । ନଦୀର ପୁନରୁଦ୍ଧାର ପାଇଁ ଆମ ସରକାର ବଜେଟରେ ଆର୍ଥିକ ବ୍ୟବସ୍ଥା କରିଛନ୍ତି । ଏହାଦ୍ୱାରା ନଦୀଗୁଡ଼ିକରେ ପୁନର୍ବାର ଜଳସ୍ରୋତ ପ୍ରବାହ ଠିକ୍ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

### ହଳଦିଆରେ ବିଶାଳ ସମାବେଶକୁ ମୋଦୀଙ୍କ ସମ୍ବୋଧନ

## ପଶ୍ଚିମବଙ୍ଗବାସୀଙ୍କୁ ଦେଲେ ୬ ଗ୍ୟାରେଣ୍ଟି

**● ଆଇନ ପୁନର୍ବାର ଶାସନ କରିବ ● ପ୍ରତି ଦୁଷ୍କର୍ମ ମାମଲାର ଫାଇଲ୍ ଖୋଲାଯିବ**

**ହଳଦିଆ,୯।୪/ଏଜେନ୍ସି:**



ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ପଶ୍ଚିମବଙ୍ଗବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୬ଟି ପ୍ରତିଶ୍ରୁତି ବା ଗ୍ୟାରେଣ୍ଟି ଦେଇଛନ୍ତି । ବେଙ୍ଗଲର କ୍ଷମତାସୀନ ଟିଏମସିକୁ ମଧ୍ୟ ମୋଦୀ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଛନ୍ତି । "ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେଲେ ଚାଷୀ ଏବଂ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପ୍ରତି ବିଶେଷ ଧ୍ୟାନ ଦିଆଯିବ ।" ଗୁରୁବାର ପଶ୍ଚିମବଙ୍ଗର ହଳଦିଆ ଠାରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପରି କିଛି ବୟାନ୍ ଦେଇଛନ୍ତି । ମୋଦୀ ସରକାର ଟିଏମ୍‌ସି ସରକାରକୁ 'ନିର୍ମମ' ବା (ନିଷ୍ଠୁର) ବୋଲି କହିଥିଲେ ଏବଂ ଆଇନ ଶୃଙ୍ଖଳା ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ । ଆଜିର ଏହି ନିର୍ବାଚନୀ ସଭାରେ ସେ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ବିକାଶ, ସୁରକ୍ଷା, ପ୍ରଶାସନିକ ସୁବ୍ୟବସ୍ଥା ଏବଂ ଜନ କଲ୍ୟାଣ ଉପରେ ଧ୍ୟାନ କେନ୍ଦ୍ରିତ କରି ୬ ଟି ପ୍ରମୁଖ ଗ୍ୟାରେଣ୍ଟି ବା ପ୍ରତିଶ୍ରୁତି ଦେଇଛନ୍ତି । ମୋଦୀ ପଶ୍ଚିମବଙ୍ଗରେ ଏକ 'ଡବଲ-ଇଞ୍ଜିନ୍' ସରକାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।

ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟରେ ମୋଦୀ କହିଛନ୍ତି ଯେ, ବିଧାନସଭା ନିର୍ବାଚନ ପରେ ଯଦି ବିଜେପି ରାଜ୍ୟରେ ସରକାର ଗଠନ

▶▶ ୬

### ତିନି ରାଜ୍ୟରେ ସରିଲା ବିଧାନସଭା ନିର୍ବାଚନ, କିଛି ସ୍ଥାନରେ ହିଂସାକାଣ୍ଡ

## ଆସାମରେ ସର୍ବକାଳୀନ ୮୫% ଭୋଟିଂ

**ଗୁଆହାଟୀ, ଥିରୁଅନନ୍ତପୁରମ୍, ପୁଡୁଚେରୀ, ୯।୪/ଏଜେନ୍ସି:**



**କେରଳମ୍‌ରେ ୭୮% ଓ ପୁଡୁଚେରୀରେ ୯୦% ମତଦାନ**

ଗୁରୁବାର ଦେଶର ଦୁଇଟି ରାଜ୍ୟ ଆସାମ, କେରଳମ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ଆଜି ସକାଳ ୭ଟା ବେଳକୁ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୬ଟାରେ ଶେଷ ହୋଇଛି । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ବିଳମ୍ବିତ ସନ୍ଧ୍ୟା ୮ଟା ସୁଦ୍ଧା ଆସାମରେ ୮୫.୩୮%, କେରଳମ୍‌ରେ ୭୮.୦୧% ଏବଂ ପୁଡୁଚେରୀରେ ୮୯.୮୧% ମତଦାନ ରେକର୍ଡ କରାଯାଇଛି । ଆସାମରେ ଏଥର ୮୫%ରୁ ଅଧିକ ଭୋଟିଂ ହୋଇଛି ଯାହାକି ଆସାମ୍ ଇତିହାସରେ ସର୍ବବୃହତ୍ ଭୋଟିଂ ପ୍ରତିଶତ । ସେହିପରି କେରଳମ୍‌ରେ ମଧ୍ୟ ଦୀର୍ଘ ୪୯ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ୭୮% ଭୋଟିଂ ହୋଇଥିବାର ଦେଖିବାକୁ ମିଳିଛି । ତେବେ ଏହାରି ମଧ୍ୟରେ ଆସାମ ଏବଂ ପୁଡୁଚେରୀରେ କିଛି ମାତ୍ରାରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ହିଂସାକାଣ୍ଡ ସଂଘଠିତ ହୋଇଥିବା ସୂଚନା ମିଳିଛି । ଆସାମର ଶ୍ରୀଭୂମି ଜିଲ୍ଲାର ପଥରକାଣ୍ଡିରେ କଂଗ୍ରେସ ଏବଂ ଭାଜପା ସମର୍ଥକଙ୍କ ମଧ୍ୟରେ ନିର୍ବାଚନୀ ହିଂସା ଘଟି ପ୍ରାୟ ୩୦ଜଣ ଆହତ ହୋଇଥିବା ବେଳେ ଏହି ଘଟଣାରେ ୭ଜଣଙ୍କୁ ଗିରଫ କରାଯାଇଛି । ପୁଡୁଚେରୀରେ କଂଗ୍ରେସ-ବିଜେପି କର୍ମୀ ମୁହାଁମୁହିଁ ହୋଇଛନ୍ତି । ସୂଚନାନୁସାରେ ମନ୍ନାଦିପେଟ୍ ପୋଲିଂ ବୁଥରେ କଂଗ୍ରେସ ଓ ବିଜେପି ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ଲାଠିଚାର୍ଜ କରିଥିଲା ।

ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସ୍ୱାମୀ ବାଇକ୍ ଚଢ଼ି ଭୋଟ୍ ଦେବାକୁ ଆସିଥିବା ଦେଖିବାକୁ

▶▶ ୬

### ● ଆଜାଦନଗର ବୋମା ବିସ୍ଫୋରଣ ଘଟଣା

## ଏନ୍ଆଇଏର ତନାଘନା

**ଏୟାରଫିଲ୍ଡ ଥାନାରୁ ଦସ୍ତାବିଜ ସଂଗ୍ରହ**

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:**

ରାଜଧାନୀ ଭୁବନେଶ୍ୱରସ୍ଥ ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାର ତଦନ୍ତ ଏନ୍ଆଇଏ ଟିମ୍ ଆରମ୍ଭ କରିଛି । ଏନଆଇଏର ତିନିଜଣିଆ ଟିମ ଏୟାରଫିଲ୍ଡ




ଥାନାରେ ପହଞ୍ଚି ପୁଲିସ ତଦନ୍ତର ସମସ୍ତ ଦସ୍ତାବିଜ ସଂଗ୍ରହ କରିଛନ୍ତି । ସମ୍ପୃକ୍ତ ଟିମ୍ ଏୟାରରଫିଲ୍ଡ ଥାନାରେ ପହଞ୍ଚି ବୋମା ବିସ୍ଫୋରଣ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ନିକଟରୁ ସମସ୍ତ ତଥ୍ୟ ହାସଲ କରିଛି । ଆଜି ପର୍ଯ୍ୟନ୍ତ ବୋମା ବିସ୍ଫୋରଣ ଘଟଣାରେ ମିଳିଥିବା ସୁରାକ, ଫୋରେନସିକ ରିପୋର୍ଟ, ଘଟଣା ସ୍ଥଳରୁ ମିଳିଥିବା ବିସ୍ଫୋରଣ ସମୟର ସିସିଟିଭିର ହାର୍ଡଡିସ୍କକୁ ନିଜ

▶▶ ୬

## ତାତିରୁ ନାହିଁ ତ୍ରାହି: ଶନିବାରଠୁ ଅସହ୍ୟ ଖରା

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:**



ଦିନରେ ଖରା, ଅପରାହ୍ଣରେ କାଳବୈଶାଖୀ ତାଣ୍ଡବ । ଲଗାତାର କିଛି ଦିନ ଧରି କୁଆପଥର ମାଡ଼, ଝଡ଼ ବର୍ଷା ଲାଗି ରହିଥିବା ବେଳେ ମାଡ଼ିଆସୁଛି ସଂଘାତିକ ଖରା । ଆସନ୍ତା ଶନିବାରଠୁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି । ରାଜ୍ୟରେ ଆସନ୍ତାକାଲି ଅର୍ଥାତ ଶୁକ୍ରବାର କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ । ତେବେ ୧୧ ତାରିଖରୁ ଉପକୂଳ ଏବଂ ଆଖପାଖ ଅଞ୍ଚଳରେ ପ୍ରବଳ ଖରା ଓ ଗରମ ନେଇ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି ।

ପ୍ରକାଶ ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ, ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କେନ୍ଦ୍ରାପଡ଼ା,ଗଞ୍ଜାମ, ବୌଦ୍ଧ, ଅନୁଗୁଳ, କନ୍ଧମାଳ, ନୟାଗଡ଼, କଟକ, ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, ଯାଜପୁର, ଭଦ୍ରକ ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରକୁ କାଳବୈଶାଖୀ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ୩୦ରୁ ୪୦ କିମି ପବନ ବହିବାର ସମ୍ଭାବନା ରହିଛି । ସେହିପରି ଭଦ୍ରକ,

▶▶ ୬

## ପଞ୍ଝୁଦଣ୍ଡରେ ପିଟାପିଟି

**ବ୍ରହ୍ମପୁର,୯।୪/ଏନ୍ଏନ୍ଏସ୍:**

ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରେ ଚାଲିଛି ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ଜ୍ୱଳନ୍ତ ପ୍ରତୀକ ଦଣ୍ଡ ନାଚ । ଏହାକୁ ଶୃଙ୍ଖଳିତ ଓ ଲୋକାଭିମୁଖୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରଣୟନ କରାଯାଇଛି । ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ ସଚେତନତା ମଧ୍ୟ ସୃଷ୍ଟି କରାଯାଇଛି । ଏସବୁ ସତ୍ତ୍ୱେ ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ସୁନ୍ଦରାପଲ୍ଲୀ ଗ୍ରାମରେ ଗତକାଲି ଚାଲିଥିବା ପଞ୍ଝୁ ଦଣ୍ଡରେ ପରମ୍ପରା ଭୁଲି ଦଣ୍ଡୁଆ ଦଣ୍ଡୁଆ ମଧ୍ୟରେ ବାନା ବାଡିରେ ବାଡାବାଡ଼ି ହୋଇଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁବା ଘଟଣା ଭକ୍ତମାନଙ୍କୁ ମାନସିକ ଆଘାତ ଦେଇଛି । ଏହି ଗ୍ରାମରେ ଗୋଲିଆ, ମୋରାବାଈ, କବିସୂର୍ଯ୍ୟନଗର ପରିଡ଼ା ପାର୍ଟି, ହିଞ୍ଜିଳି କାଟୁ ସାନ ପାର୍ଟି ଓ ପୁରୁଷୋତ୍ତମପୁର ଗୌଡ଼ ପାର୍ଟି ମଧ୍ୟରେ ପଞ୍ଝୁ ଦଣ୍ଡ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା । ଗାଁ ମଧ୍ୟରେ ହିଞ୍ଜିଳିକାଟୁ ସାନପାର୍ଟି ଓ ପୁରୁଷୋତ୍ତମପୁର ଗୌଡ଼ପାର୍ଟି ନାଚ ପାଇଁ କମିଟି ସ୍ଥିର କରିଥିବା ବେଳେ ଗାଁ ବାହାରେ ଗୋଲିଆ, ମୋରାବାଇ

▶▶ ୬

### ଆଗକୁ ଅଧିକ ଭୟଙ୍କର ଯୁଦ୍ଧ !

# ପ୍ରତି କ୍ଷଣ ମୋଡ଼ ବଦଳାଉଛି ସ୍ଥିତି

**ତେହରାନ୍, ତେଲ ଅଭିଭ୍, ୱାଶିଂଟନ୍, ୯।୪/ଏଜେନ୍ସି:**



ଆମେରିକା ଏବଂ ଇରାନ୍ ଉଭୟ ଦେଶ ସ୍ୱୀକାର କରିଛନ୍ତି ଯେ, ସେମାନଙ୍କ ମଧ୍ୟରେ ୧୪ ଦିନିଆ ଯୁଦ୍ଧ ବିରତି ହୋଇଛି । କିନ୍ତୁ ଏହାସତ୍ତ୍ୱେ ଆମେରିକା ସେନା ଏବେ ବି ଇରାନ୍ ସୀମାରେଖାରେ ଡେରା ପକାଇଛନ୍ତି । ଏହାରି ମଧ୍ୟରେ ଆମେରିକା ଚେତାବନୀ ମଧ୍ୟ ଦେଇଛି ଯେ, ଇରାନ୍ ସହ ଯୁଦ୍ଧକୁ ସାମୟିକ ବିରତି ଦିଆଯାଇଛି । ଯଦି ଇରାନ୍, ଆମେରିକାର ସର୍ତ୍ତରେ ରାଜି ନହୁଏ ତେବେ ଏହା ପୁନର୍ବାର ଇରାନ୍ ଉପରେ ଆକ୍ରମଣ କରିବାକୁ ବାଧ ହେବ । ଏହାକୁ ଦୃଷ୍ଟିରେ ରଖି ଇରାନ୍ ମଧ୍ୟ ନିଜ ପ୍ରତିଆକ୍ରମଣ କ୍ଷମତାକୁ ଦ୍ରୁତଗତିରେ ବ୍ୟାପକ କରିବାରେ ଲାଗିଛି । ତେବେ ଏସବୁ ମଧ୍ୟରେ ଇସ୍ରାଏଲ୍ ମଧ୍ୟ ମନମାନି କରିବା ଜାରି ରଖିଛି । ଆମେରିକା-ଇରାନ୍ ଯୁଦ୍ଧବିରତିରେ ଲେବାନନ୍‌କୁ ସାମିଲ କରାଯାଇନଥିବା ଦର୍ଶାଇ ବୁଧବାର ରାତିରେ ଇସ୍ରାଏଲ୍, ହିଜ୍‌ବୁଲ୍ଲାର ସଶସ୍ତ୍ର ଗୋଷ୍ଠୀଙ୍କୁ ଟାର୍ଗେଟ୍ କରି ଲେବାନନ୍ ଉପରେ କରିଥିବା ଆକ୍ରମଣରେ ମୃତ୍ୟୁସଂଖ୍ୟା ୨୫୪ ଏବଂ ଆହତଙ୍କ ସଂଖ୍ୟା ୧୧୬୫ରୁ ଅଧିକ ରହିଥିବା ଜଣାପଡ଼ିଛି ।

ଇସ୍ରାଏଲ୍‌ର ଏହି ଆକ୍ରମଣରେ ଲେବାନନ୍‌ରେ ଥିବା ହିଜ୍‌ବୁଲ୍ଲା ନେତା ନାଇମ୍ କାସିମ୍‌ଙ୍କ ବ୍ୟକ୍ତିଗତ ପରାମର୍ଶଦାତା ତଥା ପୁତୁରା ୟୁସୁଫ୍ ହର୍ଷିଙ୍କର ମୃତ୍ୟୁ ହୋଇଥିବା ଇସ୍ରାଏଲ୍ ସେନା (ଆଇଡିଏଫ୍) ଦାବି କରିଛି । ଆଇଡିଏଫ୍ ଅନୁସାରେ ବେରୁତ୍‌ର ତଲ୍ଲେତ ଖାୟାତ ଅଞ୍ଚଳରେ ଥିବା ହିଜବୁଲ୍ଲାର ଆଡ୍ଡା ଉପରେ ହୋଇଥିବା ଆକ୍ରମଣରେ ଏକ ବହୁତଳ କୋଠା ଧ୍ୱଂସ ହୋଇଛି । ପ୍ରକାଶ, ଦକ୍ଷିଣ ଲେବାନନରେ ପ୍ରାୟ ୧୦ଟି ଅସ୍ତ୍ରଶସ୍ତ୍ର ଡିପୋ, ରକେଟ୍ ଲଞ୍ଚର୍ ଏବଂ ହିଜବୁଲ୍ଲା ମୁଖ୍ୟାଳୟ ଉପରେ ହୋଇଥିବା ଆକ୍ରମଣରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ମଧ୍ୟ ଶୁଣୁନଥିବା ନେଇ କୁହାଯାଉଛି । ସୁତରାଂ ପରିସ୍ଥିତି ଏବେ ଏପରି ହୋଇଛି ଯେ ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ଥିବା ୩ ପକ୍ଷ (ଇରାନ୍, ଇସ୍ରାଏଲ୍ ଏବଂ ଆମେରିକା) ପରସ୍ପର କେହି କାହାକୁ ବିଶ୍ୱାସ କରୁନାହାନ୍ତି । ସୁତରାଂ ଯୁଦ୍ଧର ସ୍ଥିତି ଏବେ ପ୍ରତିକ୍ଷଣ ମୋଡ଼ ବଦଳାଉଛି, ଯାହାକି ଆଗାମୀ ଦିନରେ ପୁନଃ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା

▶▶ ୬

**୩ ପକ୍ଷ; କେହି କାହାକୁ ବିଶ୍ୱାସ କରୁନାହାନ୍ତି: ଅଧିକ ଦିନ ତିଷ୍ଠିବନି ଯୁଦ୍ଧବିରତି**

**ଇସ୍ରାଏଲ୍ ଆକ୍ରମଣରେ ୨୫୪ ମୃତ**

**ହର୍ମୁଜ୍‌ରେ ଦିନକୁ ମାତ୍ର ୧୫ଟି ଜାହାଜ ଯାଇପାରିବ, ସୁରକ୍ଷିତ ଯାତ୍ରା ପାଇଁ ସ୍ୱତନ୍ତ୍ର ମାର୍ଗ: ଇରାନ୍**

### ଆଜିଠୁ ଆମେରିକା-ଇରାନ ଯୁଦ୍ଧବିରତି ଆଲୋଚନା

**ବୁଝାମଣାରେ ଲେବାନନ୍ ମଧ୍ୟ ସାମିଲ**

ପାକିସ୍ତାନରେ ଆସନ୍ତା କାଲି ଠାରୁ ଅନୁଷ୍ଠିତ ହେବାକୁ ଥିବା ଆମେରିକା-ଇରାନ ଯୁଦ୍ଧବିରତି ଆଲୋଚନାରେ ତିନୋଟି ଦେଶର କିଛି ପ୍ରମୁଖ ନେତାମାନେ ସାମିଲ ହେବେ । ତେବେ ଏହି ସମ୍ଭାବ୍ୟ ନେତାମାନଙ୍କ ମଧ୍ୟରେ ପାକିସ୍ତାନ ପକ୍ଷରୁ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍, ସେନା ପ୍ରମୁଖ ଅସିମ୍ ମୁନିର, ବିଦେଶ ମନ୍ତ୍ରୀ ଇଶାକ୍ ଡାର୍ ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଆସିମ୍ ମଲିକ୍ ରହିଛନ୍ତି । ସେହିପରି ଆମେରିକା ପକ୍ଷରୁ ଉପରାଷ୍ଟ୍ରପତି ଜେଡି ଭାନ୍ସ, ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟକୋଫ୍, ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଶନର, ସୈନ୍ୟ ଅଧିକାରୀ ବ୍ରାଡେ କୁପର ସାମିଲ ହେବେ । ଇରାନ୍ ପକ୍ଷରୁ ସଂସଦ ଅଧ୍ୟକ୍ଷ ମହମ୍ମଦ ବାଘେର ଗାଲିବାଫ୍, ବିଦେଶ ମନ୍ତ୍ରୀ ଅବ୍ବାସ ଅରାଘାଚୀ, ଉପବିଦେଶ ମନ୍ତ୍ରୀ ମଜିଦ୍ ତଖ୍ତ ଖାଞ୍ଚି ପ୍ରମୁଖ ଏହି ବୈଠକରେ ଯୋଗଦେବେ । ଗୁରୁବାର ପାକିସ୍ତାନର ପ୍ରତିନିଧି ଜାତିସଂଘ ସୁରକ୍ଷା ପରିଷଦରେ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ବୁଝାମଣାରେ ଲେବାନନ୍ ମଧ୍ୟ ସାମିଲ ଅଛି । ତଥାପି ଲେବାନନ୍ ରାଷ୍ଟ୍ରପତି ଜୋସେଫ ଆଉନ୍ କହିଛନ୍ତି ଯେ ଇସ୍ରାଏଲ ସହ ସିଧାସଳଖ ଆଲୋଚନା ହିଁ ବର୍ତ୍ତମାନର ଏକମାତ୍ର ସମାଧାନ ।

# ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ମୃତ

**ପୁରୀ,୯।୪/ଏନ୍‌ଏନ୍‌ଏସ୍:** ଜୀବନ ନେଲା ମୁକୁଳା ଡ୍ରେନ୍। ମୁକୁଳା ଡ୍ରେନ୍ ?ରେ ପଡ଼ି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ପୁରୀ ପୋଲିସ ଲାଇନ୍ ହାଇସ୍କୁଲ ନିକଟରେ ଘଟିଛି ଏଭଳି ଅଘଟଣ। ତେବେ ମୃତ ବ୍ୟକ୍ତିଙ୍କର ପରିଚୟ ମିଳିପାରିନାହିଁ। ଖବର ପାଇ କୁମ୍ଭାରପଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ହସ୍ପିଟାଲକୁ ପଠାଇଛି। ମୃତ ବ୍ୟକ୍ତିଙ୍କ ଘର କେଉଁଠି ଏବଂ ଡ୍ରେନ୍‌ରେ କିଭଳି ପଡ଼ି ତାଙ୍କର ମୃତ୍ୟୁ ହେଲା ସେନେଇ ତଦନ୍ତ କରୁଛି ପୋଲିସ। ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଇବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଜିଲ୍ଲା ପ୍ରଶାସନ କିନ୍ତୁ ଏ ଦିଗରେ ଆଦୌ ଧ୍ୟାନ ଦେଉନାହିଁ। ଯାହା ଫଳରେ ଅନେକ ଜୀବନ ମୁକୁଳା ଡ୍ରେନ୍‌ରେ ଚାଲିଯାଉଛି। ସେହିପରି ଆଗକୁ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆସୁଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଯାତ୍ରୀଙ୍କ ସମାଗମ ହେବ ପୁରୀରେ। ଏଣୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପ୍ରଶାସନ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ପାଇଁ ଦାବି ହୋଇଛି।

# ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନିଯୁକ୍ତିରେ ଖଣ୍ଡପଡ଼ାରେ ଖୁସିର ଲହରୀ



**ଖଣ୍ଡପଡ଼ା,୯।୪/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ବରିଷ୍ଠ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପୁରୀ ଜିଲ୍ଲା ଅଧୀନ ସାକ୍ଷୀଗୋପାଳସ୍ଥିତ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଗୁରୁବାର ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଖୁସିର ଲହରୀ ଖେଳିଯାଇଛି। ପ୍ରଫେସର ଶ୍ରୀ ଆଚାର୍ଯ୍ୟ ଦିର୍ଘ ବର୍ଷ ଧରି ଆନ୍ଧ୍ରପ୍ରଦେଶ ରାଜ୍ୟର ତିରୁପତିସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସୁଚାରୁ ରୂପେ କାର୍ଯ୍ୟ କରି ବିଭିନ୍ନ ମହଲରେ ବେଶ ପ୍ରଶଂସାର ପାତ୍ର ହୋଇପାରିଥିଲେ। ଏବେ ସେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ଭାବେ ଗୁରୁ ଦାୟିତ୍ୱ ଗ୍ରହଣ କରିବା ପରେ ଖଣ୍ଡପଡ଼ା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଶ୍ରୀ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ପ୍ରକାଶଥାଉକି ପ୍ରଫେସର ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାକ୍ରମେ ତାଙ୍କ ଜନ୍ମସ୍ଥାନ ଖଣ୍ଡପଡ଼ା ବ୍ଲକ ଅଧୀନ ନଟବରପୁରଶାସନ ଶାସନ ଗ୍ରାମରେ ଏକ ବେଦ ପାଠଶାଳା ପ୍ରତିଷ୍ଠା କରାଯାଇଥିବା ଜଣାଯାଇଛି।

# ତହସିଲ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ନିଶ୍ଚିନ୍ତକୋଇଲି,୯।୪/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଅସୁରେଶ୍ୱର ବଜାରର ବହୁ ଦୋକାନ ସମେତ ୫ଟି ବାସଗୃହକୁ ଉଚ୍ଛେଦ କରାଯାଇଥିବାର ଜଣାଯାଇଛି। ଖବରରୁ ପ୍ରକାଶ ଯେ କଟିକଟା-ଜୟପୁର ରାସ୍ତା ବାମ ପାର୍ଶ୍ୱରେ ଥିବା ଅସୁରେଶ୍ୱର ବଜାର ନିକଟସ୍ଥ ୧୦ ନମ୍ବର କେନାଲଠାରୁ ନୃସିଂହ ଅବତାର ପୂଜା ମଣ୍ଡପ ପର୍ଯ୍ୟନ୍ତ ବହୁ ଗୁଡ଼ିଏ ଦୋକାନ ଗୃହ ସମେତ ୫ ଟି ପରିବାରର ବାସଗୃହକୁ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ଦୀର୍ଘ ଦିନ ହେବ ଦୋକାନୀମାନେ ଓ କିଛି ପରିବାର ଲୋକମାନେ ଗୋଚର କିସମର ଜାଗା ଜବରଦଖଲ କରି ଦୋକନ ଗୃହ ଓ ବାସଗୃହ ନିର୍ମାଣ କରିଥିଲେ। ଏପରିକି ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଜାଗାକୁ ଜବରଦଖଲ କରି ସ୍ଥାୟୀ ଘର ନିର୍ମାଣ କରିଥିଲେ। ଫଳରେ ରାସ୍ତାରେ ଯାତାୟାତ ପାଇଁ ବହୁ ସମସ୍ୟା ଉପୁଜୁଥିଲା ବେଳେ ରାଜସ୍ୱ କାର୍ଯ୍ୟାଳୟ ମଧ ସଠିକ୍ ଭାବେ ନିର୍ମାଣ କରାଯାଇପାରୁନଥିଲା। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ନିଶ୍ଚିନ୍ତକୋଇଲି ତହସିଲ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା। ଏନେଇ ଜବରଦଖଲକାରୀମାନଙ୍କୁ ସ୍ୱଇଚ୍ଛାରେ ଜବରଦଖଲରୁ ହଟିଯିବା ପାଇଁ ନୋଟିସ ମଧ କରାଯାଇଥିଲା। ହେଲେ ଜବରଦଖଲକାରୀମାନେ ସେମାନଙ୍କର ଘରକୁ ନଭାଙ୍ଗିବାରୁ ମଙ୍ଗଳବାର ଦିନ ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର ଶିବରାମ ସ୍ୱାଇଁଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରିଣୀ ଅନିତା ସାହୁ ଓ ନିଶ୍ଚିନ୍ତକୋଇଲି ଥାନା ପୋଲିସ ସହାୟତାରେ ଦୁଇଟି ଜେସିବି ମେସିନ ଦ୍ୱାରା ଉକ୍ତ ଦୋକାନ ଗୃହ ସହ ୫ଟି ପରିବାରର ବାସଗୃହ ଭଙ୍ଗାଯାଇଛି।

# ଚୋରି ଘଟଣାର ତଦନ୍ତ

**ନୟାହାଟ,୯।୪/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ବିଳମ୍ବିତ ରାତିରେ ବଡତୋଟା ଛକରେ ଏକ ଗୁଆମସଲା ଦୋକାନ ଭାଙ୍ଗି ଚୋରି ହେବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ବଡ଼ତୋଟା ଛକରେ ଥିବା ନୃସିଂହ ଚରଣ ସ୍ୱାଇଁଙ୍କ ଗୁଆ ମସଲା ଦୋକାନ ତାଲା ଭାଙ୍ଗି ନଗଦ ୫ହଜାର ଟଙ୍କା ଓ ଡାଲି ଏକ ପ୍ୟାକେଟ, ଅମୂଲ ୫କେଜି ସୋରିଷ ତେଲ ୧୨ ବୋତଲ, ଓଜନ କଣ୍ଟା , ସିଗାରେଟ୍ ୧୨ ପ୍ୟାକେଟ ଆନୁମାନିକ ୩୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହେବା ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଭୁବନେଶ୍ୱରରୁ ଆସିଥିବା ପୋଲିସ ଅନୁସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ତଦନ୍ତ କରିଥିଲେ। ସେହିପରି ଗତ ୫ତାରିଖରେ ଶୋହଣା ଗ୍ରାମର ଘୋଡ଼ାଦାଣ୍ଡ ତ୍ରିଲୋଚନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ନଗଦ ୫ହଜାର, ପାଣି ମଟର, ୫୦କେଜି ଚାଉଳ ବସ୍ତା, ସାଉଣ୍ଡ ବକ୍ସ ଚୋରି ଘଟଣାର ପୋଲିସ ଅନୁସନ୍ଧାନ କୁକୁର ଦ୍ୱାରା ଘଟଣାର ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ଅପରାଧୀମାନଙ୍କୁ ପୋଲିସ ଠାବ କରିଥିବା ବେଳେ ସେମାନେ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ଶ୍ରୀ ମଲିକ ପ୍ରକାଶ କରିଛନ୍ତି।

**ବାହାର ରତ୍ନଭଣ୍ଡାର**

# ଦ୍ୱିତୀୟ ଦିନରେ ୬ଘଣ୍ଟା ଗଣତିମଣତି



**ପୁରୀ,୯।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କର ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଆଜି ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିନରେ କଡା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଜାରୀ ରହିଛି ଶ୍ରୀମନ୍ଦିର ରତ୍ନ ଭଣ୍ଡାରରେ (ବାହାର ରତ୍ନଭଣ୍ଡାର) ଗଚ୍ଛିତ ଅଲଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା। ଆଜି ରତ୍ନଭଣ୍ଡାର ଅଲଙ୍କାର ଆଦିର ଗଣତି କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟ ମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷ ଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହେବାପରେ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କୌଣସି ପ୍ରକାର ଚାପର ବଶବର୍ତ୍ତୀ ନହୋଇ ନିଷ୍ଠାର ସହ ଗଣତି କାର୍ଯ୍ୟ ମାର୍ଗଦର୍ଶିକା ପ୍ରକାରେ ପୂର୍ବଦିନ ପରି ସମ୍ପାଦନ ନିମନ୍ତେ ଜାରୀ ରଖିବାକୁ ଶ୍ରୀମନ୍ଦିର ବଣିଆ ସେବକ, ତଢ଼ାଉ କରଣ, ଦେଉଳ କରଣ ଙ୍କୁ ସମ୍ବୋଧିତ କଲାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ , ଡ଼.ଅରବିନ୍ଦ ପାଢୀ ଙ୍କ ଏବଂ ରତ୍ନ ଭଣ୍ଡାର ଉଚ୍ଚସ୍ତରୀୟ କମିଟି ସଦସ୍ୟ ଙ୍କ ନେତୃତ୍ୱରେ ଛତିଶା ନିଯୋଗ ନାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ,ଅଧିକୃତ ବରିଷ୍ଠ ଅଧିକାରୀ, ରତ୍ନ ଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ଘ.୧୦.୫୫ ମିନିଟ ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ବୃନ୍ଦ ପାରମ୍ପରିକ ପୋଷାକ ପରିଧାନ ପରେ ମୁଖ୍ୟ ପ୍ରଶାସକ ସଦସ୍ୟ ମାନଙ୍କୁ ଗଣତି ପ୍ରକ୍ରିୟା ଶୃଙ୍ଖଳା ର ସହ ପରମ୍ପରା ପ୍ରକାରେ ସଂପାଦନ ସମ୍ପର୍କରେ ପୁନଃ ସତର୍କ କଲାପରେ ମୁଖ୍ୟ ପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟ ବୃନ୍ଦଙ୍କ ସହ ଶ୍ରୀମନ୍ଦିରର ଆରାଧ୍ୟ ଦେବୀ ମା ' ବିମଳା, ମା' ଭୁବନେଶ୍ୱରୀ, ମା' ବେଢ଼ାକାଳୀ, ଶେଷରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ ଆଶିଷ ଆଣିବା ପରେ ବେହରଣ ଦ୍ୱାର ନିକଟରେ ସୁରକ୍ଷା ଦୃଷ୍ଟିରୁ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ହୋଇ ଗଣତି ପ୍ରକ୍ରିୟାରେ ସାମିଲ ସଦସ୍ୟମାନେ ଭିତରକୁ ପ୍ରବେଶ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୧୨ଟା ୫ ମିନିଟରେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ଭଣ୍ଡାର ମେକାପ ଯୋଗାଉଥିବା ଅଲଙ୍କାର ଆଦିର ଗଣତି ପ୍ରକ୍ରିୟାରେ ସାମିଲ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟ ବୃନ୍ଦଙ୍କ ଯାଞ୍ଚ ପୂର୍ବକ ସଠିକ୍ ଢଙ୍ଗରେ ସମସ୍ତ ପ୍ରକ୍ରିୟା ସଂପାଦନ ସହ ଗଣତି ଅଲଙ୍କାର ଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରୀଡ଼ି ସ୍କାନିଙ୍ଗ ସହ ଇ-କାଟାଲଗ୍ କରାଯାଇଥିଲା। ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନ ଭଣ୍ଡାର ଦ୍ୱାର ସନ୍ଧ୍ୟା ୬ଟା ୧୦ମିନିଟ୍‌ରେ ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖାଯାଇଥିଲା। ଆଜି ପ୍ରାୟ ୬ ଘଣ୍ଟା ଧରି ଗଣତି ମଣତି ହୋଇଥିଲା। ସବୁଠାରୁ ବଡ କଥା ହେଉଛି ଭିତର ଚନ୍ଦନ ଯାତ୍ରା ସମୟରେ ସେବାୟତଙ୍କ ସହ ଆଲୋଚନା କରାଯାଇ ଗଣତି ମଣତି ସମ୍ଭାବନା ରହିଛି ବୋଲି କହିଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସରକାରଙ୍କ ମାର୍ଗଦର୍ଶିକା ପ୍ରକାରେ ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିନର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସମସ୍ତ ସେବକ ନିୟୋଜିତ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୋଲିସର ସଂପୃକ୍ତ କର୍ମଚାରୀଙ୍କ ସମେତ ସମସ୍ତ ଭକ୍ତ ଗଣ ଏବଂ ଗଣମାଧ୍ୟମ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଏବଂ ଧନ୍ୟବାଦ୍ ଅର୍ପଣ କରିଥିଲେ ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢୀ।

**ପୁଲିସ ସହାୟତା କେନ୍ଦ୍ର ନିକଟରେ ବେଆଇନ୍ ପଥର ଖନନ**

# ସ୍ପେସାଲ୍ ଟିମ୍ ଦ୍ୱାରା ୫ ଟ୍ରକ୍, ୧ ଜେସିବି ଓ ପାୱାର ଟିଲର୍ ଜବତ

**ଡେଲାଙ୍ଗ,୯।୪/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଞ୍ଚଳର ସ୍ଥାନରେ ବେଆଇନ୍ ମାଙ୍କଡା ପଥର ଖନନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଯାହାଫଳରେ ପୁରୀ ଏସପିଙ୍କ ନିର୍ଦ୍ଦେଶକ୍ରମେ ସ୍ପେସାଲସ୍କ୍ୱାର୍ଡ ମଙ୍ଗଳବାର କୁଆପଦା ସନ୍ନିକଟ ପଥର ଖଣିରେ ଚଢାଉକରି ୫ଟି ଟ୍ରକ୍, ୧ଟି ଜେସିବି ଓ ୨ଟି ପାୱାର ଟିଲର ଜବତ କରିଥିବା ବେଳେ ଗାଡି ଚାଳକମାନଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି। ଘଟଣା ଅନୁଯାୟୀ ଘୋରଡିଆ ପୋଲିସ ସହାୟତା କେନ୍ଦ୍ରଠାରୁ ମାତ୍ର ୭ଶହ ମିଟର ଦୂରରେ ମାଙ୍କଡା ପଥର ଖନନ କରାଯାଉଥିବା ନେଇ ସ୍ପେସାଲସ୍କ୍ୱାର୍ଡ ଖବର ପାଇଥିଲା। ପରେ ମାଙ୍କଡା ପଥର ଖନନ କରାଯାଉଥିବା ସ୍ଥାନରେ ଏହି ଟିମ୍ ଚଢଉ କରିଥିଲା। ପଥର ଖନନରେ ନିୟୋଜିତ ହୋଇଥିବା ମେସିନ୍ ଓ ଟ୍ରକ ଗୁଡିକୁ ଜବତ କରାଯାଇଛି। ଘୋରଡିଆ ପୋଲିସ ସହାୟତା କେନ୍ଦ୍ର ଠାରୁ ମାତ୍ର ଅନତି ଦୂରରେ ପଥର ଖନନ କରାଯାଉଥିବା ବେଳେ ସହାୟତା କେନ୍ଦ୍ର ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ କେମିତି ଜାଣିପାରିଲେନି ତାହା ସାଧାରଣରେ ପ୍ରଶ୍ନ ବାଚି ସୃଷ୍ଟିକରିଛି। ଅନ୍ୟପଟେ ଡେଲାଙ୍ଗ ଥାନାର ରେଙ୍ଗଳ, ଗୋଡିପୁଟ-ମାଟିଆପଡା, ଜମୁନା-ଝାରପଡା, ବରପଦା ଅଞ୍ଚଳର ଦିବାଆଲୋକରେ ବେଧଡକ ବେଆଇନ୍ ମାଙ୍କଡା ପଥର ଖନନ କରାଯାଉଛି। ସୂଚନାଥାଉକି ମାର୍ଚ୍ଚ ୨୭ ତାରିଖରେ ବରପଦା ମୌଜାର ତାଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ବେଆଇନ୍ ଖଣି ଖନନ ନେଇ ଖଣି ମାଫିଆଙ୍କ ମଧରେ ବିବାଦ ଉପୁଜିଥିଲା। ଯାହା ଫଳରେ ଖଣିରେ୨ଟି ଜେଜିବି ପୋଡି ଘଟଣା ଘଟିଥିଲା। ବେଆଇନ୍ ଖଣି ଖନନ ଯୋଗୁ ଜଙ୍ଗଲ ଜମି ନଷ୍ଟ ହେଉଥିବା ବେଳେ ଖଣି ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ରାସ୍ତା ଓ ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ



**ଫୁଲନଖରା,୯।୪/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ଫୁଲନଖରା ଛକରୁ ନୂଆକାଚରାମାଳ ଜୟାଗଡ଼ା ୫ଶହ ମିଟର ଦୈର୍ଘ୍ୟ ସିମେଣ୍ଟ କଂକ୍ରିଟ ରାସ୍ତା ଓ ପୁରୁଣାକାଚରାମାଳ ନିକଟ ପୁରୀ ମେନ କେନାଲଠାରୁ ଗ୍ରାମଦେବତୀଙ୍କ ପର୍ଯ୍ୟନ୍ତ ନୂତନ ରାସ୍ତାକୁ ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଉଦଘାଟନ କରିଛନ୍ତି। ଏତଦ ସହିତ ଫୁଲନଖରା ବଜାରଠାରୁ ନୂଆକାଚରାମାଳ ସର୍ଭିସ ରୋଡ଼ର ଆଲୋକୀକରଣ ବ୍ୟବସ୍ଥାକୁ ମଧ୍ୟ ବିଧାୟକ ଲୋକାର୍ପଣ କରିଛନ୍ତି। ଏହି ଉପଲକ୍ଷେ ସ୍ୱାଧୀନଚେତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ପୋରେଟର ମମତା ମହାନ୍ତି, ସିଏମସି ସହକାରୀ ଯନ୍ତ୍ରୀ ଗୀତାରାଣୀ ସାହୁ, ନିହାରରଞ୍ଜନ ପଣ୍ଡା, ପ୍ରମୋଦ ଓଝା, ଗୁଣନିଧି ପଟ୍ଟନାୟକ, ବଦ୍ରିନାରାୟଣ ପଟ୍ଟନାୟକ, ଠାକୁରପ୍ରସାଦ ଦାସ, ପ୍ରସନ୍ନ ପ୍ରଧାନ, ପ୍ରଶାନ୍ତ ଦଳାଇ ଓ ଦୀପ୍ତିରଞ୍ଜନ ଜେନା ଅତିଥିରୂପେ ଯୋଗଦେଇଥିଲେ। ମୁରବି, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ ଏହି ରାସ୍ତା ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିବା ସହିତ ଜଳ ନିଷ୍କାସନ ହୋଇନପାରିବାରୁ ବର୍ଷା ଦିନେ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ।

# ରାମଲୀଳା ଯାତ୍ରାର ଅନ୍ତିମ ଦିବସରେ ଶ୍ରୀରଘୁନାଥ ଜିଉଙ୍କ ରାଜ୍ୟାଭିଷେକ



**ମୁଣ୍ଡମୁହାଣ,୯।୪/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱ ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମର ପଣ୍ଡିତ ପ୍ରଭାକର ମହାପାତ୍ରଙ୍କ ରଚିତ ୮୧ତମ ଐତିହାସିକ ରାମ ନାଟକ ରାମ ଅଭିଷେକ ଯାତ୍ରାର ଅନ୍ତିମ ଦିବସ ବେଶ୍ ମନମୁଗ୍ଧକର ହୋଇଥିଲା। ପଣ୍ଡିତ ପ୍ରଭାକର ମହାପାତ୍ର ୧୯୪୨ ମସିହାରେ ରାମଲୀଳା ପାଣ୍ଡୁଲିପି ଆରମ୍ଭ କରି ୧୪୪୫ ମସିହାରେ ସ୍ଥାନୀୟ ମୁଣ୍ଡମୁହାଣ ଗ୍ରାମର ଯୁବକମାନଙ୍କୁ ନେଇ ଏକ ସଂଗଠନ ଗଢି ଏହି ଗୀତି ନାଟକ ଆରମ୍ଭ କରିଥିଲେ। ପଣ୍ଡିତ ପ୍ରଭାକର ମହାପାତ୍ରଙ୍କ ଏହି ଗୀତିନାଟକ ୧୮ ଟି ସ୍ଥାନରେ ପରିବେଷଣ କରାଯାଇଥିଲା। ସେଥି ମଧ୍ୟରୁ ସର୍ବ ପ୍ରଥମେ ଗଢିଉଠିଥିବା ମୁଣ୍ଡ ମୁହାଣର ଐତିହାସିକ ରାମ ନାଟକ ଅନନ୍ୟ। ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କାପତି ରାବଣକୁ ନିଧନ କରିସାରିବା ପରେ ସୀତା ମାତାଙ୍କୁ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି। ବାଟରେ ବିଭିନ୍ନ ସ୍ଥାନ ସୀତାମାତାଙ୍କୁ ଦେଖାଇଥାନ୍ତି ଏବଂ ଶେଷରେ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ଆସି ବିଶ୍ରାମ କରନ୍ତି। ଭରଦ୍ୱାଜଙ୍କ ଆଶ୍ରମରୁ ଶ୍ରୀ ହନୁମାନ ବାର୍ତ୍ତା ଦେଇ ଅଯୋଧ୍ୟା ପ୍ରେରଣ କରିବା ସମୟରେ ବାଟରେ ଗୁହ୍ୟକ ଶବର ସହ ଦେଖାହୁଅନ୍ତି। ଅନ୍ୟପଟେ ଭରତ ମହାରାଜା ଶ୍ରୀରାମଙ୍କ ଆଗମନକୁ ପ୍ରତୀକ୍ଷା କରି ସମସ୍ତ ଅଯୋଧ୍ୟାପୁରୀ ସାଜସଜ୍ଜା କରିଦେଇଥାନ୍ତି। ପରେ ବିଭୀଷଣଙ୍କ ସିଂହାସନ ରୋହଣ, ସୀତାଙ୍କ ଅଗ୍ନି ପରୀକ୍ଷା ହୁଏ। ଶେଷରେ ବିଭୀଷଣଙ୍କ ଅନୁରୋଧ କ୍ରମେ ଶ୍ରୀରାମ, ଲକ୍ଷଣ, ସୀତା, ବାନର ସେନା ପୁଷ୍ପକ ଯାନରେ ବସି ଅଯୋଧ୍ୟା ଗମନ କରନ୍ତି। ଏହି ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ଥିଲା। ବିଭିନ୍ନ ଭୂମିକାରେ, ଭରତ ବାରିକ(ରାମ), ସୁନୀଲ ମଙ୍ଗରାଜ (ଲକ୍ଷ୍ମଣ), ଅନିଲ୍ ପରିଡ଼ା(ଭରତ), ବେଣୁଧର ପ୍ରଧାନ(ଶତ୍ରୁଘ୍ନ), ମୁରଲୀ ପ୍ରଧାନ(ସୀତା), ଶଙ୍କର୍ଷଣ ମଙ୍ଗରାଜ(ହନୁମାନ), ରବିନାରାୟଣ ମହାପାତ୍ର(ଭରଦ୍ୱାଜ), ରବୀନ୍ଦ୍ର ବାରିକ (କୌଶଲ୍ୟା), ଦାଶରଥି ସ୍ୱାଇଁ(ବିଭୀଷଣ) ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଦୀର୍ଘସମୟ ବାନ୍ଧି ରଖିଥିଲା।

# ଷ୍ଟେସନରୁ ଚୋରି ଶିଶୁପୁତ୍ର ରଣପୁରରୁ ଉଦ୍ଧାର

**ଭୁଷଣ୍ଡପୁର,୯।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳଷ୍ଟେସନରୁ ୪ମାସର ଶିଶୁପୁତ୍ର ଚୋରି ଅଭିଯୋଗ ଘଟଣା ନିଖୋଜ ଶିଶୁପୁତ୍ର ୨୪ଘଣ୍ଟା ମଧ୍ୟରେ ନୟାଗଡ ରଣପୁରରୁ ଉଦ୍ଧାର।ସ୍ୱାମୀ, ସ୍ତ୍ରୀ ଓ ଶିଶୁପୁତ୍ର ପ୍ଲାଟଫର୍ମରେ ବିଶ୍ରାମ ନେଉଥିବା ସମୟରେ ମା' କୋଳରୁ ଶିଶୁପୁତ୍ର ହୋଇଛି ଚୋରି ଏନେଇ ନିରାକାରପୁର ରେଳବାଇ ପୋଲିସରେ ଅଭିଯୋଗ ହୋଇଥିଲା। ତେବେ ନିଖୋଜ ଶିଶୁପୁତ୍ରକୁ ଉଦ୍ଧାର କରିଛି ରେଳବାଇ ପୋଲିସ। ନିଖୋଜ ଶିଶୁପୁତ୍ର ଚୋରି ଘଟଣାରେ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ, ଶାଳୀ ଚିନୁଲତା ପରିଡା ଓ ସ୍ତ୍ରୀ ମିନୁଲତା ପରିଡାଙ୍କ ରହିଥିଲା ସଂପୃକ୍ତି। ସୂଚନାରୁ ପ୍ରକାଶ ଯେ ନୟାଗଡ଼ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମର ପ୍ରଶାନ୍ତ ପ୍ରଧାନ ତାଙ୍କ ଶାଳୀ ଚିନୁଲତା ପରିଡା ଓ ତାଙ୍କର ୪ମାସର ଶିଶୁପୁତ୍ର ଟ୍ରେନ୍ ଯୋଗେ ତାମିଲନାଡୁ ଯିବାର ଥିଲା। ରାତିରେ ନିରାକାରପୁର ଷ୍ଟେସନ ଆସି ପ୍ଲାଟ୍‌ଫର୍ମରେ ଟ୍ରେନ୍ ସମୟକୁ ଅପେକ୍ଷାକରି ରହିଥିଲେ। ସମସ୍ତେ ନିରାକାରପୁର ଷ୍ଟେସନର ୩ନମ୍ବର ପ୍ଲାଟଫର୍ମରେ ବିଶ୍ରାମ ନେଉଥିଲେ। ପୂର୍ବରୁ ପ୍ରଶାନ୍ତ ବିବାହିତ ତା'ର ସ୍ତ୍ରୀ ଅଛି ହେଲେ ଶାଳୀ ସହିତ ସମ୍ପର୍କକୁ ଲୁଚାଇବାକୁ ଯାଇ ରଚିଥିଲା ନାଟକ। ଶାଳୀର ଏକ ଶିଶୁପୁତ୍ର ହେବା ପରେ ଘରେ କଳହ ଉପୁଜିଥିବାରୁ ପ୍ରଶାନ୍ତ ଏହି ଶିଶୁପୁତ୍ର ଅପହରଣ ନାଟକ ବାଜି କରିଥିଲା। ରେଳବାଇ ପୋଲିସ ପ୍ରଶାନ୍ତ ଓ ତାର ପ୍ରଥମ ସ୍ତ୍ରୀକୁ ଖୋର୍ଦ୍ଧା ରୋଡ ରେଳବାଇ ଥାନାରେ ଅଟକ ରଖୁ ଅଧିକ ତଦନ୍ତ ଜାରି ରଖିଛି। ସେପଟେ ପ୍ରଶାନ୍ତ ନିଜ ଶାଳୀ ସହ ସମ୍ପର୍କକୁ ଲୁଚାଇବାକୁ ଏସବୁ କରିଥିବାର ସ୍ୱୀକାର କରିଛି। ସେପଟେ ପ୍ରଶାନ୍ତ ଶାଳୀକୁ ମାରପିଟ କରୁଥିବାର କହିଛନ୍ତି ଚିନୁଲତା ପରିଡା। ଅନ୍ୟପଟେ ନିଜ ଭଉଣୀର ଏଭଳି ସମ୍ପର୍କ ବିଷୟରେ ଜାଣିବା ପରେ ସମସ୍ତେ ଏକାଠି ରହିବେ ବୋଲି କହିଛନ୍ତି। ଖୋର୍ଦ୍ଧା ରୋଡ଼ ଜିଆର୍‌ପି ପୋଲିସ ଅଭିଯୁକ୍ତ ପ୍ରଶାନ୍ତକୁ କୋର୍ଟଚାଲାଣ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି।

# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ କାର୍ଯ୍ୟକାରିଣୀ ବୈଠକ



**କୋଣାର୍କ,୯।୪/ଏନ୍‌ଏନ୍‌ଏସ୍:** ବୁଧବାର କୋଣାର୍କ ଚନ୍ଦ୍ରଭାଗା ଠାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପୁରୀ ଜିଲ୍ଲା ଅନୁସୂଚୀତ ଜାତି ବିଭାଗ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସଭାପତି ଗୋବିନ୍ଦ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ମାନସ ମଲ୍ଲିକ, ରାଜ୍ୟ ସମ୍ପାଦକ ପ୍ରତାପ କୁମାର କାଣ୍ଡି, କାକଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ, ପିସିସି ସମ୍ପାଦିକା ଅନିମା ମିଞ୍ଜ, ଅନୁସୂଚୀତ ଜାତି ବିଭାଗ କୋଷାଧ୍ୟକ୍ଷ କାର୍ତ୍ତିକ ମଲ୍ଲିକ, ସଧାରଣ ସମ୍ପାଦକ ବିକାଶ ମଲ୍ଲିକ, ମିଡ଼ିଆ ସେଲ ଅଧ୍ୟକ୍ଷ ଇମ୍ରାନ ଖାଁ, କୋଣାର୍କ ନଗର କଂଗ୍ରେସ ସଭାପତି ସ୍ୱାଧୀନ କୁମାର ନାୟକ, ଗୋପ ବ୍ଲକ ସଭାପତି ଭାସ୍କର ଶେଠ୍, ପୁରୀ ଜିଲ୍ଲା ସମ୍ପାଦକ ସୁବାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ଏକ ନିଶା ନିବାରଣ ଅଭିଯାନ ଆରମ୍ଭ ହୋଇ ପ୍ରଥମ ପର୍ଯ୍ୟାୟରେ ୧୩ ଟି ଜିଲ୍ଲା ପରିଭ୍ରମଣ କରି ଜନ ସଚେତନା ସୃଷ୍ଟି କରିବ। ଏହାକୁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଆସନ୍ତା ୧୪ ତାରିଖରେ ଶୁଭ ଆରଂଭ କରିବା ନେଇ ସ୍ଥିରୀକୃତ କରାଯାଇଛି। ପୁରୀ ଜିଲ୍ଲା ସମେତ ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ ଓ ଅନୁଗୋଳ ଆଦି ଜିଲ୍ଲା ପରିଭ୍ରମଣ କରି ଭୁବନେଶ୍ୱରରେ ସମାପ୍ତି ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ପୁରୀ ଜିଲ୍ଲାର ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଧାକୁଲେଈ ଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଫୁଲନଖରା,୯।୪/ଏନ୍‌ଏନ୍‌ଏସ୍:** ସିଏମସି ୫୮ନମ୍ବର ୱାର୍ଡ଼ ଅନ୍ତର୍ଗତ ପ୍ରତାପନଗରୀଠାରେ ଚୈତ୍ର ପୂର୍ଣ୍ଣମୀଠାରୁ ୮ଦିନ ଧରି ଚାଲିଥିବା ମା'ଧାକୁଲେଈଙ୍କ ପ୍ରସିଦ୍ଧ ବାଣଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି।

ଯାତ୍ରା ଆୟୋଜନକାରୀ ମା' ଧାକୁଲେଈ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନ ସମାରୋହରେ ଭୁବନେଶ୍ୱର-କଟକ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ, ସିଏମସି କମିସନର କୀରଣଦୀପ କୌର ସହୋତା, ଡେପୁଟୀ କମିସନର ଜୁବୁଲୀ ବେହେରା, ଏସିପି ଅମିତାଭ ମହାପାତ୍ର, ସଦର ଆଇଆଇସି ତୁଷାରକାନ୍ତ ସେଠୀ, ଅତିରିକ୍ତ ଆଇଆଇସି ପ୍ରଶାନ୍ତକୁମାର ପାଣି, ଗୋପାଳପୁର ମଣ୍ଡଳ ବିଜେପି ସଭାପତି ନିହାରରଂଜନ ପଣ୍ଡା, ଆଞ୍ଚଳିକ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ସ୍ୱାଧିନଚେତା ମହାନ୍ତି, କଟକ ସଦର ପ୍ରେସ୍ ସଭାପତି ସୁରେନ୍ଦ୍ର ମହାପାତ୍ର, କମିଟି ସହ ସମ୍ପାଦକ ବାଦଲ କୁମାର ଜେନା, ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମକେଶରୀ ଶତପଥି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଞ୍ଚଳର ମୁରବି, କଳାକାର, ସମାଜସେବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# କୋଟିପତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗିରଫ

**ଭୁବନେଶ୍ୱର,୯।୪/ଏନ୍‌ଏନ୍‌ଏସ୍:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଜଳସେଚନ ମଣ୍ଡଳର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରିଛି । ଚଢ଼ଉରେ ଶ୍ରୀ ମହାନ୍ତିଙ୍କଠୁ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି । ସମ୍ପତ୍ତି ନେଇ ସେ ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ତଦନ୍ତ ସମୟରେ ଭୁବନେଶ୍ୱରରେ ଏକ ବହୁତଳ ବିଶିଷ୍ଟ ଆଡମ୍ବରପୂର୍ଣ୍ଣ ଘର, ୧.୭୧ ଏକର ଜମିରେ ୪୦୦୦ ବର୍ଗଫୁଟ୍ ଅଞ୍ଚଳରେ ଥିବା ଦୁଇ ମହଲା ବିଶିଷ୍ଟ ଫାର୍ମହାଉସ, ୮ଟି ଦାମୀ ପ୍ଲଟ୍, ବ୍ୟାଙ୍କ ଡିପୋଜିଟ୍ ୧.୮୧ କୋଟି ଟଙ୍କା, ନଗଦ ୬.୨୩ ଲକ୍ଷ ଟଙ୍କା, ୩୫୦ ଗ୍ରାମ ସୁନା, ୧୩.୪୭ ଲକ୍ଷ ଟଙ୍କାର ଫ୍ଲାଇଟ ଟିକେଟ, ଘର କରଣା ସାମଗ୍ରୀ ୩୫.୫୭ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ । ଏହାବ୍ୟତୀତ ୩ଟି ବାଇକ, ୨ଟି ଚାରିଚକିଆ ଗାଡ଼ି ଭିଜିଲାନ୍ସ ଜବତ କରିଛି ।

# ଖରାଛୁଟି ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୪ /ଏନ୍‌ଏନ୍‌ଏସ୍:** ଖରାଛୁଟି ଆରମ୍ଭ ହେବା ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବଣ୍ଟାଯିବ ୟୁନିଫର୍ମ । ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ପାଇଁ ସମସ୍ତ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଓସେପା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଶିଶୁବାଟିକାରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ବଣ୍ଟନ କରାଯିବ । ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ୨୦୨୫-୨୬ ବର୍ଷ ପାଇଁ ଚୟନ ହୋଇଥିବା ସମାନ ଏଜେନ୍ସି ଏବଂ ସପ୍ଲାଏର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ୟୁନିଫର୍ମ ଯୋଗାଇବେ । ଗତବର୍ଷ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟନରେ ଅହେତୁକ ବିଳମ୍ବ ପରେ ଏବେ ଆଗୁଆ ସତର୍କ ହୋଇଛି ଓସେପା । ବିଭିନ୍ନ ଗଣମାଧ୍ୟମରେ ପୋଷାକ ବଣ୍ଟନ ବିଳମ୍ବ ନେଇ ଖବର ପ୍ରସାରଣ ପରେ ତତ୍ପରତା ପାଇଥିଲା । ବିଶେଷ କରି ଗତ ବର୍ଷ ୟୁନିଫର୍ମ ଯୋଗାଣ ପାଇଁ ଏଜେନ୍ସି ଓ ସପ୍ଲାଏୟର ଚୟନରେ ବିଳମ୍ବ ହୋଇଥିବାରୁ ଏଥର ସେହି ଏଜେନ୍ସି ଓ ସପ୍ଲାଇୟରଙ୍କୁ ପୋଷାକ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ୧୦ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

# ମାଓ ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ' ଯୋଜନାର ସଫଳ ରୂପାୟନ ପାଇଁ ନିର୍ଦ୍ଦେଶ

## ସମୟସୀମା ମଧ୍ୟରେ ସରକାରୀ ସେବା ଯୋଗାଇଦେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୯।୪ /ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୧୦ଟି ଜିଲ୍ଲା ଯଥା - ବରଗଡ଼, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ାର ଜିଲ୍ଲାପାଳମାନଙ୍କୁ 'ଗ୍ରାମୋଦୟ' କାର୍ଯ୍ୟକ୍ରମକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧୯ ମାର୍ଚ୍ଚ ୨୦୨୬ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକର ଆଲୋଚନା ଅନୁଯାୟୀ, 'ଗ୍ରାମୋଦୟ' ଯୋଜନାର ଲକ୍ଷ୍ୟ ହେଉଛି ମାଓବାଦୀ ପ୍ରଭାବିତ ଗ୍ରାମଗୁଡ଼ିକରେ ସରକାରୀ ଯୋଜନା ଏବଂ ମୌଳିକ ସୁବିଧାସୁଯୋଗ ସୁଚାରୁରୂପେ ପହଞ୍ଚାଇବା ସହିତ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ହ୍ରାସ କରି ବିଶ୍ୱାସ ବୃଦ୍ଧି କରିବା । ଏଥିନିମନ୍ତେ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୩୯ଟି ବ୍ଲକ୍‌ର ୪୮୪ଟି ଗ୍ରାମରେ ରହୁଥିବା ବାସହୀନ



ପରିବାରଙ୍କୁ ୧୫ ମେ ୨୦୨୬ ମଧ୍ୟରେ ସର୍ଭେକ୍ଷଣ ମାଧ୍ୟମରେ ଚିହ୍ନଟ କରି 'ବସୁନ୍ଧରା ଯୋଜନା' ଅନ୍ତର୍ଗତ ଭୂମି ପ୍ରଦାନ ଓ ଜମିପଟ୍ଟା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଏହି ସବୁ ଅଞ୍ଚଳରେ ଇ - ଡିଷ୍ଟ୍ରିକ୍ଟ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦିକୁ ସମୟସୀମା ଭିତରେ ପ୍ରାଥମିକତା ଆଧାରରେ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ରହିଛି । 'ଗ୍ରାମୋଦୟ' ଯୋଜନାର ଅଗ୍ରଗତି ସମ୍ପର୍କିତ ସମସ୍ତ ଡାଟା ସଂରକ୍ଷଣ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ସମୟୋପଯୋଗୀ ସମୀକ୍ଷା ମାଧ୍ୟମରେ ନିୟମିତ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରାଜସ୍ୱ ବିଭାଗର ଖାଲି ପଦବୀଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାମାନଙ୍କୁ ବିଭିନ୍ନ ସଫଳତା କାହାଣୀ, ଫଟୋ ଓ ଭିଡିଓ ସଂଗ୍ରହ କରି ବିଭାଗର ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବା ସହ ପ୍ରଚାରପ୍ରସାର ନିମନ୍ତେ ପ୍ରେରଣ କରିବାକୁ କୁହାଯାଇଛି । ସେହିପରି ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଅଧିକ ଫଳପ୍ରଦ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କ ଠାରୁ ଉପାଦେୟ ପ୍ରସ୍ତାବ ମଧ୍ୟ ଆହ୍ୱାନ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଏହି ପଦକ୍ଷେପମାନଙ୍କ ମାଧ୍ୟମରେ ମାଓପ୍ରବଣ ଅଞ୍ଚଳର ସାମଗ୍ରିକ ଉନ୍ନତିକୁ ସୁଦୂରପ୍ରସାରୀ କରିବା ସହ ଲୋକାଭିମୁଖୀ ସୁଶାସନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଛନ୍ତି ।

## ମିଶନ ଶକ୍ତି ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ ଶୁଭାରମ୍ଭ

# ୫ ଜିଲ୍ଲାର ୫,୦୦୦ ଏସ୍‌ଏଚ୍‌ଜି ସଦସ୍ୟା ନେବେ ପ୍ରଶିକ୍ଷଣ

**ଭୁବନେଶ୍ୱର,୯।୪ /ଏନ୍‌ଏନ୍‌ଏସ୍:** ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ମିଶନ ଶକ୍ତି ପକ୍ଷରୁ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପରିଡ଼ା କହିଥିଲେ ଯେ, ମହିଳା ସଶକ୍ତିକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ । ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ବିଚରଣ କରିପାରିବେ ଏବଂ ନିର୍ଭୟରେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ । ଏଥିସହ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ଶ୍ରୀମତୀ




ରାହତକର କହିଥିଲେ ଯେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ । ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଯଥା- ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ୨୩ ଯାଏଁ ପାଳିତ ହେବ 'ପୋଷଣ ପକ୍ଷ'

**ଭୁବନେଶ୍ୱର,୯।୪ /ଏନ୍‌ଏନ୍‌ଏସ୍:** ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ଦ୍ୱାରା ଆଜି ୮ମ ପୋଷଣ ପକ୍ଷ-୨୦୨୬ ର ଭବ୍ୟ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ. ମୃଣାଳିନୀ ଦର୍ସ୍ୱାଲ ଉପସ୍ଥିତ ରହି 'ସୁପୋଷିତ ଓଡ଼ିଶା' ଗଠନ ଦିଗରେ ରାଜ୍ୟର ସଫଳ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଏପ୍ରେଲ ୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଏହି ପୋଷଣ ପକ୍ଷରେ ଶିଶୁର ଜୀବନର ପ୍ରଥମ ୬ ବର୍ଷରେ ମସ୍ତିଷ୍କ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏହି ଅଭିଯାନ ମୁଖ୍ୟତଃ ପାଞ୍ଚଟି ପ୍ରମୁଖ ଦିଗ ଉପରେ ପର୍ଯ୍ୟବେସିତ, ଯଥା: ମା' ଓ ଶିଶୁ ପାଇଁ ଉତ୍ତମ ପୋଷଣ, ୦-୩ ବର୍ଷର ଶିଶୁଙ୍କ ପାଇଁ ପ୍ରାରମ୍ଭିକ ଉଦ୍ଦୀପନା, ୩-୬ ବର୍ଷର ଶିଶୁଙ୍କ ପାଇଁ ଖେଳ ଆଧାରିତ ଶିକ୍ଷା, ମୋବାଇଲ ଓ ଲ୍ୟାପଟପ୍ ଭଳି ସ୍କ୍ରିନ୍ ସମୟ କମାଇବାରେ ଅଭିଭାବକଙ୍କ ଭୂମିକା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସଶକ୍ତିକରଣ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଯେଉଁଠାରେ ବିଭିନ୍ନ ସହଯୋଗୀ ବିଭାଗର ଅଧିକାରୀମାନେ ସାମିଲ ହେବା ସହ ସମଗ୍ର ଓଡ଼ିଶାର ଅଙ୍ଗନବାଡ଼ି କର୍ମୀ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ପଦାଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଆଗାମୀ ୧୫ ଦିନ ଧରି ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରି ଶିଶୁର ସର୍ବାଙ୍ଗୀନ ବିକାଶକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ହୋଇଛନ୍ତି ।

## କିସ୍ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅମ୍ବାନୀଙ୍କ ଉପହାର

# ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ

**ଭୁବନେଶ୍ୱର,୯।୪ /ଏନ୍‌ଏନ୍‌ଏସ୍:** ନିଜ ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ ଭଳି ଅନେକ ଘୋଷଣା କରିଛନ୍ତି ଅନନ୍ତ ଅମ୍ବାନୀ । ଆଜି ନିଜ ଜନ୍ମଦିନ ପାଳନ ଅବସରରେ ଅନନ୍ତ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ରିଲାଏନ୍ସ ଗ୍ରୁପରେ ଚାକିରି ସୁଯୋଗ ସହ ଚଳିତ ଶିକ୍ଷାବର୍ଷରେ କିସ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜିସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପରମାନଙ୍କୁ ଅନନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶାଳ ବନ୍ୟପ୍ରାଣୀ କେନ୍ଦ୍ର 'ବନତାରା' ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରିଛନ୍ତି । ଅନନ୍ତଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ କିସର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ । ଏହା ଜନଜାତି ଯୁବକ ଯୁବତୀଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ । ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ । ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି ବୃଦ୍ଧି କରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି । ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ । ଏହା ସହ ସେମାନଙ୍କ ଶୈକ୍ଷିକ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ଭବିଷ୍ୟତର ଜୀବିକା ନିର୍ବାହରେ ସହାୟକ ହେବ । ଅନନ୍ତଙ୍କ ଜନ୍ମଦିନ ପାଳନର ଅଂଶ ସ୍ୱରୂପ କିସ ଛାତ୍ରଛାତ୍ରୀ ଏକ ବିଶାଳ କେକ୍ କାଟି ଉତ୍ସବ ପାଳନ କରିଥିଲେ । ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନା କରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କିସ ପିଲାମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ ଓ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରଛାତ୍ରୀମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା




'ବନତାରା' ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ

ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ କିସ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସରେ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଛାତ୍ରଛାତ୍ରୀ 'ବନତାରା' ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ । ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଶ୍ରୀ ସାମନ୍ତ ମଧ୍ୟ ଅନନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ ସାମନ୍ତ କହିଲେ, କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି ତାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜବୁତ କରିବ । ଏଭଳି ସମର୍ଥନ ସାଧାରଣ ଜନଜାତି ପୃଷ୍ଠଭୂମିରୁ ଆସୁଥିବା ପିଲାମାନଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖିବା ସହ ସୁଯୋଗର ନୂତନ ଦ୍ୱାର ଖୋଲିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।





ବାଲିଅନ୍ତା ଠାରେ ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ଟ୍ରାନ୍ସମିସନ ଲାଇନ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

## ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା

# ୨୦୨୫-୨୬ରେ ୮୯.୫ ପ୍ରତିଶତ ଅର୍ଥ ଖର୍ଚ୍ଚ

**ଭୁବନେଶ୍ୱର,୯।୪ /ଏନ୍‌ଏନ୍‌ଏସ୍:** ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ୨୦୨୫-୨୬ ବର୍ଷର କାର୍ଯ୍ୟର ସଫଳତା ଏବଂ ୨୦୨୬-୨୭ ବର୍ଷ ପାଇଁ ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ବୈଠକ ଆରମ୍ଭରେ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ବିଭାଗୀୟ ଉପଲବ୍ଧି ସମ୍ପର୍କରେ ଆଲୋଚନା କରିଥିଲେ । ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୮୯.୪୫ ପ୍ରତିଶତ ଅର୍ଥ ବିନିଯୋଗ କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ୮ମ ସ୍ଥାନରେ ଥିବା ବେଳେ, ନୂତନ ଜ୍ଞାନକୌଶଳ ଓ ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି । ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖିବା ସହିତ ଚଳିତ ବର୍ଷରେ ନିଜ ପ୍ରଦର୍ଶନକୁ ନିଜେ ଅତିକ୍ରମ କରିବା ପାଇଁ ଅଧିକ

**ପୂର୍ବବର୍ଷର ସଫଳତାକୁ ଆଧାର କରି ଆହୁରି ଉଚ୍ଚ ଲକ୍ଷ୍ୟ ରଖନ୍ତୁ: ମନ୍ତ୍ରୀ**

ସଂକଳ୍ପ ଓ ପ୍ରୟାସ ସହ କାମ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତ ପ୍ରକାଶ କରିଥିଲେ । ସମୟର ଉପଯୁକ୍ତ ବ୍ୟବହାର ଏବଂ ବିଭାଗୀୟ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ବର୍ଷା ଦିନ ପୂର୍ବରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଉ , ଯେପରି ବର୍ଷା ଛାଡ଼ିବା ମାତ୍ରେ କାମ ଦ୍ରୁତ ଗତିରେ ଆରମ୍ଭ ହୋଇପାରିବ । ଏହି ବୈଠକରେ 'ମିଶନ ପାୱାର' ମାଧ୍ୟମରେ ଅପହଞ୍ଚ ଗାଁଗୁଡିକୁ ପକ୍କା ରାସ୍ତାରେ ଯୋଡ଼ିବା ପାଇଁ ଆଲୋଚନା ମଧ୍ୟ କରାଯାଇଛି । କେଉଁ ଜିଲ୍ଲାରେ କେତେ 'ଅନକନେକ୍ଟେଡ୍ ହାବିଟେସନ୍ସ' ରହିଛି ତାହାର ସବିସ୍ତୃତ ସମୀକ୍ଷା କରାଯାଇଛି ଏବଂ ଲକ୍ଷ୍ୟ ହାସଲ ପାଇଁ ସମୟସୀମା ମଧ୍ୟ ନିର୍ଦ୍ଧାରିତ କରାଯାଇଛି । ଆଗାମୀ ମାସଗୁଡ଼ିକରେ ସଂଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା ହୋଇଥିଲା । ଆବଶ୍ୟକତାମୂଳକ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ସହ ଉନ୍ନୟନର ଲାଭ ସମସ୍ତ ଅଞ୍ଚଳରେ ସମାନ ଭାବରେ ପହଞ୍ଚିବା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜ୍ୟର ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଯୋଜନା ଉପରେ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ନୂତନ ରାସ୍ତା ନିର୍ମାଣ ଭଳି ପୁରୁଣା ରାସ୍ତାର ମରାମତି ଓ ସୁଦୃଢ଼ିକରଣ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । ଉନ୍ନତ ଭିତ୍ତିଭୂମି ହିଁ ସରକାରଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ମଜବୁତ କରିଥାଏ । ବୈଠକରେ ସ୍ୱତନ୍ତ୍ର ଶାସନ ସଚିବ ସର୍ବେଶ୍ୱର ସିଂହ ଏବଂ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତିରେ ରାଜ୍ୟର ସମସ୍ତ ସର୍କଲ ଏବଂ ଡିଭିଜନ ହେଡ ନିଜ ନିଜ ଅଞ୍ଚଳର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।



## ରେଶମ ସହର ମହୋତ୍ସବ ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଚତୁର୍ଥ ଦିବସ

# ପରମ୍ପରା ଓ ପ୍ରଗତିର ପ୍ରାଣବନ୍ତ ପ୍ରତିଛବି ହେଉଛି ରେଶମ ମହୋତ୍ସବ: ମନ୍ତ୍ରୀ



**ବ୍ରହ୍ମପୁର,୯।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡିଆରେ ଚାଲିଥିବା ରେଶମ ସହର ମହୋତ୍ସବ ତା ସହିତ ସୁଭଦ୍ରା ଶକ୍ତି ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ଆଜି ଥିଲା ଚତୁର୍ଥ ଦିବସ। ଆଜିର ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ , ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ମେଳାକୁ ଉଦ୍‌ଘାଟନ କରିଥିଲେ । ପରମ୍ପରା ଓ ପ୍ରଗତିର ପ୍ରାଣବନ୍ତ ପ୍ରତିଛବି ହେଉଛି ରେଶମ ମହୋତ୍ସବ । ଏଠି କଳା, ସାହିତ୍ୟ , ସଂସ୍କୃତି , ଜୀବନ ଓ ଜୀବିକା ଏକାକାର ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ । ଯୁବକ ଯୁବତୀ ଓ ମାତୃଶକ୍ତିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ସଂକଳ୍ପବଦ୍ଧ। ସୁଭଦ୍ରା ଯୋଜନା ଆଜି ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ଶୀଳ କରିପାରିଛି ।ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ହେଉଛି ରାଜ୍ୟ ତଥା ଦେଶର ମେରୁଦଣ୍ଡ । ଏଗୁଡିକ ସଶକ୍ତ ହେଲେ ରାଜ୍ୟ ତଥା ଦେଶ ସଶକ୍ତ ହେବ । ଏହାକୁ ହୃଦୟଙ୍ଗମ କରି କେନ୍ଦ୍ର ତଥା ରାଜ୍ୟ ସରକାର ଅନେକ ଅଭିନବ ଯୋଜନା ନେଇଆସିଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ । ଗଞ୍ଜାମ ଜିଲ୍ଲା ଅଣ୍ଡା ଓ ଦୁଧ ଉତ୍ପାଦନରେ ଆତ୍ମ ନିର୍ଭର ହୋଇପାରିଛି। ବ୍ରହ୍ମପୁର ସହର ପାଖରେ ୫୦ କୋଟି ଟଙ୍କା ବ୍ୟୟରେ ଏକ ଫୁଡ ପ୍ରୋସେସିଂ ପାର୍କ ଓ ପାଖାପାଖି ୫୦୦କୋଟି ଟଙ୍କା ବ୍ୟୟରେ ଗୋପାଳପୁର ଠାରେ ସ୍ମାର୍ଟ ହାର୍ବର ନିର୍ମାଣ କରିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ଯାହାଦ୍ୱାରା ହଜାର ହଜାର ସ୍ଥାନୀୟ ଯୁବକଯୁବତୀ ନିଯୁକ୍ତି ପାଇପାରିବେ ବୋଲି ସେ ସୂଚନା ଦେଇଥିଲେ। ଏମ୍‌କେସିଜି ମେଡ଼ିକାଲର ଉନ୍ନତି ପାଇଁ ୧୯୮୦ କୋଟି ସରକାର ବିନିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଶମ ଯୋଜନା, ପିଏମ ବିଶ୍ୱକର୍ମା ଯୋଜନା ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲ୍ଲାପାଳ ଡ଼ି କୀର୍ତ୍ତି ଓ୍ୱାସନ,ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଆକବରମ ସସ୍ୟା ରେଡ୍ଡୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ସ୍ୱଦେଶୀ ଜାଗରଣ ମଞ୍ଚ ଜିଲ୍ଲା ଯୁଗ୍ମ ସମନ୍ୱୟକ ଶ୍ରୀ ବିଜୟ କୁମାର ପ୍ରଧାନ ଯୋଗ ଦେଇ ଥିଲେ। ୧୦ଜଣ ଉଦ୍ୟୋଗୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାପାଳ ଶ୍ରୀ ଭାସନ ସ୍ୱାଗତଭାଷଣ ପ୍ରଦାନ କରିଥିଲା ବେଳେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ସଙ୍ଗୀତମୟ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଏବଂ ସହଯୋଗୀଙ୍କ ସୁମଧୁର ସଂଗୀତ । ଏହା ସହିତ ସ୍ଥାନୀୟ ସରକାରୀ ୟୁ ଜି ହାଇସ୍କୁଲ, ବିରିବାଟିଆର ଲାଇଭ ଭୋକଲ, ରୀୟଲ୍ ଡାନ୍ସ ଷ୍ଟୁଡିଓର ବଲିଉଡ୍ ଷ୍ଟାଇଲ, ସାଇ ଶ୍ରୀ ନୃତ୍ୟାୟନ ଛତ୍ରପୁର ରାଜସ୍ଥାନୀ, ଗଞ୍ଜାମ ଫଙ୍କ୍ ଡାନ୍ସ ସେଣ୍ଟର୍ ନରେନ୍ଦ୍ରପୁରର ରଣପା ନୃତ୍ୟ, ବ୍ରହ୍ମପୁର କଲାଞ୍ଜଳି ଆର୍ଟିଷ୍ଟଙ୍କ ଦ୍ୱାରା ଆଧୁନିକ ଡ୍ୟାନ୍ସ, ଛତ୍ରପୁର ପ୍ରଗତିକଳା କେନ୍ଦ୍ରର ନବଦୁର୍ଗା ଆଦି ଏବଂ ଭବାନିପାଟଣାରୁ ଆସିଥିବା ଶୁଭମ ଗ୍ରୁପର ବଜାସାଲ ନୃତ୍ୟ ଦର୍ଶକ ମନଭରି ଉପଭୋଗ କରିଥିଲେ ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଫୁଲବାଣୀ, ୯।୪/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ଅଧୀନରେ ଥିବା ସଲାଗୁଡା ଗାଁ ନିକଟରେ ଥିବା ମୁଣ୍ଡିକୂପା ଜଙ୍ଗଲର ଏକ ଆମ୍ବ ଗଛରୁ ଜଣେ ଯୁବକଙ୍କ ମୃତ ଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ସାରଙ୍ଗଗଡ଼ ପୋଲିସ। ମୃତ ଜଣକ ଫିରିଙ୍ଗିଆ ଥାନା ଉପର ଦାଣ୍ଡିକିଆ ଗାଁର ସ୍ୱର୍ଗତ ନୀଳମ୍ବର କହଁରଙ୍କ ପୁଅ କରୁଣାକର କହଁର ବୋଲି ଜଣାପଡିଥିବା ବେଳେ ସେ ଦୀର୍ଘ ବାର ବର୍ଷ ହେବ କେରଳର ଏକ କମ୍ପାନୀରେ ରହି କାମ କରି ଆସୁଥିଲେ । ସୂଚନା ଅନୁସାରେ ବୁଧବାର ସକାଳୁ ସଲାଗୁଡା ଗାଁ ର କିଛି ଲୋକ ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ସମୟରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସାରଙ୍ଗଗଡ଼ ଥାନା ଅଧିକାରୀ ସ୍ମିତା ଜେନା ଏକ ଟିମ ସହ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠେଇ ଦେଇ ଅଧିକ ତଦନ୍ତ ଜାରିରଖିଛନ୍ତି । ଘଟଣାକୁ ନେଇ ସାରଙ୍ଗଗଡ଼ ଥାନା ରେ ୦୪/୨୦୨୬ ରେ ଏକ ଅପମୃତ୍ୟୁ ମାମଲା ମଧ୍ୟ ରୁଜୁ କରାଯାଇଥିବା ଥାନା ଅଧିକାରିଣୀ ସ୍ମିତା ଜେନା ସୂଚନା ଦେଇଛନ୍ତି ।

# ମଝିଆ ଭାଇର ଆକ୍ରମଣରେ ବଡ଼ ଓ ସାନ ଗୁରୁତର

**ବୁଗୁଡା,୯।୪/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ଥାନା ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡି ବିବାଦକୁ ନେଇ ମଝିଆ ଭାଇର ମରଣାନ୍ତକ ଆକ୍ରମଣରେ ବଡ ଓ ସାନ ଭାଇ ଉଭୟେ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ଦୁଇ ଜଣ ହେଲେ ବଡ ଭାଇ ଧୋବା ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟୋ ଗୌଡ (୫୦) ଏବଂ ଆକ୍ରମଣକାରୀ ମଝିଆ ଭାଇ ଜଣକ ହେଲେ ପଞ୍ଚୁ ଗୌଡ(୫୪)। ଘଟଣାରୁ ପ୍ରକାଶ ଯେ, ପୂର୍ବରୁ ଜମିବାଡିକୁ ନେଇ ତିନି ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା। ତେବେ ଗୁରୁବାର ସନ୍ଧ୍ୟାରେ ଧୋବା ଓ ଦୁର୍ଯ୍ୟୋ ଘର ଆଗରେ ଠିଆ ହୋଇ କଥାବାର୍ତ୍ତା ହେଉଥିବା ବେଳେ ପଞ୍ଚୁ ପଛପଟୁ ଆସି ଏକ ଠିଆ କୋଡିରେ ଉଭୟଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲା। ଦୁଇ ଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା। ସେ ଦୁହିଁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଦୁଇ ଭାଇଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆକ୍ରମଣକାରୀ ପଞ୍ଚୁକୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ଗଞ୍ଜାମରେ 'ସମ୍ପୂର୍ଣ୍ଣ ଶ୍ରୀମିଶନ' ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା

# ବିଭାଗୀୟ ସମନ୍ୱୟ ମାଧ୍ୟମରେ ଗ୍ରାମୀଣ ଜୀବିକା ସୁଦୃଢ଼କୁ ଗୁରୁତ୍ୱ



**ଛତ୍ରପୁର,୯।୪/ଏନ୍‌ଏନ୍‌ଏସ୍:** 'ସମ୍ପୂର୍ଣ୍ଣ ଶ୍ରୀ ମିଶନ' ସମ୍ପର୍କିତ ଜିଲ୍ଲାସ୍ତରୀୟ ସମନ୍ୱୟ କର୍ମଶାଳା ଆଜି ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ କର୍ମଶାଳାରେ ବିଭିନ୍ନ ବିଭାଗର ସମନ୍ୱୟ ମାଧ୍ୟମରେ ଗ୍ରାମୀଣ ଜୀବିକାକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ମିଶନ୍‌ର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଉଦ୍ୟମିତା, କୃଷି, ଗ୍ରାମୀଣ ଆୟ, ପୋଷଣ ସୁଧାର ଏବଂ ମହିଳା ସଶକ୍ତିକରଣକୁ ତ୍ୱରାନ୍ୱିତ କରାଯିବ । ଏହା ସହିତ ଜିଲ୍ଲାରେ ଅଧିକ ସଂଖ୍ୟାରେ 'ଲକ୍ଷପତି ଦିଦି' ସୃଷ୍ଟି କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ଭାସନ ପ୍ରକାଶ କରିଥିଲେ। କର୍ମଶାଳାରେ ବିଭିନ୍ନ ଯୋଜନାମାନଙ୍କର ସଠିକ ସମନ୍ୱୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ବିଷୟରେ ଉପସ୍ଥାପନା କରାଯାଇଥିଲା। ଯାହା ମାଧ୍ୟମରେ ଦୁଗ୍ଧ ଓ ଛେଳି ପାଳନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଆବଶ୍ୟକୀୟ ସବସିଡି ସୁବିଧା ପାଇପାରିବେ। ଉଦ୍ୟାନ କୃଷି ପକ୍ଷରୁ ସବୁଜ ପରିବା ଚାଷ, ଫଳ ଚାଷ, ଫ୍ଲୋରିକଲଚର ଏବଂ କ୍ଲଷ୍ଟର ଉନ୍ନୟନ ଯୋଜନା ବିଷୟରେ ସୂଚନା ଦିଆଯାଇଥିଲା। ଏହା ସହିତ ଜଳସେଚନ ସଂରଚନା ପାଇଁ ଆର୍ଥିକ ସହାୟତା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଇନପୁଟ୍ ସବସିଡି, ଉନ୍ନତ ବୀଜ ବିତରଣ ଓ ଫସଲ ବୃଦ୍ଧି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ସମସ୍ତ ଯୋଜନାର ସଠିକ ସମନ୍ୱୟ ମାଧ୍ୟମରେ ଗ୍ରାମୀଣ ଜୀବିକା ସୁଦୃଢ ହେବ, ଆୟର ବିକଳ୍ପ ସୃଷ୍ଟି ହେବ, ପୋଷଣ ସୁରକ୍ଷା ବୃଦ୍ଧି ପାଇବ ଏବଂ ଜୀବିକା ପାଇଁ ସ୍ଥାନାନ୍ତରଣ କମିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି । ଏହି କର୍ମଶାଳାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନାଙ୍କ ସମେତ କ୍ଷେତ୍ରସ୍ତରୀୟ ଅଧିକାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ।

## ଆଜି ବିଶ୍ୱ ହୋମିଓପ୍ୟାଥିକ୍ ଦିବସ

# ଜନାଦୃତ ହେବାରେ ଲାଗିଛି ହୋମିଓପ୍ୟାଥିକ୍ ଚିକିତ୍ସା ସେବା



**ଆସିକା,୯।୪/ଏନ୍‌ଏନ୍‌ଏସ୍:** ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ମାସ ୧୦ ତାରିଖରେ ପାଳିତ ହେବ ବିଶ୍ୱ ହୋମିଓପ୍ୟାଥିକ୍ ଦିବସ । ଜନସାଧାରଣଙ୍କୁ ଚିକିତ୍ସାସେବା ଯୋଗାଇଦେବା କ୍ଷେତ୍ରରେ ହୋମିଓପ୍ୟାଥିକ୍‌ର ଅବଦାନ ଓ ମହତ୍ୱ ଏବଂ ସୁରକ୍ଷିତ ଚିକିତ୍ସା ସଂପର୍କରେ ସଚେତନତା ସୃଷ୍ଟି ସାଙ୍ଗକୁ ହୋମିଓପ୍ୟାଥିକ୍ ଚିକିତ୍ସାର ଜନକ ଡାକ୍ତର ସାମୁଏଲ୍ ହାନେମାନ୍‌ଙ୍କ ଜନ୍ମଦିନକୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ୧୦ ତାରିଖରେ ବିଶ୍ୱ ହୋମିଓପ୍ୟାଥିକ୍ ଦିବସ ରୂପେ ପାଳନ କରାଯାଇଆସୁଛି । ବିଶ୍ୱ ହୋମିଓପ୍ୟାଥିକ୍ ଦିବସ ଅବସରରେ ଆସିକା ସହରର ମହାତ୍ମାଗାନ୍ଧୀ ରୋଡର ହୋମିଓପ୍ୟାଥିକ୍ କ୍ଲିନିକ୍‌ର ପରିଚାଳନା ମୁଖ୍ୟ ତଥା ବରିଷ୍ଠ ହୋମିଓପ୍ୟାଥିକ୍ ଡାକ୍ତର ପ୍ରଫୁଲ୍ଲ କୁମାର ପଣ୍ଡା ଏକ ସାକ୍ଷାତକାରରେ ପ୍ରକାଶ କରିକହିଛନ୍ତି ଶରୀର ଅଛି ତ ରୋଗ ଅଛି, ରୋଗ ଅଛି ତ ନିରାକରଣ ଅଛି, ଶରୀରକୁ ସୁସ୍ଥ କରିବା ପାଇଁ ସାଧାରଣ ଜନତାଙ୍କୁ ବିଭିନ୍ନ ସମୟରେ ନାନା ପ୍ରକାର ପଦ୍ଧତି ଅବଲମ୍ବନ କରିବାକୁ ପଡିଥାଏ । ସେଥିମଧ୍ୟରୁ ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତି ଅନ୍ୟତମ। ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତିରେ ବିଭିନ୍ନ ରୋଗ ପାଇଁ ବହୁ ଉପଚାର ରହିଛି । ହୋମିଓପ୍ୟାଥିକ୍ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ନଥିବାରୁ ଏହା ଶରୀରକୁ କ୍ଷତି ପହଞ୍ଚାଇନଥାଏ ଏବଂ ବହୁ ଲକ୍ଷଣ ପାଇଁ ଗୋଟିଏ ଔଷଧ ସହ ପ୍ରତିରୋଧକର ବ୍ୟବସ୍ଥା ରହିଛି । ହୋମିଓପ୍ୟାଥିକ୍ ଚିକିତ୍ସା ସେବା ଦିନକୁ ଦିନ ଜନାଦୃତ ହେବାକୁ ଲାଗିଥିବା ବେଳେ ଏହାକୁ ଆହୁରି ଲୋକାଭିମୁଖୀ କରିବାର ଆବଶ୍ୟକତା ରହିଛି । ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତି ମାଧ୍ୟମରେ ସହଜ ଓ ସରଳ ଉପାୟରେ ରୋଗୀର ପ୍ରତିରୋଧକ ଶକ୍ତିକୁ ବ୍ୟବହାର କରି ରୋଗର ସଂପୂର୍ଣ୍ଣ ବିନାଶ କରାଯାଇଥାଏ । ସାଧାରଣ କାଶ ଠାରୁ ଆରମ୍ଭ କରି ପୁରାତନ ତଥା କଷ୍ଟସାଧ୍ୟ ଓ ବିଭିନ୍ନ ଜଟିଳ ରୋଗ ମଧ୍ୟ ହୋମିଓପ୍ୟାଥିକ୍ ଚିକିତ୍ସାରେ ଫଳପ୍ରଦ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଭାରତ ସରକାର ମଧ୍ୟ ହୋମିଓପ୍ୟାଥିକ୍ ଚିକିତ୍ସାର ପ୍ରସାର ଏବଂ ପ୍ରଚାର ସାଙ୍ଗକୁ ଗବେଷଣା ଉପରେ ଗୁରୁତ୍ୱାରୋପ କରି ବହୁମୁଖୀ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି । କେତେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାକୁ ବାଦ୍ ଦେଲେ ପ୍ରାୟତଃ ବହୁ ରୋଗ ପାଇଁ ହୋମିଓପ୍ୟାଥିକ୍‌ର ଉପାଦେୟତା ରହିଛି । ରୋଗୀ ଠିକ୍ ଭାବରେ ହୋମିଓପ୍ୟାଥିକ୍ ଚିକିତ୍ସକଙ୍କ ପରାମର୍ଶ ନେଇ ନିୟମିତ ଔଷଧ ଖାଇଲେ ରୋଗ ମୂଳୋତ୍ପାଟନ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ସଂପ୍ରତିକ ପରିସ୍ଥିତିରେ ବିଭିନ୍ନ ରୋଗ ପାଇଁ ଯେଉଁଠି ଅଧିକ ମାତ୍ରାରେ ଔଷଧ ଖାଇବାକୁ ପଡିଥାଏ ସେହି କ୍ଷେତ୍ରରେ ହୋମିଓପ୍ୟାଥିକ୍ ଔଷଧ ଅତି ସୂକ୍ଷ୍ମମାତ୍ରାରେ ଖାଇବା ଦ୍ୱାରା ରୋଗାକ୍ରାନ୍ତ ବ୍ୟକ୍ତି ସୁସ୍ଥ ହୋଇଥାଏ । ରୋଗୀଙ୍କୁ ସରଳ ଏବଂ ଉତ୍ତମ ଚିକିତ୍ସା ପ୍ରଦାନ କରି ଶରୀରରୁ କଷ୍ଟ ଦୂର କରି ବିଭିନ୍ନ ରୋଗର ମୂଳୋତ୍ପାଟନ କରିବା କ୍ଷେତ୍ରରେ ହୋମିଓପ୍ୟାଥିକ୍ ଚିକିତ୍ସା ପଦ୍ଧତି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିବା ବେଳେ ଜନସାଧାରଣ ହୋମିଓପ୍ୟାଥିକ୍ ଔଷଧର ଉପାଦେୟତା ଉପରେ ସଚେତନତା ହେବା ନିତାନ୍ତ ଆବଶ୍ୟକ।

# ଆସିକା ଡାକବିଭାଗର କର୍ମଚାରୀ ସିମାଞ୍ଚଳଙ୍କୁ ଅନ୍ତର୍ଜାତୀୟ ପୁରସ୍କାର

**ଆସିକା,୯।୪/ଏନ୍‌ଏନ୍‌ଏସ୍:** ଆସିକା ଡାକବିଭାଗର କର୍ମଚାରୀ ତଥା ବିଶିଷ୍ଟ କାହାଣୀକାର ସିମାଞ୍ଚଳ ମହାରଣା ନିଜର ଉଲ୍ଲେଖନୀୟ ପାରଦର୍ଶିତାରେ ହିଁ ଅନ୍ତର୍ଜାତୀୟ ଫିଲ୍ମ ପୁରସ୍କାର ପାଇବା ପାଇଁ ମନୋନୀତ ହେବା ସ୍ଥାନୀୟ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ଆସନ୍ତା ମେ ମାସରେ ମହାରାଷ୍ଟ୍ରର ଔରଙ୍ଗାବାଦ୍ (ଆଧୁନିକ ନାମ ଶାମ୍ଭାଜୀନଗର) ଠାରେ ଅନୁଷ୍ଠିତ ହେବାକୁ ଥିବା ରିଲ୍ସ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ-୨୦୨୬ ରେ ଅଂଶଗ୍ରହଣ କରି ଆସିକା ଡାକବିଭାଗର କର୍ମଚାରୀ ସିମାଞ୍ଚଳ ମହାରଣା ସମ୍ବର୍ଦ୍ଧିତ ହେବେ ବୋଲି ଜଣାପଡିଛି । ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆୟୋଜକ କମିଟି ପକ୍ଷରୁ ଏ ସଂକ୍ରାନ୍ତରେ କାହାଣୀକାର ତଥା ଆସିକା ଡାକବିଭାଗର କର୍ମଚାରୀ ସିମାଞ୍ଚଳ ମହାରଣାଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି । ଆସିକା ଡାକବିଭାଗର କର୍ମଚାରୀ ତଥା କାହାଣୀକାର ସିମାଞ୍ଚଳ ମହାରଣାଙ୍କ ରଚିତ କ୍ଷୁଦ୍ର ଚଳଚ୍ଚିତ୍ର ଅଦ୍ୟମର ସଫଳତା ପାଇଁ ଏହି ସମ୍ମାନଜନକ ପୁରସ୍କାର ମିଳିବାର କାର୍ଯ୍ୟକ୍ରମ ରହିଛି । ଡିକେ ଫିଲ୍ମସ ବ୍ୟାନରରେ ଓ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ନିର୍ଦ୍ଦେଶକ କ୍ରିଷ୍ଣା ଡି.କେଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିବା ଏହି ଅଦମ୍ୟ ଚଳଚ୍ଚିତ୍ର ଗଞ୍ଜାମ ତଥା ଓଡିଶାର ବିଭିନ୍ନ ଲୋକକଳା ଉପରେ ଆଧାରିତ ହୋଇଥିଲା ବେଳେ ଏହି ଚଳଚ୍ଚିତ୍ର ଗତ ୨୦୨୫ ମସିହା ଫେବୃୟାରୀ ମାସରେ ପ୍ରଥମେ ସ୍ଥାନୀୟ ସିନେ କାର୍ଣ୍ଣିଭାଲ୍‌ରେ ହଲ୍‌ରେ ମୁକ୍ତିଲାଭ କରିଥିଲା । ଏହା ପରେ ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇଥିଲା । ଅତୀତରେ ଆସିକା ଥାନା ଭାରତର ଶ୍ରେଷ୍ଠ ଥାନା ରୂପେ ବିବେଚିତ ହେବା ପରେ ସେହି ସଫଳତା ବିଷୟବସ୍ତୁକୁ ଆଧାର କରି କାହାଣୀକାର ତଥା ଆସିକା ଡାକବିଭାଗର କର୍ମଚାରୀ ସିମାଞ୍ଚଳ ମହାରଣାଙ୍କ ରଚିତ ଓ କ୍ରିଷ୍ଣା ଡିକେଙ୍କ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର ଅଦ୍ୱିତୀୟ ମଧ୍ୟ ଆଫ୍ରିକା ମହାଦେଶ ସମେତ ଭାରତର ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପ୍ରଦର୍ଶିତ ହୋଇ ସଫଳତା ପାଇଥିବା ନଜିର୍ ରହିଛି । ଅତୀତରେ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ କାହାଣୀକାର ତଥା ଆସିକା ଡାକବିଭାଗର କର୍ମଚାରୀ ସିମାଞ୍ଚଳ ମହାରଣା ୪ଟି ଆନ୍ତର୍ଜାତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ଲେଖକ ପୁରସ୍କାର ପାଇ ନିଜର ପାରଦର୍ଶିତା ପ୍ରଦର୍ଶନ କରି ସଫଳତା ପାଇଥିବା ନଜିର୍ ରହିଛି ।



# 'ଆସ ବହିଟିଏ କିଣିବା' ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

**ଛତ୍ରପୁର,୯।୪/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଏପ୍ରିଲ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିବସ ଅବସରରେ ସାରା ରାଜ୍ୟରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଆଜିର ଦିବସଟି ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟାମାନଙ୍କ ପାଇଁ ସମର୍ପିତ ଥିଲା ଆଜିର



ଏହି 'ଆସ ବହିଟିଏ କିଣିବା' ଅଭିଯାନ । ସାରସ୍ୱତ ସାଧକମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ କିଣିବା, ପଢ଼ିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ଆଜି 'ଆସ ବହିଟିଏ କିଣିବା' ଅଭିଯାନକୁ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ଡ. ପ୍ରମୋଦ କୁମାର ପୃଷ୍ଟି ଯୋଗ ଦେଇଥିଲେ । ଓଡ଼ିଆ ପକ୍ଷ ଏବଂ ଆଜି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି କହିଥିଲେ ଯେ ଫୁଲତୋଡ଼ା ଅସ୍ଥାୟୀ କିନ୍ତୁ ପୁସ୍ତକ ଚିରସ୍ଥାୟୀ, ତେଣୁ ଫୁଲତୋଡ଼ା ଉପହାର ନ ଦେଇ ବିଭିନ୍ନ ଅବସରରେ ପୁସ୍ତକ ଉପହାର ଦିଅନ୍ତୁ । ସେହିପରି ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା ମଧ୍ୟ ଯୋଗଦେଇ ଜୀବନରେ ଭଲ ପୁସ୍ତକର ମହତ୍ୱ ଉପରେ କହିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ଅନେକ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକ ମାନେ ପୁସ୍ତକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ । ଏଥିସହିତ ବହି କିଣିବା ଓ ପଢ଼ିବାର ସେଲ୍ଫି ଉଠାଇ ଏହାକୁ ଅତି ଉତ୍ସାହର ସହିତ ଓଡ଼ିଆ ପକ୍ଷର ୱେବସାଇଟରେ ଅପଲୋଡ଼ କରିଥିଲେ । ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନ ସମ୍ବନ୍ଧରେ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ସାହିତ୍ୟ ସର୍ଜନାକୁ ପ୍ରୋତ୍ସାହନ ଦେବା ଦିଗରେ ଆଜିର ଏହି 'ଆସ ବହିଟିଏ କିଣିବା' ଅଭିଯାନକୁ ସଫଳତାର ସହ ପାଳନ କରାଯାଇଥିଲା ।

# ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ରଙ୍ଗେଇଲୁଣ୍ଡା,୯।୪/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଧିନସ୍ଥ କନିଷି ହାଟ ଫାଇର ଷ୍ଟେସନ ସାମ୍ନା ସର୍ଭିସ ରୋଡ଼ କଡ଼ରୁ ଜଣେ ଅଚିହ୍ନା ଯୁବକଙ୍କ କ୍ଷତାକ୍ତ ମୃତ ଦେହ ଆଜି ଗୋଳନ୍ଥରା ପୁଲିସ ଉଦ୍ଧାର କରିଛି । ସୂଚନା ପ୍ରକାରେ, ଆଜି ସକାଳେ ରାସ୍ତା କଡରେ ଏକ ଯୁବକଙ୍କ ମୃତଦେହ ପଡ଼ିଥିବା ନେଇ ଗୋଳନ୍ଥରା ଥାନାକୁ ଖବର ଦେଇଥିଲେ । ଥାନା ଏସଆଇ ସିଲୁ ଧଳ ପୁଲିସ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରିଥିଲେ । ମୃତ ଯୁବକ ଜଣଙ୍କ ବୟସ ୪୦ରୁ୪୫ ବର୍ଷ ଅନୁମାନ କରାଯାଉଥିବା ବେଳେ ଧୂସର ରଙ୍ଗର ପ୍ୟାଣ୍ଟ ଓ କଳା ସବୁଜ ରଙ୍ଗର ଫୁଲ ଶାର୍ଟ ପିନ୍ଧିଥିବା ବେଳେ ମୁଣ୍ଡରେ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି । ଯୁବକଙ୍କୁ କିଏ ହତ୍ୟା କରି ଏଠାରେ ଫୋପାଡ଼ି ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଯୁବକ ଜଣଙ୍କ କେଉଁ ପରିସ୍ଥିତିରେ ଏଠାକୁ ଆସିଲେ ଏବଂ ହତ୍ୟା ନା ଅନ୍ୟ କିଛି କାରଣ ରହିଛି ଆଦି ବିଭିନ୍ନ ଦିଗକୁ ନେଇ ପୁଲିସ୍ ତଦନ୍ତ କରିବା ସହ ମୃତକଙ୍କ ଫଟୋ ବିଭିନ୍ନ ଗ୍ରୁପରେ ଛାଡି ପରିଚୟ ଜାଣିବା ପାଇଁ ଚେଷ୍ଟା କରୁଛି । ମୃତ ଯୁବକଙ୍କ କୌଣସି ପରିଚୟ ସ୍ପଷ୍ଟ ହୋଇ ନଥିବା ବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ ଦେହକୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଛେଦ କରି ଶବ ଗୃହରେ ରଖିଥିବା ସୂଚନା ଦେଇଛି । ଶବ ବ୍ୟବଛେଦ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତ ଅଧିକାରୀ ଏଏସଆଇ ପୁଷ୍ପା ମଲ୍ଲିକ କହିଛନ୍ତି।

# ମା' ରତ୍ନମାଳୀ ହାଇସ୍କୁଲ୍‌ରେ 'ଆସ ବହିଟିଏ କିଣିବା' ଅଭିଯାନ



**ଆସିକା,୯।୪/ଏନ୍‌ଏନ୍‌ଏସ୍:** ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୧ ତାରିଖ ଠାରୁ ଓଡିଆ ପକ୍ଷ ୨୦୨୬ ଆରମ୍ଭ ହୋଇସାରିଛି । ଏହି ଓଡିଆ ପକ୍ଷ ପାଳନର ନବମ ଦିବସରେ ଭାଷାକୁ ଜାଣିବା, ଭାଷାରେ ଲେଖିବା ବହି ପଢି ଆମେ ଜ୍ଞାନ ବଢାଇବା ବିଷୟବସ୍ତୁକୁ ଆଧାର କରି ଆସ ବହିଟିଏ କିଣିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମ ପଞ୍ଚାୟତର ମଣ୍ଡାପଡା ଗ୍ରାମରେ ଥିବା ମା ରତ୍ନମାଳୀ ହାଇସ୍କୁଲରେ ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ତାରା ପ୍ରସାଦ ମିଶ୍ର, ସହକାରୀ ଶିକ୍ଷକ ବି.ଚନ୍ଦ୍ରଶେଖର ରେଡି, ରଶ୍ମିତା ମହାପାତ୍ର, ଗୋବିନ୍ଦ ପରିଡା, ଶଶୀଭୂଷଣ ସାହୁ, ପାଣ୍ଡବେଶ୍ୱର ଜେନା, ପାଣ୍ଡବ ଗୌଡ ପ୍ରମୁଖ ଯୋଗଦେଇ ଆସ ବହିଟିଏ କିଣିବା ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସାଙ୍ଗକୁ ଓଡିଆ ଭାଷା, ସାହିତ୍ୟ ଏବଂ ପଠନ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଆହ୍ୱାନ କରିଥିବା ଲକ୍ଷ୍ୟ କରାଯାଇଥିଲା ମା ରତ୍ନମାଳୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଆସ ବହିଟିଏ କିଣିବା ଅଭିଯାନ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଦଶମ ଶ୍ରେଣୀର ବିଦ୍ୟାର୍ଥୀ ଶ୍ରାବଣୀ ମାହୁନ୍ତ, ପ୍ରତିମା ଖଟେଇ, ବର୍ଷା ପାଣିଗ୍ରାହୀ, ସୋନମ୍ ବେହେରା, ଶ୍ରୀୟା ପ୍ରଧାନ ପ୍ରମୁଖ ଯୋଗଦେଇ ଓଡିଶାର ସାହିତ୍ୟ ଓ ସଂସ୍କୃତିକୁ ଅଧିକରୁ ଅଧିକ ଋଦ୍ଧିମନ୍ତ ଓ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡିଆ ପକ୍ଷ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଏକ ଯୁଗାନ୍ତକାରୀ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ । ମା ରତ୍ନମାଳୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିବା ଆସ ବହିଟିଏ କିଣିବା କାର୍ଯ୍ୟକ୍ରମକୁ ପରିଚାଳନା କରିବା ଦିଗରେ ଶିକ୍ଷାନୁଷ୍ଠାନର କର୍ମଚାରୀ ମହନ୍ତର ସାହୁ, ବୁଲୁ ସେଠୀ, ଶନି ଜେନା ପ୍ରମୁଖ ସହଯୋଗ କରିଥିଲା ବେଳେ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା ।

# ପଲାସା-ଇଚ୍ଛାପୁର ସେକ୍ସନ୍‌କୁ ପୂର୍ବତଟ ରେଳଜୋନ୍‌ରୁ ସ୍ଥାନାନ୍ତର ବନ୍ଦ ଦାବି



**ବ୍ରହ୍ମପୁର,୯।୪/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ରୋଡ଼ ଡିଭିଜନରୁ ଇଚ୍ଛାପୁର ଓ ପଲାସା ସେକସନକୁ ବିଶାଖାପାଟଣା ଡିଭିଜନକୁ ହସ୍ତାନ୍ତର କରିବା ନିଷ୍ପତ୍ତି ଓଡ଼ିଶାର ସମ୍ମାନ ପ୍ରତି କୁଠାର ଘାତ ବୋଲି ସିପିଏମ ପକ୍ଷରୁ କୁହାଯାଇଛି । କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ପ୍ରତିବାଦରେ ବ୍ରହ୍ମପୁର ଷ୍ଟେସନ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି ସିପିଏମ୍। ସିପିଏମ୍ ନେତାମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସ୍ଥାୟିତ୍ୱ ପାଇଁ ଚନ୍ଦ୍ରାବାବୁ ନାଇଡୁ ପାଖରେ ବିଜେପି ଆତ୍ମସମର୍ପଣ କରୁଛି। ନାଇଡୁଙ୍କ ପୋଲାଭରମ ଡ୍ୟାମ, ଅଧିକ ଅନୁଦାନ, ନୂଆ ଯୋଜନା, ଓଡିଶାରୁ ବିଭିନ୍ନ ରେଳ ଷ୍ଟେସନ ନେବା ଭଳି ସର୍ତ୍ତ ବିଜେପି ପୂରଣ କରିଚାଲିଛି । ଏଥିରେ ଓଡ଼ିଶାର କ୍ଷତି ଘଟିଲେ ମଧ୍ୟ ରାଜ୍ୟ ବିଜେପି ସରକାର ପ୍ରତିବାଦ କରିବାର ସାହସ ନାହିଁ। ତେଣୁ ଏଭଳି ଓଡିଶା ବିରୋଧୀ କାର୍ଯ୍ୟ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ପଲାସା ଓ ଇଚ୍ଛାପୁର ଖୋର୍ଦ୍ଧା ଡିଭିଜନରୁ ହସ୍ତାନ୍ତର ହେବା ପରେ ଆମର ପ୍ରାୟ ୫୦ କିଲୋମିଟର ରେଳ ଲାଇନ, ୮ଟି ଷ୍ଟେସନ, ଏଥିରୁ ଆଦାୟ ରାଜସ୍ୱ ଓ କର୍ମଚାରୀ ଉପରୁ ନିୟନ୍ତ୍ରଣ ଚାଲିଯିବ। ପଲାସାରୁ ବାହାରୁଥିବା ଟ୍ରେନ ଗୁଡିକ ବିଭିନ୍ନ ଅମାଲାତାନ୍ତ୍ରୀକ ନିଷ୍ପତ୍ତିର ଶିକାର ହେବ। ଯାହାକି ଆମର ରାଜସ୍ୱ ହାନୀ ସହିତ ପରିଚାଳନା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିବ । ରେଳ ଜୋନ ରାଜ୍ୟ ଭିତ୍ତିକ ନୁହେଁ। ଯଦି ଆନ୍ଧ୍ରପ୍ରଦେଶ ପାଇଁ ରାଜ୍ୟଭିତିକ କରାଯିବ ତେବେ ଓଡ଼ିଶାର ବାହାରେ ଥିବା ଷ୍ଟେସନ ଗୁଡିକୁ ଓଡିଶାକୁ ଆଣିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ନଚେତ ରାଜ୍ୟବାସୀ କ୍ଷମା ଦେବେ ନାହିଁ। ରେଳବାଇ ଏହି ନିଷ୍ପତ୍ତି ଯଦି ପ୍ରତ୍ୟାହାର ନ କରନ୍ତି, ତାହାହେଲେ ଅଗାମିଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସିପିଆଇଏମ୍ ପକ୍ଷରୁ ସତର୍କ କରାଯାଇଛି। ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ବାବୁଲି ନାୟକ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ରାଜରାଓ, ଚିଟିବାବୁ, ହରି ନାହାକ, କେଶବ ଗୌଡ଼, ମୋହନ ରାଓ, ନୀଳ ମାଧବ ରଥ ପ୍ରମୁଖ ନେତୃତ୍ୱ ନେଇଥିଲେ। ରେଳ ମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ସ୍ମାରକପତ୍ର ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

# ଖାଦ୍ୟରେ ରାସାୟନିକ ଦ୍ରବ୍ୟ, ଯାଞ୍ଚ ହେଉନି

**ବୁଗୁଡା,୯।୪/ଏନ୍‌ଏନ୍‌ଏସ୍:** ଚାଲିଛି ଦଣ୍ଡଯାତ୍ରା ପର୍ବ । ଖୋଲା ମେଳାରେ ପଡିଲାଣି ମାଳମାଳ ଖାଦ୍ୟ ସାମଗ୍ରୀର ପସରା । କେବଳ ଗ୍ରାମାଞ୍ଚଳରେ ନୁହେଁ, ବୁଗୁଡ଼ା ସହରରେ ମଧ୍ୟ ଠେଲା ଗାଡିଠାରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି । ବିନା ଲାଇସେନ୍ସରେ ରାସ୍ତା କଡରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ । ନାଳ ନର୍ଦ୍ଦମା କଡେ ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା,ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡାଇ ରଖାଯାଉନାହିଁ। ରାସ୍ତାରେ ଉଡୁଥ ?ିବା ଧୂଳି ଏହା ଉପରେ ପଡୁଛି । ତେଣୁ ଏସବୁ ଖାଦ୍ୟ ଏକ ପ୍ରକାର ବିଷାକ୍ତ ହୋଇପଡୁଛି । ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି। ଆଗାମୀ ଦିନରେ ଏହା ଜଣ୍ଡିସ୍ ସାଙ୍ଗକୁ ଅନ୍ୟାନ୍ୟ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ବୁଗୁଡ଼ା ସହରକୁ ବିଭିନ୍ନ କାମରେ ଆସୁଥିବା ବେଳେ ଏହି ଫାଷ୍ଟଫୁଡ୍ ?କୁ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ କୃତିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି ।

ନିତିଦିନ NITIDIN



## କାର୍ ଦୁର୍ଘଟଣାରେ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ଅଭିଯୁକ୍ତ ଗଣିତ ଅଧ୍ୟାପକଙ୍କ ଜାମିନ୍ ଖାରଜ

**ଜଗତ୍‌ସିଂହପୁର,୯।୪/ଏନ୍‌ଏନ୍‌ଏସ୍:** ଗତ ୨୫ମାର୍ଚ୍ଚ ଅପରାହ୍ନରେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଖେରସ କଲେକ୍ଟରଙ୍କ ବାସଭବନ ସମ୍ମୁଖରେ ହୋଇଥିବା କାର୍ ଦୁର୍ଘଟଣାରେ ଢିଅସାହି ସ୍ଥିତ ଗାଦି ବ୍ରହ୍ମ ମହିଳା ମହାବିଦ୍ୟାଳୟର +୩,୩ୟ ବର୍ଷ ବିଜ୍ଞାନ ଛାତ୍ରୀ ସ୍ଥାନୀୟ ଅଳସୁଧା ପଞ୍ଚାୟତ ନିଁପୁର ଗ୍ରାମର ତୃପ୍ତିମୟୀ ସାହୁ(୨୧)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସଦର ପୁଲିସ ଦୁର୍ଘଟଣାର କିଛି ସମୟ ମଧ୍ୟରେ ଉକ୍ତ କାର୍ ଚାଳକ ତଥା ମାଲିକ ତିର୍ତ୍ତୋଲ ବ୍ଲକ୍ ଅଞ୍ଚଳର ଏକ ମହାବିଦ୍ୟାଳୟର ଗଣିତ ବିଭାଗର ଏକ ଅଧ୍ୟାପକଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲେ। କୋର୍ଟରେ ତାଙ୍କର ବେଲ୍ ନାମଞ୍ଜୁର ହେବାରୁ ଜେଲ୍ ଯାଇଥିଲେ। ଗତକାଲି ବୁଧବାର ଜିଲ୍ଲା ଦୌରା ଜଜ୍‌ଙ୍କ କୋର୍ଟରେ ବେଲ୍ ମୁଭ କରାଯାଇଥିଲା। ହେଲ ଦୌରାଜଜ୍ ତାଙ୍କ ବେଲ୍ ଖାରଜ କରି ଦେଇଥିବାରୁ ତାଙ୍କୁ ପୁନର୍ବାର ଜେଲ୍‌କୁ ଫେରିବାକୁ ପଡିଥିବା ଜଣାଯାଇଛି। ପ୍ରକାଶ, ଅଳସୁଧା ଗ୍ରାମର ସୁରେନ୍ଦ୍ର ଚନ୍ଦ୍ର ସାହୁଙ୍କ ଝିଅ ତୃପ୍ତିମୟୀ ସାହୁ ମାର୍ଚ୍ଚ୨୫ ତାରିଖ ଅପରାହ୍ନରେ ଗାଦିବ୍ରହ୍ମ ମହାବିଦ୍ୟାଳୟରୁ ଅଧ୍ୟୟନ ସାରି ଘରକୁ ସାଇକେଲରେ ଫେରୁଥିବା ସମୟରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ବିପରିତ ଦିଗରୁ ଏକ ବ୍ରିଜା କାର୍ ଦ୍ରୁତ ଗତିରେ ଆସି ଛାତ୍ରୀଙ୍କୁ ଧକ୍କା ଦେଇଥିଲା। ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ସମୟରେ ଚାଳକ ଜଣଙ୍କ ଫେରାର ହୋଇଯାଇଥିଲେ। ସଦର ପୁଲିସ ଛାତ୍ରୀଙ୍କ ମୃତଦେହ ଘଟଣାସ୍ଥଳରୁ ଉଠାଇ ନେଇ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହିତ ଦୁର୍ଘଟଣାଗ୍ରସ୍ତ କାର୍ ଓ ସାଇକେଲକୁ ପୁଲିସ ଜବତ କରି ଥାନାକୁ ନେଇଥିଲେ। ଥାନାରେ ତୃପ୍ତିମୟୀଙ୍କ ପିତା ସୁରେନ୍ଦ୍ରଙ୍କ ଅଭିଯୋଗ ମୁତାବକ ପୁଲିସ କାର୍ ଚାଳକଙ୍କ ବିରୋଧରେ ଦଫା ୨୮୧/୧୦୫ ବିଏନ୍‌ଏସ୍ ଓ ସେକ୍ସନ ୧୮୪ ଏମ୍‌ଭି ଆକ୍ଟରେ ମାମଲା ନଂ ୨୮୦/୨୦୨୬ ରୁଜୁ କରି କାର୍ ଚାଳକ ତଥା ମାଲିକ ଗଣିତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରି କୋର୍ଟଚାଲଣ କରିଥିଲେ। ଗତକାଲି ତାଙ୍କର ଜିଲ୍ଲା ଜଜ୍ କୋର୍ଟରେ ବେଲ ମୁଭ କରାଯାଇଥିଲା। ବେଲ ନାମଞ୍ଜୁର ହେବାରୁ ପୁନର୍ବାର ତାଙ୍କୁ ଜେଲ୍‌ରେ ରହିବା ପାଇଁ ପଡିଥିବା ପବ୍ଲିକ୍ ପ୍ରୋସିକ୍ୟୁଟର ତପନ କୁମାର ପାଲ ପ୍ରକାଶ କରିଛନ୍ତି।

# ଜିଲ୍ଲା ବିକାଶରେ ଯୁବ ମୋର୍ଚ୍ଚାର ଗୁରୁତ୍ୱ ରହିଛି



**କେନ୍ଦ୍ରାପଡ଼ା,୯।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ବିଜେପି ଯୁବ ମୋର୍ଚ୍ଚାର ସୋସିଆଲ ମିଡିଆର ସହ ସମ୍ପାଦକ ଭାବେ ଚନ୍ଦ୍ରଶେଖର ଦାସ ଗତକାଲି ସାମ୍ବାଦିକମାନଙ୍କ ସହ ଜିଲ୍ଲା ବିକାଶ ଉପରେ ଆଲୋଚନା କରିଛନ୍ତି। ତିନିମୁହାଣୀ ରାମ ମନ୍ଦିର ସଭା ଗୃହରେ ଚନ୍ଦ୍ରଶେଖର ଦାସ କହିଛନ୍ତି ଯେ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଉନ୍ନୟନମୂଳକ କାମ କରୁଛନ୍ତି। ଏହା କେତେଦୂର ଫଳପ୍ରଦ ହେଉଛି ତାହାକୁ ଆମକୁ ଦେଖିବାକୁ ପଡିବ। ଗୋଟିଏ ସାଧାରଣ ଲୋକଟିଏ ଆଜି କଣ ପାଇଁ ସରକାରୀ ସୁବିଧାରୁ ବଞ୍ଚିତ ହେଉଛି। ସରକାରୀ କର୍ମଚାରୀଟି ପୂର୍ବ ସରକାରଙ୍କ ଢାଞ୍ଚାରେ ପରିଚାଳିତ ହେଉଛନ୍ତି। କୌଣସି ଅନ୍ୟାୟ ଓ ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ। କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ଜିଲ୍ଲା ଆଜି ବିକଶିତ ହୋଇ ପାରୁନାହିଁ। ଆବଶ୍ୟକ ପଡିଲେ ଜିଲ୍ଲା ନେତୃବୃନ୍ଦ, ରାଜ୍ୟ ନେତୃବୃନ୍ଦ ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଦୃଷ୍ଟିଆକର୍ଷଣ କରାଯିବ। ଜିଲ୍ଲାର କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ସହ ଯେଉଁ ଉନ୍ନୟନମୂଳକ କାମ ଚାଲିଛି ତାକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଆଜି ଜିଲ୍ଲାରେ ଜଣେ ମାତ୍ର ବିଜେପି ବିଧାୟକ ଅଛନ୍ତି। ଆଉ ଚାରୋଟି ଆସନରେ କେଉଁଠି ନା କେଉଁଠି ବିଜେପିର ଲୋକାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ବିଜେପିକୁ ଆହୁରି ବଳିଷ୍ଠ କରିବାକୁ ହେଲେ ଗ୍ରାମାଞ୍ଚଳସ୍ତରରେ ମଜଭୁତ ହେବାକୁ ପଡିବ। ଏହାର ଗୁରୁତ୍ୱ ବିଜେପି ଯୁବ ମୋର୍ଚ୍ଚାର ରହିଛି ବୋଲି ସାମ୍ବାଦିକମାନଙ୍କ ସହ ଆଲୋଚନାଚକ୍ରରେ ଚନ୍ଦ୍ରଶେଖର କହିଛନ୍ତି।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୯।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ କୁତରଙ୍ଗ ଗ୍ରାମ ପଞ୍ଚାୟତ ହାଇସ୍କୁଲ୍‌ର ଆଦର୍ଶ ପ୍ରଧାନଶିକ୍ଷକ ତଥା ସମାଜସେବୀ ରାମଚନ୍ଦ୍ର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସମାଜସେବୀ ଅଭିମନ୍ୟୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସମାରୋହରେ ମୁଖ୍ୟବକ୍ତାଭାବେ ରଘୁନାଥ ରାଉତ, ସ୍ଥାନୀୟ ସରପଞ୍ଚ ଚିତ୍ତ ରଞ୍ଜନ ଜେନା, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ସାହୁ, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିରୁପମା ଭୋଇ, ପ୍ରାକ୍ତନ ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ପ୍ରମୁଖଙ୍କ ସମେତ ହାଇସ୍କୁଲର ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରଧାନଶିକ୍ଷକ ଶ୍ରୀ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ସ୍ଥାନୀୟ ସମିତି ସଭ୍ୟ ମିନତୀ ଦାସ, ସଂଯୋଜକ ତଥା ପୂର୍ବତନ ସରପଞ୍ଚ ରାଜନ୍ ପ୍ରସାଦ ଥାଟୋଇ, ପ୍ରସନ୍ନଜିତ୍ ପଣ୍ଡା କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୃପାସିନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲ୍ ପରିସରରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନୃସିଂହ ଭଦ୍ର, ବଟକୃଷ୍ଣ ସାମଲ, ଅତିଥି ଶିକ୍ଷକ ବାବୁ ଜାନ୍, ସମିତିସଭ୍ୟ ଅକ୍ଷୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପାରାଦୀପରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଅତ୍ୟାଧୁନିକ ମେଡିକାଲ୍ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ପାରାଦୀପ,୯।୪/ଏନ୍‌ଏନ୍‌ଏସ୍:** ପାରାଦୀପ ଆଜି ବିଶ୍ୱ ମାନଚିତ୍ରରେ ତାର ସ୍ଥିତି ଜାହିର କରିପାରିଛି। ପାରାଦୀପ ବନ୍ଦର ସହିତ ଜାତୀୟ ଅନ୍ତର୍ଜାତୀୟସ୍ତରର ଶିଳ୍ପସଂସ୍ଥାନ ଆଜି ପାରାଦୀପକୁ ବିଶ୍ୱରେ ଏକ ବାଣିଜ୍ୟର ହବ୍ ଭାବରେ ପରିଗଣିତ ହୋଇଛି। ପାରାଦୀପ ବନ୍ଦର ମଧ୍ୟ ସର୍ବଭାରତୀୟ ବୃହତ ବନ୍ଦରମାନଙ୍କ ମଧ୍ୟରେ ପ୍ରମୁଖ ବନ୍ଦର ଭାବରେ ତାର ପରିଚୟ ହାସଲ କରିଥିବା ବେଳେ ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବା ଆଜି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଗୋଟିଏ ପଟେ ଶିଳ୍ପ କାରଖାନାରୁ ନିର୍ଗତ ହେଉଥିବା ଧୂଳି, ଧୂଆଁ,ରାସାୟନିକ ବର୍ଜ୍ୟବସ୍ତୁର ପ୍ରଭାବରେ ପାରାଦୀପ ସମେତ ପାରାଦୀପ ଉପକଣ୍ଠରେ ରହିଥିବା ଗ୍ରାମାଞ୍ଚଳର ଲୋକମାନେ ଅନେକ ଦୁରାରୋଗ୍ୟରେ ପୀଡିତ ହେଉଛନ୍ତି। ସଡ଼କ ଦୁର୍ଘଟଣା କଥା ନା କହିଲେ ଭଲ, ଦୈନନ୍ଦିନ କଟକ ପାରାଦୀପ ହେଉ କିମ୍ବା ଚଣ୍ଡିଖୋଲ ପାରାଦୀପ ରାଜ ରାସ୍ତାରେ ଯେଉଁଭଳି ଦୁର୍ଘଟଣାରେ ନିରିହ ଜୀବନ ଯାଉଛି ଏହାର ପ୍ରମୁଖ କାରଣ ହେଉଛି ପାରାଦୀପ ଅଞ୍ଚଳରେ ରହିଥିବା ମେଡିକାଲଗୁଡିକର ବିକଳ ସ୍ୱାସ୍ଥ୍ୟସେବା। ଦୁର୍ଘଟଣା ଗ୍ରସ୍ତଙ୍କୁ ମେଡିକାଲ୍‌କୁ ଆଣିଲେ କିଛି ନ ଦେଖି ଆସୁ ଚିକିତ୍ସା ପରେ ସେମାନଙ୍କୁ କଟକ ମେଡିକାଲ ପଠାଇ ଦିଆଯାଉଛି। ଯାହା ଫଳରେ ଅଧାବାଟରେ ଅନେକ ଜୀବନ ଅକାଳରେ ଚାଲିଯାଉଛି। ଯାହାକୁ ନେଇ ପାରାଦୀପ ଅଞ୍ଚଳରେ ଏକ ମେଡିକାଲ ସହିତ ମେଡିକାଲ କଲେଜ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପାରାଦୀପ ଅଞ୍ଚଳରେ ପାରାଦୀପ ବନ୍ଦରକୁ ଭିତ୍ତିକରି ଅନେକଗୁଡ଼ିକ ଶିଳ୍ପ କାରଖାନ ଗଢି ଉଠିଅଛି। ଯାହାଫଳରେ ଶିଳ୍ପ ଜନିତ ପ୍ରଦୂଷଣ କାରଣରୁ ପାରାଦୀପ ବାସି ଅନେକ ଦୁରାରୋଗ୍ୟରେ ପୀଡିତ ହେଉଅଛୁ ଏବଂ କଳକାରଖାନାରେ କାର୍ଯ୍ୟରତ ଶ୍ରମିକ କର୍ମଚାରି କଳକାରଖାନା ଏବଂ ଗାଡ଼ିମୋଟର ଦ୍ୱାରା ଦୁର୍ଘଟଣାଗ୍ରସ୍ତ ହୋଇ ତ୍ୱରିତ ଚିକିତ୍ସା ନିମନ୍ତେ ଏଠାରୁ ପ୍ରାୟ ୧୦୦ କିଲୋମିଟର ଦୂରତ୍ୱ ବିଶିଷ୍ଟ ଏସସିବି ମେଡିକାଲ, କଟକ ଉପରେ ନିର୍ଭର କରିବାକୁ ପଡୁଛି । ଯାହାକି ସମୟ ସାପେକ୍ଷ ଅଟେ। ମେଡିକାଲ୍ ଯିବା ବାଟରେ ଅନେକଙ୍କର ଜୀବନ ହାନି ଘଟୁଛି। ଏହି ଅଞ୍ଚଳରେ ଶିଳ୍ପ ସ୍ଥାପନ କାରଣରୁ ଏ ଅଞ୍ଚଳବାସୀ ହଜାର ହଜାର ଏକର ଜମି ଦେବା ଫଳରେ ପୂର୍ବରୁ ଜୀବିକା ନିର୍ବାହ ପାଇଁ ଉଦ୍ଦିଷ୍ଟ ପାନ ରଷ, ମାଛ ରଷ, ଧାନ ରଷ ହରାଇ ବେକାରୀ ହୋଇ ଦୁଃଖ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ଅନେକ ଗୁଡିଏ ଶିଳ୍ପ ସ୍ଥାପନ ହୋଇପାରିଛି ସତ, ସାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସରକାର ସମ୍ପୂର୍ଣ ଉଦାସୀନ ଏବଂ ବିଫଳ ହୋଇଛନ୍ତି। ଆଜି କୁଜଙ୍ଗ ଅଞ୍ଚଳର ଗାନ୍ଧୀ ଭାବରେ ପରିଚିତ ନାରାୟଣ ବୀରବର ସାମନ୍ତ ଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ କୁଜଙ୍ଗ,ନାରାୟଣ ବୀରବର ଟ୍ରଷ୍ଟ ତରଫରୁ ତିର୍ତ୍ତୋଲ ଏବଂ ପାରାଦୀପ ଅଞ୍ଚଳରେ ସରକାରୀ ମେଡିକାଲ କଲେଜ ଏବଂ ସରକାରୀ ମେଡିକାଲ ସ୍ଥାପନ କରାଯିବା ସହିତ ଉକ୍ତ ମେଡିକାଲ କଲେଜ ସହିତ ମେଡିକାଲକୁ ଏ ଅଞ୍ଚଳର ବରପୁତ୍ର ନାରାୟଣ ବୀରବର ସାମନ୍ତଙ୍କ ନାମରେ ନାମିତ କରାଯାଉ। ଉକ୍ତ ମେଡିକାଲ କଲେଜରେ ଏମ୍‌ବିବିଏସ୍, ବିବିଏସ୍, ଫାର୍ମାସିଷ୍ଟ ଏବଂ ନର୍ସିଂ ବିଭାଗ ଖୋଲାଯିବା ସହିତ ଉକ୍ତ ମେଡିକାଲ କଲେଜରେ ଏ ଅଞ୍ଚଳର ବେକାର ଯୁବକ, ଯୁବତୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିବା ସହିତ ଯଥାଶୀଘ୍ର ଏହି ଦାବିଗୁଡିକୁ ସହୃଦୟତାର ସହିତ ବିଚାରକୁ ନେଇ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ନାରାୟଣ ବୀରବର ସାମନ୍ତ ସଂଗଠନ ତରଫରୁ ସଂଗଠନର ମୁଖ୍ୟ ଆଡ୍‌ଭୋକେଟ୍ ଦେବବ୍ରତ ସାହୁଙ୍କ ସହିତ ଚିତ୍ତରଞ୍ଜନ ମଲ୍ଲୀକ, ସାଗର ବିଶ୍ୱାଳ ଏବଂ ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ୨୨ତମ ହିଙ୍ଗୁଳା ଲୋକ ମହୋତ୍ସବ ଉଦ୍‌ଯାପିତ



**ତାଳଚେର,୯।୪/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ପୀଠରେ ଚାଲିଥିବା ନବଦିନାତ୍ମକ ମା’ ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ତାଳଚେର ଉପଜିଲ୍ଲାପାଳ ତଥା ମା’ ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାଏକ, ସମ୍ମାନୀତ ଅତିଥି ଭାବରେ ବିଧାୟକ ବ୍ରଜକିଶୋର ପ୍ରଧାନ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ତାଳଚେର ରାଜା ବିଜେୟନ୍ଦ୍ର ଚନ୍ଦ୍ର ଦେବ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଅତିଥିମାନେ ମା’ଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା କରିବା ସହ ଆଗାମୀ ବର୍ଷ ହେବାକୁ ଥିବା ହିଙ୍ଗୁଳା ଯାତ୍ରା ପୂର୍ବରୁ ମା’ ହିଙ୍ଗୁଳାଙ୍କ ଅସମ୍ପୂର୍ଣ୍ଣ ମନ୍ଦିରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ମା’ ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରକାଶିତ ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା ଅଗ୍ନିସ୍ନାତାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାସହିତ ତାଳଚେରର ଡିଏଭି ଡ୍ୟାନ୍ସ ଷ୍ଟୁଡ଼ିଓର କଳାକାରମାନଙ୍କ ଦ୍ୱାରା ଶ୍ରୀକୃଷ୍ଣ ରାସଲୀଳା ଓ ଅନୁଗୋଳର ନୃତ୍ୟାଙ୍ଗନା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ ଶିବ ତାଣ୍ଡବ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ସେହିପରି ଅନୁଗୋଳର ନିକ୍ୱଣ ଡ୍ୟାନ୍ସ ଗ୍ରୁପ, ନୃତ୍ୟ କଳା ଏକାଡେମୀର କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃସିଂହ ଅବତାର, ଗୁରୁ ଅନୀତା ସିଂହଦେଓଙ୍କ ନିର୍ଦ୍ଦେଶନାରେ ପରିବେଷିତ ପୂର୍ବ ଭାରତର ଲୋକନୃତ୍ୟ, ଗଞ୍ଜାମ ଜିଲ୍ଲାର ବିଚିତ୍ର ବର୍ଣ୍ଣାଳୀ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ କଣ୍ଢେଇ ନୃତ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା।

# ଚୋରା ମଦ ସହ ଗଞ୍ଜେଇ ଜବତ, ୯ କୋର୍ଟଚାଲାଣ



**କେନ୍ଦ୍ରାପଡ଼ା,୯।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ରାଜକନିକା, କେନ୍ଦ୍ରାପଡ଼ା ଟାଉନ, ପାଟକୁରା ଓ ଜମ୍ବୁ ମେରାଇନ୍ ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ କଷଟି ବାଲି ଗ୍ରାମର ହାପି ବେହେରାଙ୍କ ଠାରୁ ୯୦୦ଗ୍ରାମ ଗଞ୍ଜା ସମେତ ୩୫ ବୋତଲ କଫ୍ ସୀରପ, ଓଲାଭର ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କ ଠାରୁ ୩୮ ଲିଟର ବିଦେଶୀ ମଦ, ବୁନଧିଆ ଗ୍ରାମର ରଶ୍ମୀରାଣୀ ବେହେରାଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଗଜରାଜପୁର ଗ୍ରାମର ଉପେନ୍ଦ୍ର ମଳିକଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ସାନ୍ତଶାହି ଗ୍ରାମର ସନ୍ଦୀପ ସୁବ୍ରମନୀୟମଙ୍କ ଠାରୁ ୧୫୦୦ ଲିଟର ଗୁଡ ପୋଚ, ମଣିକପୁର ଗ୍ରାମର ସୀମା ଜେନାଙ୍କ ଠାରୁ ୧୫ ଲିଟର ବିଦେଶୀ ମଦ, ନୂଆପଡ଼ା ଗ୍ରାମର ଶରତ ବେହେରାଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ନାଥ ଖିଲରଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ ଏବଂ ରବି ଖିଲରଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କ ପକ୍ଷରୁ ସମୁଦାୟ ୯୦୦ ଗ୍ରାମ୍ ସମେତ ୧୬୭୦ ଲିଟର ବିଦେଶୀ, ଦେଶୀ, ଗୁଡ ପୋଚ, ଦେଶୀ ରନ୍ଧା ଓ ୩୫ ବୋତଲ କଫ୍ ସୀରପ ଜବତ କରାଯାଇ ୯ଜଣଙ୍କୁ କୋର୍ଟଚାଲାଣ କରାଯାଇଅଛି। ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ, ରତ୍ନପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

**ଧର୍ମଶାଳା,୯।୪/ଏନ୍‌ଏନ୍‌ଏସ୍:** ଧର୍ମଶାଳା ଥାନା ୧୬ନମ୍ବର ଜାତୀୟ ରାଜପଥ ଜାରକା ଛକ ନିକଟରେ ରାସ୍ତାରେ ବ୍ରେକ୍ ଡାଉନ ହୋଇ ରହିଥିବା ଏକ ଟ୍ରକ୍ ପଛକୁ ଏକ ଟ୍ରଲର ଗାଡି ଧକ୍କା ଦେବା ଫଳରେ ଟ୍ରଲର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡିଛି। ପ୍ରକାଶ, ଚଣ୍ଡିଖୋଲ ପଟକୁ ଯାଉଥିବା ଏକ ଟ୍ରକ୍ ଜାତୀୟ ରାଜପଥରେ ବ୍ରେକ୍ ଡାଉନ ହୋଇ ରହିଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରଲର ଗାଡି ଉକ୍ତ ଟ୍ରକ୍ ପଛକୁ ଧକ୍କା ଦେଇଥିଲା। ଫଳରେ ଟ୍ରଲର ଡ୍ରାଇଭର ଗାଡି ଭିତରେ ଅଟକି ରହିଯାଇଥିଲା। ଖବରପାଇ ଚଣ୍ଡିଖୋଲ ଦମକଳ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଡ୍ରାଇଭରକୁ ସୁରକ୍ଷିତ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ଟିଏସ୍‌କେରେ ୫୫ତମ ଜାତୀୟ ସୁରକ୍ଷା ମାସ ଉଦ୍‌ଯାପିତ



**ଯାଜପୁର,୯।୪/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ୫୫ତମ ଜାତୀୟ ସୁରକ୍ଷା ମାସର ଉଦ୍‌ଯାପନୀ ଉତ୍ସବକୁ ସଫଳତାର ସହିତ ନିଜ ପରିସରରେ ଥିବା ସେଫ୍ଟି ଲିଡରସିପ୍ ଡେଭଲପମେଣ୍ଟ ସେଣ୍ଟର (ଏସ୍‌ଏଲ୍‌ଡିସି) ଠାରେ ଆୟୋଜନ କରିଛି। ଶିଳ୍ପ ସୁରକ୍ଷାମାନଙ୍କ ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତାକୁ ସୁଦୃଢ଼ କରିବା ପାଇଁ ମାସବ୍ୟାପୀ ଚାଲିଥିବା ଏହି ଅଭିଯାନର ଏହା ଶେଷ ପର୍ଯ୍ୟାୟ ଥିଲା। ଚଳିତ ବର୍ଷର ଆଭିମୁଖ୍ୟ ‘ନିୟୋଜିତ କର, ଶିକ୍ଷିତ କର ଏବଂ ସଶକ୍ତ କର’ (ଏନଗେଜ୍, ଏଜୁକେଟ୍ ଏବଂ ଏମପାୱାର୍) ସହ ମିଳିତ ଭାବେ ସୁରକ୍ଷା ନିୟମାବଳୀ ପ୍ରତି ଅସାଧାରଣ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସର୍ବାଧିକ ସୁରକ୍ଷା ତାଲିମ, ‘କାଇଜେନ’ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଦିଗରେ ଦକ୍ଷତା ଭଳି ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ‘ଶ୍ରେଷ୍ଠ ଭେଣ୍ଡର ପାର୍ଟନର ସେଫ୍ଟି ପ୍ରଫେସନାଲ’ଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ମାସ ବ୍ୟାପୀ ଚାଲିଥିବା ଏହି ଜାତୀୟ ସୁରକ୍ଷା ମାସ କାର୍ଯ୍ୟକ୍ରମରେ ବିପଦପୂର୍ଣ୍ଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏକାଧିକ ତାଲିମ ଶିବିର ଏବଂ ବୈଷୟିକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଗ୍ୟାସ୍ ସୁରକ୍ଷା, ଆବଦ୍ଧ ସ୍ଥାନରେ କାର୍ଯ୍ୟ, ଉଚ୍ଚ ସ୍ଥାନରେ କାର୍ଯ୍ୟ, ୱେଲଡିଂ ଏବଂ ଗ୍ୟାସ୍ କଟିଂ ଏବଂ ସାମଗ୍ରୀ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶିକ୍ଷା ଦିଆଯାଇଥିଲା। ଦୁର୍ଘଟଣା ଏଡ଼ାଇବା ପାଇଁ ‘ଅତୀତର ଦୁର୍ଘଟଣାରୁ ଶିକ୍ଷା’ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଜରୁରୀକାଳୀନ ସେବା ପ୍ରଦାନକାରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ଅସୁରକ୍ଷିତ କାର୍ଯ୍ୟ ଚିହ୍ନଟ କରିବା ଭଳି ଆହ୍ୱାନପୂର୍ଣ୍ଣ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏହି ସମସ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନ ପୂର୍ବକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଯାଜପୁର ରୋଡ୍ ଡିଭିଜନର ଉପନିର୍ଦ୍ଦେଶକ ଇଂ ଉମେଶ ଚନ୍ଦ୍ର ସୁତାର, ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ୍ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟିଏସ୍‌କେର ବରିଷ୍ଠ ଅଧିକାରୀ ଏବଂ ୟୁନିଅନ୍ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ।

# ଛାତ୍ରଛାତ୍ରୀଙ୍କୁ ପୁଲିସ କାର୍ଯ୍ୟାବଳୀ ସମ୍ପର୍କରେ ସଚେତନତା




**କେନ୍ଦ୍ରାପଡା,୯।୪/ଏନ୍‌ଏନ୍‌ଏସ୍:** ରାଜ୍ୟର ଅନ୍ୟତମ ପୁରୁଣା ହାଇସ୍କୁଲ୍ ଭାବେ ପରିଚିତ କେନ୍ଦ୍ରାପଡ଼ା ପିଏମ୍‌ଶ୍ରୀ ହାଇସ୍କୁଲ୍‌ରେ (ଛାତ୍ରଛାତ୍ରୀ, ପୁଲିସ୍ କ୍ୟାଡେଟ୍)ମାନଙ୍କୁ ପୁଲିସ୍‌ର କର୍ତ୍ତବ୍ୟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ହାଇସ୍କୁଲର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡାର ଡିଏସ୍‌ପି ତଥା ଏସ୍‌ପିସିର ନୋଡାଲ୍ ଅଫିସର୍ ଲକ୍ଷ୍ମୀ ନାରାୟଣ ତିୱାରୀ ମୁଖ୍ୟ ଅତିଥି, ସାଇବର୍ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ମୁଖ୍ୟବକ୍ତା, ସାଇବର୍ ଥାନାର ସ୍ୱତନ୍ତ୍ର ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ ସମ୍ମାନୀତ ଅତିଥି, ଏସ୍‌ପିସିର ସଂଯୋଜକ ଝରଣା ପ୍ରଧାନ ସମ୍ମାନୀତ ଅତିଥି, ଇଚ୍ଛାପୁର ହାଇସ୍କୁଲର ଶିକ୍ଷୟିତ୍ରୀ ବୀଣାପାଣି ଦାଶ, କେନ୍ଦ୍ରାପଡା ହାଇସ୍କୁଲର ପ୍ରଧାନଶିକ୍ଷକ ମଦନ ମୋହନ କର ପ୍ରମୁଖ ଉପସ୍ଥିତ ହୋଇ ବର୍ତ୍ତମାନ ସମାଜରେ ସାଇବର୍ ଅପରାଧ ବୃଦ୍ଧି ପାଉଥିବାରୁ ଏହାଠାରୁ ଛାତ୍ରଛାତ୍ରୀମାନେ ସତର୍କ ରହିବା ସହିତ କୌଣସି ଅପରାଧ କରିବା ପୂର୍ବରୁ ଚିନ୍ତା କରିବାର ଆବଶ୍ୟକ ରହିବା ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥି ସହିତ ମୋବାଇଲ୍‌ର ଦୁରୁପଯୋଗ ନ କରିବା, ପୁଲିସ୍‌ର କର୍ତ୍ତବ୍ୟ ଓ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏକ ସଚେତନତା ରଥ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଜିଲ୍ଲାର ୪ଟି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଏସ୍‌ପିସିରେ ୨୨ ଜଣ ପୁଅ ଓ ୨୨ଜଣ ଝିଅକୁ ନେଇ ଏସ୍‌ପିସି ଗଠନ କରାଯାଇଛି। ସଚେତନତା ଶୋଭାଯାତ୍ରା ସମୟରେ ଗାଡି ଚାଳକମାନଙ୍କୁ ହେଲେମେଟ୍ ପିନ୍ଧିବା, ନିୟମ ମାନି ଗାଡି ଚଳେଇବା, ନିଶାସକ୍ତ ଅବସ୍ଥାରେ ଗାଡି ନ ଧରିବା ଆଦି ସମ୍ପର୍କରେ ସ୍ଲୋଗାନ ମାନ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ବରିଷ୍ଠ ଶିକ୍ଷକ ପବିତ୍ର ମୋହନ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମନୋଜ କୁମାର ପରିଜା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ଶେଷରେ ପ୍ରକାଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୯୮୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ପଟ୍ଟାମୁଣ୍ଡାଇ,୯।୪/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ତରଡିପାଳ ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ଗୋବର୍ଦ୍ଧନ ଧଳଙ୍କ ପୌରହିତ୍ୟ ଓ ଆର୍ଯ୍ୟବାଳା ଜେନାଙ୍କ ସଂଯୋଜନାରେ ଆୟୋଜିତ ଗୁରୁ ପୂଜନ ଓ ବନ୍ଧୁମିଳନ ଉତ୍ସବରେ ପ୍ରାକ୍ତନ ଶିକ୍ଷକ ରାଜ କୁମାର ବିଶ୍ୱାଳ, ନନ୍ଦ କିଶୋର ଭୂୟାଁ, ସୁଶୀଲ କୁମାର ବିଶ୍ୱାଳ, ଆଲ୍ଲାଦିନ ଭଦ୍ର ପର୍ଶୁରାମ ବିଶ୍ୱାଳ, କାଙ୍ଗାଳି ଚରଣ ଦାସ, ବିଚିତ୍ରାନନ୍ଦ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧୋୟାଞ୍ଚଳର ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ ଓ ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀମାନେ ଗୁରୁମାନଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପୁରାତନଛାତ୍ର ଅଜୟ ଦାଶ ବବିସ୍ମିତା ବିଶ୍ୱାଳ ସ୍ମୃତି ରଞ୍ଜନ ବିଶ୍ୱାଳ ନିର୍ମଳ ନାୟକ ଅଜିତ ବିଶ୍ୱାଳ କିଶୋର ବାରିକ, ପ୍ରତିମା ବିଶ୍ୱାଳ ସୌଦାମିନୀ ନାଥଶର୍ମା, କଳିଙ୍ଗ ବିଶ୍ୱାଳ,କଳ୍ପନା ନାଥଶର୍ମା, ଲିଲିଲତା ବିଶ୍ୱାଳ ସୌମେନ୍ଦ୍ର ଦାଶ ପ୍ରକାଶ ବିଶ୍ୱାଳ ସ୍ମିତା ବିଶ୍ୱାଳ, ନିଶିକାନ୍ତ ବିଶ୍ୱାଳ ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ବିଜୟଲକ୍ଷ୍ମୀ ବିଶ୍ୱାଳ ବିଜୟ ସାମଲ ରଞ୍ଜିତ ପ୍ରଧାନ ବିଭୁ ପ୍ରସାଦ ମଲ୍ଲିକ ସୁଧୀର ଦାସ ସୁଶାନ୍ତ ଜେନା ରବୀନ୍ଦ୍ର ବାରିକ ନମିତା ବିଶ୍ୱାଳ ଅମରେଶ ସାମଲ ମେନକା ସାମଲ, ମଞ୍ଜୁଲତା ଦାଶ ବିଜୟ ରାଉତ ପ୍ରମୁଖ ସ୍କୁଲ ଜୀବନର ସ୍ମୃତି ଚାରଣ କରିବା ସହିତ ସାମାଜିକ ପରିଚୟ ଓ ପ୍ରତିଷ୍ଠା ଦେଇଥିବା ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଶପଥ ନେଇଥିଲେ। ପୁରାତନ ଛାତ୍ର ସବିତା ବିଶ୍ୱାଳ ସ୍ୱାଗତଭାଷଣ ଓ ଗୀତାଞ୍ଜଳି ନାଥଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ।

**ନିତି ଭାରତୀ** | ସତ୍ୟ ଶଲ୍ୟ ଚିକିତ୍ସା ସଦୃଶ। ଏହା କଷ୍ଟ ଦେଇଥାଏ, କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ କରି ଦେଇଥାଏ। ମିଥ୍ୟା ଏକ ଯନ୍ତ୍ରଣା ନିବାରକ ଔଷଧ ସଦୃଶ। ଏହା ତୁରନ୍ତ ଆରାମ ପ୍ରଦାନ କରିଥାଏ, କିନ୍ତୁ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦୀର୍ଘକାଳ ପର୍ଯ୍ୟନ୍ତ ରହିଥାଏ। - **ଡକ୍ଟର ଏପିଜେ ଅବଦୁଲ୍ କଲାମ୍**

NITIDIN
ନିତିଦିନ
ଶୁକ୍ରବାର, ୧୦ ଏପ୍ରିଲ ୨୦୨୬

# ଲୁଇ ଶ୍ରୀନିବାସ ଓ କର୍ଣ୍ଣଙ୍କ ବିଚାର



**ନିରଞ୍ଜନ ସାହୁ**

ଆ୦ ଦିନ ଆଗରୁ 'ଲୁଇ ଶ୍ରୀନିବାସ କିଏ' ବୋଲି ପ୍ରଶ୍ନ କରିଥିଲେ କୋଟି କୋଟି ଭାରତୀୟଙ୍କ ପାଇଁ ତାହା ହୁଏତ ଅପରିଚିତ ଲାଗିଥାନ୍ତା; ହେଲେ ଆଜି ତାହା ଏକ ବହୁଳ ପ୍ରଚାରିତ ନାଁ। ଏଇ ମହାଶୟ (?) ଏକ ବିପଜ୍ଜନକ କାମରେ ହାତ ଦେଇ ଏବେ ପୁଲିସ ହେପାଜତରେ।

ଆପଣମାନଙ୍କର ସ୍ମରଣ ଥାଇପାରେ ଗତ କିଛି ମାସ ହେଲା ବାରମ୍ବାର ବିଭିନ୍ନ କୋର୍ଟ କଚେରି ହଠାତ୍ ବନ୍ଦ ହୋଇ ଯାଉଥିଲା। ଅଜ୍ଞାତ ସ୍ଥାନରୁ ବାର୍ତ୍ତାମାନ ଆସୁଥିଲା ଯେ କୋର୍ଟରେ ବୋମା ଖଞ୍ଜା ଯାଇଛି। ଏପରି ଖବର ଆସିଲା ମାତ୍ରେ କିଏ ବା ଚାହିଁବ ଜୀବନକୁ ପାଣି ଛଡ଼େଇ ସେଇ କୋର୍ଟ ପରିସରକୁ ଯିବାକୁ! ଏଇ ଥର କୋର୍ଟ କାମ ନହେଲେ ନାହିଁ। ଜୀବନ ଥରେ ଚାଲିଗଲେ କ'ଣ ହେବ ପରିସ୍ଥିତି! କେବଳ କୌଣସି ନିର୍ଦ୍ଦିଷ୍ଟ କୋର୍ଟ ନୁହେଁ, ସାରା ଭାରତର ବହୁ ହାଇକୋର୍ଟ, ଅତି ଉଚ୍ଚ ସ୍ତରର ସରକାରୀ କାର୍ଯ୍ୟାଳୟ, ଏପରିକି ସୁପ୍ରିମ୍‌କୋର୍ଟକୁ ଏମିତି ଧମକପୂର୍ଣ୍ଣ ଇ-ମେଲ୍ ଆସୁଥିଲା ବାରମ୍ବାର। ଆଉ ଫଳ ହେଉଥିଲା- ହଠାତ୍ କୋର୍ଟ କାମ ବନ୍ଦ ଏବଂ ନ୍ୟାୟ ଖୋଜୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଆଖିରେ ହତାଶା। କୋର୍ଟ କଚେରିକୁ ଭରସା କରି ବଞ୍ଚୁଥିବା ଲକ୍ଷ ଲକ୍ଷ ଛୋଟ ଦୋକାନୀ, ଶ୍ରମଜୀବୀ- ସମସ୍ତଙ୍କ ପାଇଁ ଅନିଶ୍ଚିତ ଜୀବନର ବାଟ।

ପ୍ରତି ଥର ପୁଲିସ ଆସି ପହଞ୍ଚି ଯାଉଥିଲେ ଅନ୍ୟ ସବୁ ଦାୟିତ୍ୱକୁ ପଛରେ ପକେଇ। ଦମକଳ ବାହିନୀ ବି ଅଟକି ରହୁଥିଲେ କିଛି ଅପ୍ରତ୍ୟାଶିତ ବିପଦକୁ ମୁକାବିଲା କରିବାକୁ। ସତର୍କତାର ସହିତ ଏବଂ ପ୍ରଚଳିତ (ଏସ୍‌ଓପି) ନିର୍ଦ୍ଦିଷ୍ଟ ପ୍ରାଧିକୃତ ନିୟମାବଳୀ ଅନୁଯାୟୀ ପରିସର ପରିବ୍ୟାପ୍ତ ସମସ୍ତ ଅଞ୍ଚଳକୁ ଯାଞ୍ଚ କରାଯାଉଥିଲା। ଆଉ କିଛି ବି ଆପତ୍ତିଜନକ ଚିଜ ମିଳୁ ନଥିଲା। ମାତ୍ର ଏପରି ଏକ ଧମକପୂର୍ଣ୍ଣ ଖବର ଆସିଲା ମାତ୍ରେ ତାକୁ ଅବିଶ୍ୱାସ କରିବା ମଧ୍ୟ ବୋକାମୀ। କଥାରେ ଅଛି- ଯେତେବେଳେ ସବୁକିଛି ଅନିଶ୍ଚିତ, ସେତେବେଳେ ଯେ କୌଣସି ଜିନିଷ ବି ସମ୍ଭବ। ଷଡ଼ଯନ୍ତ୍ରକାରୀ ନିଶ୍ଚିତ ଭାବରେ ଥିଲା ବୁଦ୍ଧିମାନ ଏବଂ ନିଜର କମ୍ପ୍ୟୁଟର ଦକ୍ଷତାର ଅପପ୍ରୟୋଗ କରି ସେ କୌଶଳରେ ନିଜର ପରିଚୟକୁ ଗୋପନ ରଖି ପାରୁଥିଲା ଏବଂ ଏହି କ୍ରମରେ ସାରା ଦେଶର ସାଇବର କ୍ରାଇମ୍ ବିଭାଗର ପୁଲିସ ଆଖିରୁ ନିଦ ହଜେଇ ଦେଇଥିଲା ଏଇ ଆସାମୀ ଜଣକ।

ଏଇ ତିରିଶ ତାରିଖ ମାର୍ଚ୍ଚରେ ଧରା ହେଲା ସେଇ ଆସାମୀ, କର୍ଣ୍ଣାଟକର ମହୀଶୁରଠାରୁ, ଆଉ ତା'ର ନାଁ ହେଉଛି ଶ୍ରୀନିବାସ ଲୁଇ। ଷଡ଼ଚାଳିଶ ବର୍ଷ ବୟସ୍କ ଏଇ ମୁଦାଲା ଜଣକ କୌଣସି ପେସାଦାର ଅପରାଧୀ ନୁହେଁ, ବରଂ ସେ ଜଣେ ଉଚ୍ଚଶିକ୍ଷିତ କମ୍ପ୍ୟୁଟର ବିଶାରଦ- ଏମ୍.ଏ. ଏବଂ ଏମ୍.ବିଏ. ପରି ଡିଗ୍ରୀ ରହିଛି ତା' ସହିତ। ତା'ର ବାପାଙ୍କର ଜମି ସଂକ୍ରାନ୍ତ ମାମଲା ରହିଥିଲା ପଡ଼ୋଶୀଙ୍କ ସହିତ। ସେଇ ଜମି ବିବାଦ ମାମଲାରେ ତାଙ୍କର ପରିବାର ନ୍ୟାୟ ପାଇ ନାହାନ୍ତି ବୋଲି ତାଙ୍କର ହୃଦ୍‌ବୋଧ ହେବାରୁ ସେ ପ୍ରତିକ୍ରିୟାଶୀଳ ହୋଇ ଦେଶସାରା ବିଭିନ୍ନ ନ୍ୟାୟାଳୟକୁ ଭୀତତ୍ରସ୍ତ କରିଥିଲା ମିଛ ଇ-ମେଲ୍ ପଠେଇ। ଏଥିପାଇଁ ସେ ପଚାଶ ଗୋଟି ମିଛ ଆଇଡି ବ୍ୟବହାର କରି ପ୍ରାୟ ଏଗାର ଶହ ଧମକପୂର୍ଣ୍ଣ ଖବର ପଠେଇ ଥିଲା। କେବଳ କଥା ଏତିକି ନା ତା' ପଛରେ ଆଉ କିଛି ରହସ୍ୟ ରହିଛି- ତାହା ଖୋଜୁଛି ଦିଲ୍ଲୀ ପୁଲିସ ଏବଂ ଚାର୍ଜସିଟ୍ ଦେଲା ବେଳକୁ ହୁଏତ ପୂର୍ଣ୍ଣାଙ୍ଗ ଖବର ଲୋକ ଲୋଚନକୁ ଆସିବ।

ଏପରି ଘଟଣା କିପରି ପୁନର୍ବାର ନ ଘଟିବ, ତାହା ସାରା ଦେଶରେ ସାଇବର ପୁଲିସଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସାଇବର କ୍ରିମିନାଲମାନେ କିପରି ମିଛ ଆଇଡି ଜରିଆରେ ବେନାମି ମେଲ୍ ପଠାଉଛନ୍ତି, ତାହା କିପରି ନିବାରଣ କରାଯାଇ ପାରିବ- ଏହା ସମସ୍ତଙ୍କର ଚିନ୍ତା।

ମହାଭାରତର ଏକ ପ୍ରସଙ୍ଗ ଏଠାରେ ସ୍ମରଣଯୋଗ୍ୟ। ତାହା ହେଉଛି, ମହାନାୟକ ଶ୍ରୀକୃଷ୍ଣ ଓ ଯୋଦ୍ଧା ଶିରୋମଣି କର୍ଣ୍ଣଙ୍କ ଭିତରେ ହୋଇଥିବା କଥୋପକଥନ। ଯେତେବେଳେ କର୍ଣ୍ଣଙ୍କ ରଥ ଯୁଦ୍ଧଭୂମିରେ ଏକ ପଙ୍କିଳ ରାସ୍ତାରେ ପଡ଼ିଗଲା ଏବଂ କର୍ଣ୍ଣ ନିଜର ରଥକୁ ଉଠାଇବାରେ ବ୍ୟସ୍ତ ଥିଲେ, ସେତେବେଳେ ଶ୍ରୀକୃଷ୍ଣଙ୍କ ଇଙ୍ଗିତରେ ତାଙ୍କ ଉପରେ ବାଣ ଉପରେ ବାଣ ନିକ୍ଷେପ କରି ଚାଲିଲେ ଅର୍ଜୁନ, ଯାହା ତାଙ୍କର ନିଧନର କାରଣ ହୋଇଥିଲା। ଅଭିମାନରେ କୃଷ୍ଣଙ୍କୁ ମୃତ୍ୟୁ ପୂର୍ବରୁ କର୍ଣ୍ଣଙ୍କର ପ୍ରଶ୍ନ ଥିଲା- ମୋ ପାଇଁ କାହିଁକି ନ୍ୟାୟ ମିଳିଲା ନାହିଁ? ମୁଁ ଜନ୍ମଠାରୁ ଅବଜ୍ଞାର ଶିକାର ହେଲି। ମୋତେ ମୋର ମାତା ଜନ୍ମ ଦେଲେ, ମାତ୍ର ଲୋକଲଜ୍ଜାରେ ମୋତେ ତ୍ୟାଗ କଲେ। ଯେତେବେଳେ ସମସ୍ତେ ମୋତେ ସୂତପୁତ୍ର କହି ତାଚ୍ଛଲ୍ୟ କରୁଥିଲେ, ସେତେବେଳେ ଦୁର୍ଯ୍ୟୋଧନ ମୋତେ ଅଙ୍ଗରାଜ ବୋଲି ସମ୍ବୋଧନ କରି ମୋର ସମ୍ମାନ ରକ୍ଷା କଲେ। ତେଣୁ ମୁଁ ତାଙ୍କର ପକ୍ଷ ନେଲି। ଏଥିରେ ଅଧର୍ମ କ'ଣ ରହିଲା? ଶ୍ରୀକୃଷ୍ଣ ତାଙ୍କର ଚିରାଚରିତ ହସ ହସି କହିଲେ, ତମେ କ'ଣ ଭାବୁଛ ମୋ ପାଇଁ ସଂସାର ନ୍ୟାୟ କରିଛି? ମୋର ଜନ୍ମ ହେଲା କାରାଗାରରେ। ଶିଶୁଟିଏ ହୋଇଥିବା ବେଳେ ମୋତେ ମାରିବା ପାଇଁ କଂସ କେତେ ଚେଷ୍ଟା କରି ନଥିଲା! ହେଲେ ତମେ କ'ଣ ଭାବୁଛ ତମେ ଧର୍ମର ପକ୍ଷରେ ଥିଲ? ତମେ ଆଜି ଧର୍ମର କଥା କହୁଛ, ମାତ୍ର ଯେତେବେଳେ ପାଞ୍ଚାଳୀଙ୍କୁ ତମର ସଖା କୁରୁସଭାରେ ବିବସ୍ତ୍ର କରୁଥିଲେ, ସେତେବେଳେ ତମର ଧର୍ମ କେଉଁଠି ଥିଲା? ଅନ୍ୟ କେହି ମୋତେ ଗୋଟିଏ ସମୟରେ ଅନ୍ୟାୟ କରିଥିଲାର ଦ୍ୱାହି ଦେଇ ମୁଁ ସବୁବେଳେ ଧର୍ମର କଥା କହି ପାରିବି ନାହିଁ।



ଠିକ୍ ସେହି କଥା ହିଁ ଏଠି ପ୍ରଯୁଜ୍ୟ ନୁହେଁ କି? ଲୁଇ ଶ୍ରୀନିବାସଙ୍କ ପିତାଙ୍କ ପ୍ରତି ଅନ୍ୟାୟ ହୋଇଥିଲା ଅନୁଭବ କରି ସେ ସାରା ନ୍ୟାୟ ବ୍ୟବସ୍ଥାରେ ସାମୟିକ ଭାବରେ ଆତଙ୍କ ସୃଷ୍ଟି କରିବା ପାଇଁ ଅନ୍ୟାୟ କରିବା କେତେଦୂର ଧର୍ମ ସମ୍ମତ?

ଏମିତି ଅନେକ ସମୟରେ ଆମେ ଚିନ୍ତା କରିଥାନ୍ତି। ଆମ ପ୍ରତି ନ୍ୟାୟ ମିଳିନାହିଁର ଅର୍ଥ ନୁହେଁ ଆମେ ଅନ୍ୟ ପ୍ରତି ଅନ୍ୟାୟ କରିବୁ। ଅନ୍ୟାୟକୁ ଅନ୍ୟାୟ ଦ୍ୱାରା ଲଢ଼ାଯାଇ ପାରିବ ନାହିଁ। ବେଳେବେଳେ ଆମେ ରାଗ ଏବଂ କ୍ରୋଧର ବଶବର୍ତ୍ତୀ ହୋଇ ଆମ ପ୍ରତି କିଛି ଅମଙ୍ଗଳକର ଘଟିଲେ ପ୍ରତିଶୋଧ ନେବାକୁ ଚାହୁଁ। ପ୍ରତିଶୋଧର ବହ୍ନିରେ ଆମ ପ୍ରତି ଘଟିଥିବା ଅନ୍ୟାୟର ଶହେ ଗୁଣ ଅଧିକ ଅନ୍ୟାୟ କରୁ। ଇଂରାଜୀରେ କୁହାଯାଏ- The law of retaliation is the law of multiplying evil. ଆମେ ବୁଝିବା ଦରକାର ଯେ ପ୍ରତିଶୋଧ ପରାୟଣତା କେବେ ବି ନ୍ୟାୟର ଏକ ବିକଳ୍ପ ହୋଇ ନପାରେ। ତେଣୁ ଲୁଇ ଶ୍ରୀନିବାସ ଯେଉଁ ବାଟ ଆପଣେଇଲେ, ତାଙ୍କୁ ତା'ର ଦଣ୍ଡ ଭୋଗିବାକୁ ପଡ଼ିବ।

ଅବଶ୍ୟ ଲୁଇ ଶ୍ରୀନିବାସଙ୍କୁ କର୍ଣ୍ଣଙ୍କ ସହିତ ତୁଳନା କରିବାର କିଛି କାରଣ ନାହିଁ। କର୍ଣ୍ଣଙ୍କ ଚରିତ୍ରରେ ବୀରତ୍ୱ ଥିଲା; ତାଙ୍କଠାରେ ପୌରୁଷ ଭଳି ସୁଗୁଣ ଥିଲା; ତାଙ୍କଠାରେ ଦାନ କରିବା ପରି ଗୌରବସୂଚକ ସଦ୍‌ଗୁଣ ଥିଲା। ସେମିତି କିଛି ବି ନଥିଲା ଲୁଇ ଶ୍ରୀନିବାସଙ୍କଠାରେ। ଫରାସୀ ବିପ୍ଳବ ବେଳେ ଲୁଇ ଚତୁର୍ଦ୍ଦଶଙ୍କ ନାଁ ହୁଏତ ଆମେ ଇତିହାସରେ ଅଧ୍ୟୟନ କରିଥିଲେ। ସେ ଥିଲେ ଜଣେ କଳଙ୍କିତ ନାୟକ। ତାଙ୍କରି ଧାରାରେ ଆଉ ଜଣେ ଲୁଇ ଯୋଗ ଦେଇ ସେଇ ଧାଡ଼ିକୁ ପ୍ରଲମ୍ବିତ କରିଛନ୍ତି। ଏଇ ଚରିତ୍ରଟି ପାଇଁ କେତେ ଆଶଙ୍କା, କେତେ ଆତଙ୍କ, କେତେ ଅନିଶ୍ଚିତତା ସୃଷ୍ଟି ହୋଇଛି, ତା'ର ଜବାବ ତାକୁ ଦେବାକୁ ହେବ। ମାତ୍ର ଆମ ସମସ୍ତଙ୍କର ଚେତନାର ଦିଗ୍‌ବଳୟ ବି ଖୋଲା ହେବା ଦରକାର, କାରଣ ଆମେ ବେଳେବେଳେ ପ୍ରତିଶୋଧ ପରାୟଣତାକୁ ଆମର ଧର୍ମ, ଆମର ଦାୟିତ୍ୱ ବୋଲି ମନକୁ ମନ କହୁ।

ବହୁ ହିନ୍ଦୀ ଚଳଚ୍ଚିତ୍ରରେ ଅନେକ ପ୍ରତିଶୋଧର କାହାଣୀ ଦେଖି ଦେଖି ଆମ ଅଜାଣତରେ ପ୍ରତିଶୋଧକୁ ନ୍ୟାୟର ବିକଳ୍ପ ଭାବରେ ଦେଖିବାର ଆମର ଏକ ଅଜ୍ଞାନ ଅବବୋଧ ସୃଷ୍ଟି ହୋଇ ଯାଇଛି। ଆମେ ସମସ୍ତେ ତାକୁ ପରିତ୍ୟାଗ କରିବା ପାଇଁ ଏଇ ଘଟଣାଟି ଗୋଟିଏ ଅବସର ପାଲଟୁ। ସାଇବର ଠକେଇ ଆମର ଜନଜୀବନକୁ ବିପନ୍ନ କରୁଥିବା ବେଳେ ଏଭଳି ଅପରାଧକୁ ସ୍ପେଶିଆଲ କୋର୍ଟ ମାଧ୍ୟମରେ ତୁରନ୍ତ ଦଣ୍ଡ ବିଧାନ କଲେ ସମାଜ ଏଭଳି ଅସାମାଜିକ ତତ୍ତ୍ୱଙ୍କଠାରୁ ରକ୍ଷା ପାଇ ପାରିବ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ। ମତାମତ ବ୍ୟକ୍ତିଗତ।)**
**ମୋ: ୯୪୩୮୪୮୨୯୧୧**

**ବିଶ୍ୱ ହୋମିଓପାଥିକ ଦିବସ ଅବସରରେ**

# ହୋମିଓପାଥିକ ଚିକିତ୍ସା ଓ ମାନବ ସମାଜ



**ଡାକ୍ତର ଅଜୟ କୁମାର ପଣ୍ଡା**

ହୋମିଓପାଥିକ ଚିକିତ୍ସା ବିଜ୍ଞାନର ଜନକ ଡାକ୍ତର ସାମୁଏଲ ହାନେମାନ୍ ଙ୍କ ଦର୍ଶନ ଏବଂ ଚିକିତ୍ସା ପଦ୍ଧତି ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିଛି।। ତାଙ୍କ ଦ୍ୱାରା ପ୍ରତିପାଦିତ 'ସିମିଲିଆ ସିମିଲିବସ୍ କ୍ୟୁରେଣ୍ଟର' ନୀତି ହୋମିଓପାଥିକ ଚିକିତ୍ସାର ମୂଳ ସୂତ୍ର ହୋଇ ରହିଛି।

ସମାଜକୁ ଆହ୍ୱାନ ଓ ସରକାରଙ୍କୁ ଅନୁରୋଧ- ହୋମିଓପାଥିକ ଚିକିତ୍ସା ପଦ୍ଧତି ବିଷୟରେ ଅଧିକ ଜାଣିବା ପାଇଁ ପ୍ରେରଣା ଦିଅନ୍ତୁ। ଫିଜିକ୍ସ, ବିଶେଷତଃ ନାନୋ ବୈଷୟିକ ବିଭାଗ, କେମିଷ୍ଟ୍ରି, ବଟାନୀ, ଜୁଲୋଜି,ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭିନ୍ନ ବିଭାଗ ସହିତ ମିଶି ଏକତ୍ର ଗବେଷଣା କରାଯାଉ ଏବଂ ସହଜ, ସରଳ ଏବଂ ଅଳ୍ପ ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ପାଇଁ ହୋମିଓପାଥିକ ଚିକିତ୍ସା କେନ୍ଦ୍ର ସବୁ ଗ୍ରାମ ପଞ୍ଚାୟତ, ବ୍ଲକ୍, ସବ୍‌ଡିଭିଜନ, ଜିଲ୍ଲା ସ୍ତରରେ ସ୍ଥାପନ କରାଯାଉ।

୧) ହୋମିଓପାଥିକ ଚିକିତ୍ସା ଏକ ପ୍ରାକୃତିକ, ବିଜ୍ଞାନସମ୍ମତ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଚିକିତ୍ସା ପଦ୍ଧତି, ଯାହା ଶରୀରରେ ରୋଗ ପ୍ରଭାବରୁ ଅସନ୍ତୁଳିତ ଜୀବନୀ ଶକ୍ତି (ଭାଇଟାଲ୍ ଫୋର୍ସ୍, ଲାଇଫ୍ ଫୋର୍ସ୍)କୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣେ ଏବଂ ଶରୀର ଓ ମନକୁ ସୁସ୍ଥ ରଖେ। ୨) ହୋମିଓପାଥିକ ଚିକିତ୍ସା ଶରୀରର ସ୍ୱାଭାବିକ ପ୍ରତିରୋଧ ଶକ୍ତି ବୃଦ୍ଧି କରିବାରେ ସହାୟତା କରେ। ୩) ହୋମିଓପାଥିକ ଚିକିତ୍ସାର ପ୍ରଭାବ ଶୀଘ୍ର ଦେଖାଯାଏ ଏବଂ ଏହା ସମୟସାପେକ୍ଷ ନୁହେଁ। ୪) ହୋମିଓପାଥିକ ଚିକିତ୍ସା ମନ ଓ ଶରୀର ଅସୁସ୍ଥ ହେବାର ମୂଳ କାରଣକୁ ଚିକିତ୍ସା କରିବାରେ ସହାୟତା କରେ, ଯାହାଦ୍ୱାରା ରୋଗୀ ଆରୋଗ୍ୟ ଲାଭ କରେ। ୫) ହୋମିଓପାଥିକ ଚିକିତ୍ସା ଆଧୁନିକ ଚିକିତ୍ସା ବିଜ୍ଞାନ ସହିତ ସହଯୋଗ କରି ପାରିବ, ଯଦି ସେମାନେ ପରସ୍ପର ସହିତ ସୂଚନା ବିନିମୟ କରନ୍ତି ଏବଂ ସେମାନଙ୍କ ଚିକିତ୍ସା ପଦ୍ଧତି ସମ୍ପର୍କରେ ସ୍ୱଚ୍ଛ ହୁଅନ୍ତି ଏବଂ ତଦନୁଯାୟୀ ଚିକିତ୍ସା ପଦ୍ଧତି ନିର୍ଦ୍ଧାରଣ କରନ୍ତି।



ହୋମିଓପାଥିକ ଚିକିତ୍ସା ବିଜ୍ଞାନ ମଧ୍ୟ ପଶୁପକ୍ଷୀ ଓ ବୃକ୍ଷଲତାଙ୍କ ରୋଗ ଉପରେ କାର୍ଯ୍ୟ କରିଥାଏ, ଯାହାକି ପ୍ରମାଣିତ ଓ ସିଦ୍ଧ ହୋଇ ସାରିଛି, ଯାହାର ଅଧିକ ଗବେଷଣା ଆବଶ୍ୟକ। ୬) ଆଧୁନିକ ଯୁଗରେ କେନ୍ଦ୍ର ତଥା ରାଜ୍ୟ ସରକାର ଯଦି ହୋମିଓପାଥିକ ଚିକିତ୍ସା ବିଜ୍ଞାନକୁ ଗୁରୁତ୍ୱ ଦେବା ସହ ପ୍ରତ୍ୟେକ ରାଜ୍ୟରେ ଆୟୁଷ ମନ୍ତ୍ରଣାଳୟ ଖୋଲି ଆୟୁର୍ବେଦ, ହୋମିଓପାଥି, ଯୋଗ, ୟୁନାନୀ, ପ୍ରାକୃତିକ ଚିକିତ୍ସା, ଫିଜିଓଥେରାପି ଇତ୍ୟାଦି ପ୍ରତି ଗୁରୁତ୍ୱ ଦିଅନ୍ତେ, ତା'ହେଲେ ଆମ ସମାଜ ଶୀଘ୍ର ସୁସ୍ଥ ହୋଇ ପାରନ୍ତା।

**ଅବସରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ, ହୋମିଓପାଥି**
**ଆୟୁଷ ନିର୍ଦ୍ଦେଶାଳୟ, ଓଡ଼ିଶା**
**ମୋ: ୯୪୩୭୨୯୮୨୭୫**

# ଆଖି ଚରିତ



**ଅଲେଖ ଚନ୍ଦ୍ର ମିଶ୍ର**

ଶରୀର ତତ୍ତ୍ୱ ଅନୁସାରେ ଆଖି ଏକ ଅଙ୍ଗ। ଶାସ୍ତ୍ର ଅନୁସାରେ ଏହା ଏକ ଇନ୍ଦ୍ରିୟ। କିନ୍ତୁ ଆମର ଦୈନନ୍ଦିନ ଜୀବନରେ ଆଖିର ଉପଯୋଗିତା ଏବଂ ତା'ର ବ୍ୟବହାର ଶୈଳୀ ବହୁବିଧ। ସ୍ଥୂଳତଃ ଦେଖିବା ହିଁ ଆଖିର ମୌଳିକ ଧର୍ମ ଏବଂ ଆଖିରେ ଥିବା ଜ୍ୟୋତିର ଆଲୋକ ବିନା ସାରା ଜଗତ ଅନ୍ଧାର। ତେଣୁ ସମଗ୍ର ଜଗତକୁ ଆଲୋକ ପ୍ରଦାନ କରୁଥିବା ସୂର୍ଯ୍ୟଙ୍କୁ 'ଜଗତଚକ୍ଷୁ' ('ନମୋସବିତ୍ରେଜଗଦେକଚକ୍ଷୁସେ') କୁହାଯାଏ। ପଦ୍ମ ଭଳି ଶାନ୍ତ ମଧୁର ଆଖି ପାଇଁ ବିଷ୍ଣୁ କମଳ ଲୋଚନ, ତିନିଟି ଆଖି ଥିବାରୁ ଶିବ ତ୍ରିନେତ୍ରଧାରୀ, ଆଠଟି ଚକ୍ଷୁ ବହନ କରୁଥିବା ଚତୁର୍ମୁଖ ବ୍ରହ୍ମା ଅଷ୍ଟାକ୍ଷ ଏବଂ ସର୍ବାଙ୍ଗରେ ଶତାଧିକ ଆଖି ଥିବା ଦେବରାଜ ଇନ୍ଦ୍ର ସହସ୍ରାକ୍ଷ ଭାବରେ ଜଣାଶୁଣା। ଆଖି ସୌନ୍ଦର୍ଯ୍ୟ ତଥା କୁତ୍ସାର ପ୍ରତୀକ ଏବଂ ହସ ଓ କାନ୍ଦର ବାବଦୁକ। ସମ୍ପୂର୍ଣ୍ଣ ଓ ସୁନ୍ଦର ଆଖି ଥିବା ନାରୀଙ୍କୁ ସୁଲୋଚନା, ସୁନୟନା କୁହା ଯାଉଥିବା ବେଳେ ଅସମ୍ପୂର୍ଣ୍ଣ ଆଖିକୁ, ଯଥା ଗୋଟିଏ ଆଖି ନଥିଲେ କଣା, ଦୁଇଟି ଆଖି ନଥିଲେ ଅନ୍ଧ, ଆଖିରେ ଫୁଲା ପଡ଼ିଥିଲେ ଫୁଲାଆଖିଆ, ଦିନରେ ଦେଖି ନ ପାରିଲେ ଦିବାନ୍ଧ, ରାତିରେ ଦେଖି ନ ପାରିଲେ ଅନ୍ଧାରକଣା, ଆଖି ଟିକେ ଟେଢ଼ା ଥିଲେ ଟେରା ବା ଟେରୀ, ଡୋଳାର ରଙ୍ଗ ଈଷତ୍ ବାଦାମୀ ହୋଇଥିଲେ ଚିଲାଆଖିଆ କୁହଯାଏ। ସେହିପରି ପଦ୍ମ ଦଳ ଭଳି କୋମଳ ଆଖି ପଦ୍ମାକ୍ଷୀ ବା ପଦ୍ମଲୋଚନ, ଗୋଲ୍ ଆଖି ମୀନନୟନା ବା ମୀନାକ୍ଷୀ, ଚଳଚଞ୍ଚଳ ଆଖି ବଣାଏଣୀ ପରି, ଈଷତ୍ ଲମ୍ବ ଆଖି ମୃଗାକ୍ଷୀ ବା ମୃଗନୟନା, ଆଖି ଦୀର୍ଘ ହୋଇଥିଲେ ବିଶାଳାକ୍ଷୀ, ବଡ଼ ହୋଇଥିଲେ ଡିମାଆଖି ଇତ୍ୟାଦିତୁଳନାତ୍ମକ ଶବ୍ଦ ଆମ ଚଳଣିରେ କାଳ କାଳରୁ ରହି ଆସିଛି। ଅନେକ ସମୟରେ ଆଖିର ଆକୃତି ମାନବ ଚରିତ୍ରର ବାର୍ତ୍ତାବହ ହୋଇଥାଏ, ଯେପରି ଲାଲ୍ ଆଖି କ୍ରୋଧ କିମ୍ବା ନିଶାସକ୍ତିର, ଅଗ୍ନି ଭଳି ଜ୍ୱଳନ୍ତ ଆଖି ପ୍ରତିଶୋଧପରାୟଣତାର, ବିସ୍ଫାରିତ ନେତ୍ର ଆଶ୍ଚର୍ଯ୍ୟଚକିତର, ଭ୍ରୂକୁଞ୍ଚନ ନାପସନ୍ଦର, ନିଷ୍ପ୍ରଭ ବୟସର, ଉନ୍ମିଳିତ ଖୋଲା ଆଖିର, ଭାଲସ୍ଥ ଧ୍ୟାନର, ନିଷ୍ପଲକ ଏକାଗ୍ରତାର, ଦୂରଦୃଷ୍ଟି ଆଗପଛ ବିଚାରର, ଚଉଆଖିଆ ବା ଚାରିଆଖିଆ ଚତୁରତାର, ଆଖି ତଳେ କଳା ଦାଗ ବିଗତ ଯୌବନର ଇତ୍ୟାଦି।

ଦେଖିବା ଆଖିର ମୁଖ୍ୟ କର୍ତ୍ତବ୍ୟ ହୋଇଥିଲେ ବି ସମୟ ସମୟରେ ତାକୁ ଏକାଧିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଏକ ସାଧାରଣ କଥା, ଯେପରି ଆଡ଼ ଆଖିରେ ନ ଚାହିଁବା (ବେଖାତିର କରିବା), ଆଖି ଦେଖେଇବା (ଡରାଇବା), ଆଖି ରଖିବା (ଜଗିବା), ନଜର ପକେଇବା (ହାଇସ/ ଈର୍ଷା କରିବା), ଦୃଷ୍ଟି କରିବା(ଅଶୁଭ ଆଖିରେ ଚାହିଁବା), ସୁଦୃଷ୍ଟି ରଖିବା (ମଙ୍ଗଳ କାମନା କରିବା), ଦେଖାଚାହାଁ କରିବା (ହେପାଜତ କରିବା), ନାଲିଆଖି ଦେଖେଇବା(ଧମକାଇବା), ଦେଖିନେବା



(ପ୍ରତିଶୋଧ ନେବାକୁ କହିବା), ନଜରରେ ରଖିବା ବା ଆଖି ଆଗରେ ରଖିବା (ହୁସିଆର ରହିବା), ଦୂରଦୃଷ୍ଟି (ସବୁଆଡ଼କୁ ଚାହିଁ କାମ କରିବା), ଲୋକଙ୍କ ଦୃଷ୍ଟିରେ (ବିଚାରରେ), ଦେଖୁ ଦେଖୁ (ହଠାତ୍), ଆଖିପତା ଡେଇଁବା ବା ସ୍ଫୁରିବା (ବାମ ଓ ଦକ୍ଷିଣ ଆଖି ଯଥାକ୍ରମେ ନାରୀ ଓ ପୁରୁଷଙ୍କ ପାଇଁ ଶୁଭ ଏବଂ ତା'ର ବିପରୀତ ଅଶୁଭ), ଆଖି ଲାଗିଯିବା (ନିଦ ମାଡ଼ିବା), ନିଜ ଆଖିରେ ଦେଖିବା (ପ୍ରତ୍ୟକ୍ଷଦର୍ଶୀ), ଆଖି ବୁଜିଦେବା (ଦେଖି ବି ନ ଦେଖିବା), ଆଖି ମାରିବା (ଇସାରା ଦେବା), ଆଖିରେ ଆଖି ମିଶିବା ବା ଚାରିଆଖି ହେବା (ଭଲ ପାଇବା), ଆଖି ଠାରିବା (ସଙ୍କେତ ଦେବା), ଆଖି ମିଟିମିଟି କରିବା (ଶୋଇବାର ଛଳନା), ଦେଖି ନ ପାରିବା (ସହି ନ ପାରିବା), ଦେଖିଚାହିଁ (ବୁଝିସୁଝି), ଆଖି ଛୁଇଁବା (ଶପଥ କରିବା), ପଛକୁ ନ ଚାହିଁବା (ଲକ୍ଷ୍ୟପଥରେ ଅଗ୍ରସର ହେବା), ଆଖେଇବା ( ଲୋଲୁପ ଦୃଷ୍ଟି ପକେଇବା), ଆଖିଦୃଶିଆ (ଆକର୍ଷଣୀୟ), ଆଖି ଖୋସି ହୋଇଯିବା ବା ଆଖି ଲାଖି ରହିବା (ମୁଗ୍ଧ ହେବା), ଆଖି ବଡ଼ ବା ଉପରକୁ ହେବା (ପରିସ୍ଥିତିରେ ଉନ୍ନତି), ସବୁଦିନ ପାଇଁ ନୟନ ମୁଦ୍ରିତ (ମୃତ୍ୟୁ)), କଟାକ୍ଷ ବା ବାଙ୍କ ଚାହାଣି (ସଙ୍କେତଧର୍ମୀ), ଜଳକା (କିଂକର୍ତ୍ତବ୍ୟବିମୂଢ଼) ଇତ୍ୟାଦି।

ଆଖି ଉପରେ ଆଧାରିତ ଅନେକ ଲୋକକଥା ଆମ ସମାଜରେ କାଳ କାଳରୁ ପ୍ରଚଳିତ ଅଛି, ଯେପରି ଆଖି ଥାଉ ଥାଉ ଅନ୍ଧ, ନୟନ ପିତୁଳା, ଗୋଦରୀ ଲୋ ତୋ ଗୋଡ଼କୁ ଅନା, ଆଖି ନାହିଁ କାନ ନାହିଁ ବାଜିଗଲେ ଦୋଷ ନାହିଁ, ଯାହା ନ ଦେଖିବ ବେନି ନୟନେ, ପରତେ ନଯିବ ଗୁରୁ ବଚନେ, ଆପେ ନ ମରିଲେ ସ୍ୱର୍ଗ ଦେଖି ହୁଏନା, ଆଖିରେ କାନରେ ଦିଇଟା ପୂରେଇ ଦେବା (ଯାଇତାଇ କରି ଶୀଘ୍ର ଖାଇଦେବା), ଅନ୍ଧ ଦେଶକୁ ଗଲି ଦର୍ପଣ ବିକି, ନ ଦେଖିଲା ଓଉ ଛ'ଫଡ଼ା, ନାହିଁ ମାମୁଠାରୁ କଣାମାମୁ ଭଲ, ତେରଛା ନଜର ବାଙ୍କ ଚାହାଣି ବିନା ଅସ୍ତ୍ରେ ଦିଏ ହୃଦକୁ ହାଣି, ଚିଠିରେ କି ଭୁଲେ ମନ ବିନା ଦରଶନେ ଶିଶିରେ କି ଫୁଟେ ଫୁଲ ବିନା ବରଷଣେ, ପ୍ରଥମ ଦର୍ଶନରେ ପ୍ରେମ (ଲଭ୍ ଆଟ୍ ଫାର୍ଷ୍ଟ ସାଇଟ୍), ମାରିନେଲେ ମହାପାତ୍ରେ ଚାହିଁଥିଲେ ଜଳକା, ଟିକେ ତଳେଇ କରି ଦେଖିବା, ମୃଣ୍ମୟୀ ପ୍ରତିମା ଚକ୍ଷୁଦାନ ପରେ ହିଁ ସଜୀବ ହୁଅନ୍ତି, ଆଖିରୁ କଳା (ସୁର୍ମା) କାଢ଼ିନେବା, କହିଲୁ ଦେଖି ଚେକିଲୋ ଚେକି ଚେକି ଚାରି ପାଖ ବାଳ ଶୋଇଥିଲେ ଚେକି ବୁଜି ହୋଇଥାଏ ଚାହିଁଥିଲେ ଦୁଇ ଫାଳ ଇତ୍ୟାଦି ଇତ୍ୟାଦି। ସଂସ୍କୃତ ଭାଷାରେ ତ 'ଲୋଚନାଭ୍ୟାଂବିହୀନସ୍ୟ ଦର୍ପଣଃ କିଂ କରିଷ୍ୟତି', 'ସର୍ବସ୍ୟ ଲୋଚନଂ ଶାସ୍ତ୍ରଂ ଯସ୍ୟନାସ୍ତ୍ୟନ୍ଧ ଏବ ସ' ଭଳି ଆଖି ବିଷୟରେ ଅନେକ ସୂକ୍ତି ରହିଛି।

ସର୍ବୋପରି, ଆଖିରେ ପଲକ ପଡ଼ିବା ମାନବ ସତ୍ତାର ଲକ୍ଷଣ; କାରଣ ଦେବତାମାନଙ୍କର ଆଖିରେ ପଲକ ପଡ଼େନାହିଁ। ଆଖିର ଅନ୍ୟ ଏକ ବିଶେଷତ୍ୱ ହେଲା, ସେ ସବୁ ଦେଖି ପାରୁଥିଲେ ବି ନିଜର ସାମ୍ନାରେ ଥିବା ନାକକୁ ଦେଖି ପାରେନା। ଏହା ମଣିଷ ଚରିତ୍ରର ଏକ ବାସ୍ତବ ପ୍ରତିଫଳନ; କାରଣ ମଣିଷ ସବୁ ଦେଖୁଥିଲେ ବି ନିଜର ଦୋଷ ଦୁର୍ବଳତାକୁ ଦେଖି ପାରେନା। ଯିଏ ଦେଖି ପାରେନା, ସେଅନ୍ଧ; ଯିଏ ଦେଖେନା, ସେ ବି ଅନ୍ଧ। ଦ୍ୱିତୀୟ ଶ୍ରେଣୀର ଅନ୍ଧ ହେଉଛନ୍ତି କାମାନ୍ଧ, ବିଷୟାନ୍ଧ, ସ୍ୱାର୍ଥାନ୍ଧ, ଅକଲ ଅନ୍ଧ, ମୋହାନ୍ଧ, ସ୍ନେହାନ୍ଧ, ଧର୍ମାନ୍ଧ, ସନ୍ତାନସନ୍ତତିଙ୍କ ଦୋଷ ଦୁର୍ବଳତା ପାଇଁ ଅନ୍ଧ ଇତ୍ୟାଦି, ଯେଉଁମାନଙ୍କୁ କେବଳ ଇପ୍‌ସିତ ବସ୍ତୁ ବ୍ୟତୀତ ଅନ୍ୟ କିଛି ଦିଶେନା। ତେଣୁ ଏମାନଙ୍କୁ ଆଖି ଥାଇ ବି ଅନ୍ଧ କୁହଯାଏ।

**ସାରଦାଶ୍ରୀ, ୯୦୪-ଶାସ୍ତ୍ରୀ ନଗର**
**ୟୁନିଟ୍-୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

# ଯୁଦ୍ଧ ବିରତି ଓ ଚିର ଶାନ୍ତି

ଇରାନୀୟ ସଭ୍ୟତାକୁ ସମୂଳେ ବିନାଶ କରିବାର ଏକ ପ୍ରଳୟଙ୍କରୀ ଧମକ ଦେବାର ସାଢ଼େ ଦଶ ଘଣ୍ଟା ପରେ ଏବଂ ଅନ୍ୟ ଏକ ନିର୍ଦ୍ଧାରିତ ସମୟ ସୀମା ପୂର୍ଣ୍ଣ ହେବାର ମାତ୍ର କେଇ ମିନିଟ୍ ପୂର୍ବରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦୁଇ ସପ୍ତାହର ଯୁଦ୍ଧ ବିରତି ନିମନ୍ତେ ଘୋଷଣା କରିବା ଭଳି ଏକ ପୁରୁଣା ଖେଳ ବହିକୁ ପ୍ରତ୍ୟାବର୍ତ୍ତନ କରିବା ସହିତ ସେ ଏଥିରେ ରାଜି ହୋଇଥିବା କହିଛନ୍ତି। ସମଗ୍ର ବିଶ୍ୱ ବର୍ତ୍ତମାନ ଶାନ୍ତିର ଏକ ଦୀର୍ଘଶ୍ୱାସଟିଏ ନେବା ସହିତ ପଶ୍ଚିମ ଏସିଆରେ ସ୍ଥାୟୀ ଶାନ୍ତି ପ୍ରତ୍ୟାବର୍ତ୍ତନ କରୁ ବୋଲି ପ୍ରାର୍ଥନା କରୁଛି, ଯଦ୍ଦ୍ୱାରା ବିଗତ ୪୦ ଦିନର ଯୁଦ୍ଧରେ ଦୈନିକ ଏକ ବିଲିଅନ୍ ଡଲାରରୁ ଅଧିକ କ୍ଷତି ସହିଥିବା ବିଶ୍ୱ ଅର୍ଥନୀତି କିଛି ସମୟ ପାଇବ ପୁନରୁଦ୍ଧାର ନିମନ୍ତେ। ଶ୍ରୀଯୁକ୍ତ ଟ୍ରମ୍ପ୍ ଏବେ ଆକାଶ ମାର୍ଗରେ କେତେକ ବୈଷୟିକ ପ୍ରାଧାନ୍ୟ ପ୍ରଦର୍ଶନ କରି ଏବଂ ଇରାନ୍ ମାଟିରେ ଏକ ସାହସିକ ଉଦ୍ଧାର କାର୍ଯ୍ୟ ସମ୍ପାଦନ କରି ପାରିଥିବାକୁ ନିଜ ଦେଶବାସୀଙ୍କୁ ଦେଖାଇ ଯୁଦ୍ଧରେ ଜୟଲାଭ କରିଥିବା ଘୋଷଣା କରି ପାରିବେ, କିନ୍ତୁ ସେ ବୁଝିବା ଉଚିତ ଯେ ଏହା ଏକ ଅନାବଶ୍ୟକ ଯୁଦ୍ଧ ଥିଲା, ଯେଉଁଥିରେ ନିଜର ଅଦମ୍ୟ ସାହସ ଓ ସାମରିକ ଶକ୍ତି ଯୋଗୁଁ ଇରାନ୍ ହାରିନାହିଁ। ବସ୍ତୁତଃ, ଇରାନ୍ ଏହି ଯୁଦ୍ଧ ଭିତରକୁ କେତେକ ଆରବ ଦେଶଙ୍କୁ ଟାଣି ଆଣିବାରେ ସକ୍ଷମ ହୋଇଥିଲା, ସେମାନଙ୍କର ତୈଳ ଅର୍ଥନୀତି ଉପରେ ମିସାଇଲ୍ ବର୍ଷା କରି ଏବଂ ଏକ ଯୁଦ୍ଧଗ୍ରସ୍ତ ବିଶ୍ୱରେ ସେମାନେ ଶାନ୍ତିପୂର୍ଣ୍ଣ ସ୍ୱର୍ଗରେ ବାସ କରୁଛନ୍ତି ବୋଲି କରୁଥିବା ଗର୍ବକୁ ଆହତ କରି। ଏହି ଯୁଦ୍ଧ ଫଳରେ ବିଶ୍ୱ ଯାହା ହରାଇଲା, ତାହା ହେଉଛି ଏକ ପ୍ରାଚୀନ ଆଇନ-ଆଧାରିତ ଶୃଙ୍ଖଳା ଏବଂ ଏଥି ସହିତ ସଂଯୁକ୍ତ ସାମଗ୍ରୀଗୁଡ଼ିକର ଚଳାଚଳର ପ୍ରବାହ, ଯାହା ବଳବତ୍ତର ଥିଲା ଯେ ପର୍ଯ୍ୟନ୍ତ ଇରାନ୍‌ର ସୀମାଗତ ସାର୍ବଭୌମତ୍ୱ ଆକ୍ରମଣର ଶିକାର ହୋଇ ନଥିଲା। ଏହା ଇରାନ୍‌କୁ ବିଶ୍ୱର ତୈଳ ଏବଂ ଗ୍ୟାସ୍ ପରିବହନର ଏକ ପ୍ରମୁଖ ଅବରୋଧ ବିନ୍ଦୁକୁ ବନ୍ଦ କରିଦେବାକୁ ବାଧ୍ୟ କରିଥିଲା, ଯାହା ଏହା ଆରମ୍ଭ କରିଥିବା ଏକ ସମାନ୍ତରାଳ ଯୁଦ୍ଧର ଏକ ଉଲ୍ଲେଖନୀୟ ଅଂଶରେ ବିଜୟ ହାସଲ କରିବା ପାଇଁ ସହାୟକ ହୋଇଥିଲା। ଏହି ଯୁଦ୍ଧରେ ଆମେରିକା ଯାହା ହରାଇଲା, ତାହା ହେଉଛି- ଏହାର ବଳିଷ୍ଠ ଶକ୍ତିର ଭାବମୂର୍ତ୍ତି, ଯେହେତୁ ଏକ ମୁକ୍ତ ବିଶ୍ୱର ନେତୃତ୍ୱ ନେଉଥିବା ନେତା ଏମିତି ଏକ ରାଷ୍ଟ୍ରରେ ପରିଣତ ହୋଇ ଯାଇଛି, ଯାହା ଜଣେ ବେଲଗାମ୍ ଏବଂ ବିପଜ୍ଜନକ ରାଷ୍ଟ୍ରପତିଙ୍କ ଦ୍ୱାରା ପରିଚାଳିତ ହେଉଛି, ଯିଏକି ସମ୍ପୂର୍ଣ୍ଣ ଭାବରେ ତାଙ୍କର ପ୍ରବୃତ୍ତି ଉପରେ ନିର୍ଭର କରୁଛନ୍ତି ଏବଂ ଯୁଦ୍ଧ ଆରମ୍ଭ କରି ଦେଉଛନ୍ତି।

ଏହି ସ୍ୱେଚ୍ଛାଚାରିତାଜନିତ ଯୁଦ୍ଧ ଯାହା ଶ୍ରୀଯୁକ୍ତ ଟ୍ରମ୍ପ୍ ଆରମ୍ଭ କରିଥିଲେ, ସେ ବାବଦରେ ହିଂସ୍ର, ଏମିତିକି ଅରୁଚିକର ମନଗଢ଼ା କଥାଗୁଡ଼ିକ ହୁଏତ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଦେଖା ଯାଉଥିବ। ପ୍ରଶ୍ନ ହେଉଛି- ତାଙ୍କ ଉପରେ ନ୍ୟସ୍ତ ଥିବା ଦାୟିତ୍ୱର ଗମ୍ଭୀରତାକୁ ସେ ଅନୁଭବ କରି ପାରିବେ କି, କାରଣ ପ୍ରଯୁକ୍ତି, ଯାହା ଚିନ୍ତା ଏବଂ ଜ୍ଞାନ ଅପେକ୍ଷା ଦ୍ରୁତତର ହୋଇପାରେ, ତାହା ହୁଏତ ଇରାନ୍‌ର ଜାତୀୟ ସ୍ତରର ନେତାମାନଙ୍କୁ ନାଶ କରିବାରେ ସାହାଯ୍ୟ କରିଥାଇ ପାରେ, କିନ୍ତୁ ଏହା ସମସ୍ତଙ୍କ ପାଇଁ ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ପରିଚାଳନା କରାଯିବା ଉଚିତ! ଯୁଦ୍ଧ ସମ୍ପର୍କରେ ନିରପେକ୍ଷତା ଅବଲମ୍ବନ କରୁଥିବା ନେଇ କୁହା ଯାଉଥିବା ଭାରତ ବିଶ୍ୱର ଶୀର୍ଷସ୍ଥାନୀୟ ନେତାମାନଙ୍କ ସହିତ ଗୋଟିଏ ଟେବୁଲ୍‌ରେ ବସି ଶାନ୍ତି ପ୍ରତିଷ୍ଠା ନିମନ୍ତେ ଆଲୋଚନା କରିବାର ସୁଯୋଗଟିଏ ହରାଇ ଥାଇପାରେ, ଯେତେବେଳେ କି ପାକିସ୍ତାନ ଆଫଗାନ୍ ଲୋକମାନଙ୍କ ଉପରେ ମଝିରେ ମଝିରେ ବୋମା ମାଡ଼ କରୁଥିଲେ ସୁଦ୍ଧା ଶାନ୍ତି ପ୍ରତିଷ୍ଠାର ହଠାତ୍ ଏକ ସକ୍ଷମ ମଧ୍ୟସ୍ଥି ସାଜି ପାରିଛି। ସେହିପରି ଇରାନ୍ ମଧ୍ୟ ହଠାତ୍ ଅନୁଭବ କରିପାରେ ଯେ ଏହା ଆମେରିକା, ଚୀନ୍ ଏବଂ ରୁଷିଆ ସହିତ ତାଳ ଦେଇ ପାରୁଥିବା ଏକ ବିଶ୍ୱ ଶକ୍ତି ହୋଇ ପାରିଛି, ଯେତେବେଳେ କି ଏହା ଧ୍ୟାନର କେନ୍ଦ୍ରବିନ୍ଦୁ ସାଜିଥିବା ଏକ ସଂକୀର୍ଣ୍ଣ ଜଳପଥ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜଗୁଡ଼ିକର ଚଳାଚଳ ପାଇଁ ଅନୁମତି ଦେବାକୁ ଏହା ପ୍ରଚୁର ପରିମାଣର ଅର୍ଥ ଆଦାୟ କରିପାରେ।

ବିରୋଧାଭାସର କଥା ହେଉଛି, ଇରାନ୍ ନିକଟରେ ଏବେ ବି ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରାଯାଇ ପାରିବା ଭଳି ମାନର ପ୍ରାୟ ଏକ ଟନ୍ ୟୁରାନିୟମ୍ ରହିଛି, ଯଦିଓ ଏହାର ଶାସନ ଭାର ଦଶନ୍ଧି ଦଶନ୍ଧି ଧରି ଆୟାତୋଲ୍ଲା ରହି ଆସିଥିବା ଖାମେନେଇଙ୍କ ଗୁରୁତର ଭାବରେ ଆହତ ହୋଇଥିବା ଉତ୍ତରାଧିକାରୀ ପୁଅ ଉପରେ ନ୍ୟସ୍ତ, ଯିଏ ଯୁଦ୍ଧର ପ୍ରଥମ ଦିନରେ ହିଁ ନିହତ ହୋଇଥିଲେ। ଇରାନ୍‌ର ଲୋକମାନେ ଅତ୍ୟାଚାରୀ ଇରାନ୍ ରିଭଲ୍ୟୁସନାରୀ ଗାର୍ଡସ୍ କର୍ପସ୍‌ଙ୍କ ଅଙ୍ଗୁଳି ନିର୍ଦ୍ଦେଶ ଉପରେ ନିର୍ଭର କରୁଥିବା ଧର୍ମତାନ୍ତ୍ରିକ ରାଷ୍ଟ୍ରରେ ବାସ କରିବା ବଜାୟ ରହିବ, କିନ୍ତୁ ତାହା ସେମାନଙ୍କର ଭାଗ୍ୟ ଏବଂ ଆମେରିକା ରାଷ୍ଟ୍ରପତିଙ୍କର ସେଥିରେ କିଛି କରିବାର ନାହିଁ। ଯୁଦ୍ଧର ଅନ୍ୟାନ୍ୟ ଲକ୍ଷ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ହର୍ମୁଜ୍ ପ୍ରଣାଳୀକୁ ଖୋଲା ରଖିବା, ଯାହା ଶ୍ରୀଯୁକ୍ତ ଟ୍ରମ୍ପ୍ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ପ୍ରରୋଚନାରେ ଫେବ୍ରୁଆରୀ ୨୮ରେ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଏମିତିରେ ବି ସମସ୍ତଙ୍କ ପାଇଁ ଖୋଲା ଥିଲା। ଲେବାନନ୍‌କୁ ଏକ ରାଷ୍ଟ୍ର ଭାବରେ ସାମିଲ ନ କରିବାକୁ ଇସ୍ରାଏଲର ଜିଦ୍, ଯାହା ଉପରେ ଯୁଦ୍ଧ ବିରତି କାର୍ଯ୍ୟକାରୀ ହେବ, ତାହା ତଥାପି ଯୁଦ୍ଧଖୋର ମନୋବୃତ୍ତିକୁ ବହନ କରିବ, ଯାହା ଇରାନ୍ ଅଂଶଗ୍ରହଣ କରିବା ନିମନ୍ତେ ରାଜି ହୋଇଥିବା ଶାନ୍ତି ଆଲୋଚନାରେ ବ୍ୟାଘାତ ସୃଷ୍ଟି କରିପାରେ। କହିବା ବାହୁଲ୍ୟ, ଇରାନ୍ ଏବଂ ଆମେରିକା ସମ୍ମୁଖକୁ ଆଣିଥିବା ବହୁବିଧ ପ୍ରସଙ୍ଗ ସମ୍ବଳିତ ଶାନ୍ତି ଯୋଜନାର ଅତି ସୂକ୍ଷ୍ମାତିସୂକ୍ଷ୍ମ ବୁଝାମଣା କ୍ଷେତ୍ରରେ ଅନେକ ସଂଖ୍ୟକ ପ୍ରତିବନ୍ଧକ ସାମ୍ନାରେ ଉଭା ହେବ, ଯେଉଁଗୁଡ଼ିକୁ ଅତିକ୍ରମ କରିବା ସହଜସାଧ୍ୟ ହେବାକୁ ଯାଉନାହିଁ। ଯେ ପର୍ଯ୍ୟନ୍ତ ଆମେରିକା ଏହାର ବୈଷୟିକ ପ୍ରାଧାନ୍ୟକୁ କିଛି ସମୟ ପାଇଁ ପରିହାର କରି ଏକ ଗ୍ରହଣୀୟ ବୁଝାମଣାରେ ଉପନୀତ ହେବାକୁ ଉଦ୍ୟମ କରିନାହିଁ ଏବଂ ତା' ସହିତ ଇସ୍ରାଏଲ୍ ଉପରେ ଲଗାମ୍ କଷିନାହିଁ, ସେ ପର୍ଯ୍ୟନ୍ତ ସମଗ୍ର ବିଶ୍ୱ ପାଇଁ ଏହାର ସ୍ୱାଭାବିକ ଜୀବନକୁ ଫେରିବା ସମ୍ଭବପର ହେବନାହିଁ। ଆଉ ଏଥିପାଇଁ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କୁ ବାସ୍ତବତାକୁ ଫେରିବାକୁ ପଡ଼ିବ।

# ସେ ସୁବିଧା ଦିଆଯାଇ ନାହିଁ

ପୁପୁ ନିଜ ଫୋନ୍‌ରେ କିଛି ଡାଉନ୍‌ଲୋଡ୍ କରିବାକୁ ଚେଷ୍ଟା କରୁଥିଲା। କିନ୍ତୁ ହେଉ ନଥିଲା। ଫୋନ୍‌ରୁ ତାକୁ ବାରମ୍ବାର ସୂଚନା ମିଳୁଥିଲା- 'ସେ ସୁବିଧା ଆପଣଙ୍କୁ ଦିଆଯାଇ ନାହିଁ।' ତା' ପରେ ଫୋନ୍ କଟି ଯାଉଥିଲା। ତା'ର ସାଙ୍ଗ କହିଲା- 'ତୋର ବାଲାନ୍ସ ସରି ଯାଇଛି। ବାଲାନ୍ସ ପକାଇଦେ।' ପୁପୁ ଫୋନ୍‌ରେ ବାଲାନ୍ସ ବି ପକାଇଲା। କିଛି ସମୟ କାମ କରିଛି, ପୁଣି ପୂର୍ବ ଭଳି ଫୋନ୍‌ରୁ ସୂଚନା ମିଳିଲା- 'ସେ ସୁବିଧା ଆପଣଙ୍କୁ ଦିଆଯାଇ ନାହିଁ।' ପୁପୁ ପୁଣି ଥରେ ବାଲାନ୍ସ ପକାଇଲା। ତା'ପରେ ଚାହୁଁଥିବା କାମ କଲା। ପୁପୁ ସିନା ଫୋନ୍‌ର ବାଲାନ୍ସ ପାଇଁ ବ୍ୟସ୍ତ ହେଉଥିଲା, ହେଲେ ଆମେ ଅନେକ ମଣିଷ ଜୀବନର ବାଲାନ୍ସ ପାଇଁ ବ୍ୟସ୍ତ ହେଉଛୁ।

ପରମାତ୍ମା ଆମକୁ କର୍ମଫଳ ଅନୁସାରେ ଭୋଗାଭୋଗ ଦେଇ ଥାଆନ୍ତି। ଆମେ କିନ୍ତୁ ଆବଶ୍ୟକତାଠାରୁ ଅଧିକ ପାଇବାକୁ ସବୁବେଳେ ବ୍ୟସ୍ତ ହେଉ। ଫୋନ୍‌ରେ ବାଲାନ୍ସ ପରି ଆମ ଜୀବନରେ ମଧ୍ୟ କିଛି ବାଲାନ୍ସ ଥାଏ। ଫୋନ୍‌ରେ ବାଲାନ୍ସ ସରିଗଲେ ଯେମିତି ଆଉ ଚାହୁଁଥିବା କାମ କରିହୁଏ ନାହିଁ, ଠିକ୍ ସେମିତି ଆମ ପୂର୍ବ କର୍ମଫଳ ଭୋଗ ସରିଗଲେ ଆଉ କର୍ମଫଳ ଭୋଗିବାକୁ ହୁଏନାହିଁ। ଅତୀତରେ ମନ୍ଦ କର୍ମ କରି ଏବେ ସୁଫଳ ଆଶା କଲେ ତାହା ମିଳେନାହିଁ। କିନ୍ତୁ ବର୍ତ୍ତମାନର ସ୍ଥିତି ଅନୁସାରେ ଆଗାମୀ ସମୟର ଭାଗ୍ୟକୁ ନିଜେ ନିର୍ଦ୍ଧାରଣ କରିବା ଉଚିତ୍। କାରଣ ବର୍ତ୍ତମାନ ହିଁ ଆମ ହାତରେ ଅଛି।

ପଦାରବିନ୍ଦ

ଜଣେ ବ୍ୟବସାୟୀ ଥିଲେ। ସେ ଅନେକ ଟଙ୍କା ପଇସା ରଖିଥିଲେ। ତାଙ୍କୁ ଜଣେ ସନ୍ଥ ପଚାରିଲେ- 'ତୁମେ ଯାହା ଅମଳ କରିଥିଲ, ଏବେ ତ ତାହା ଖାଉଛ। କିନ୍ତୁ ଏବର ଅମଳରୁ କିଛି ବିହନ ରଖୁଛ ନା ସବୁ ଖାଇ ପିଇ ଶେଷ କରି ଦେଉଛ?' ବ୍ୟବସାୟୀ ଜଣକ ହସିଦେଲେ। କହିଲେ- 'ମୁଁ କ'ଣ ଚାଷୀ! ଅମଳ କରି ଶସ୍ୟ ସାଇତି ରଖିବି! ମୁଁ ତ ବ୍ୟବସାୟୀ।'

ସେତେବେଳକୁ ସାଧୁ ତାଙ୍କୁ ଅତିକ୍ରମ କରି ଚାଲି ଯାଇଥିଲେ। ସାଧୁଙ୍କ କଥାର ମର୍ମ ବୁଝି ନପାରି ଲୋକଟି ତା'ର ବାପାଙ୍କୁ ଏକଥା ପଚାରିଲା। ବାପା କହିଲେ- 'ତୁ ପ୍ରତି ଦିନ ଯାହା ରୋଜଗାର କରୁଛୁ ଶହେରୁ ପାଞ୍ଚ ଭାଗ ମୋତେ ଦେବୁ। ଅନ୍ୟ ସବୁ ତୋ କାମରେ ଲଗା।' ଲୋକଟି ବାପାଙ୍କ କଥା ମାନିଲା। ପ୍ରତି ମାସରେ ତା'ର ବାପା ସାଇତି ରଖିଥିବା ଟଙ୍କାକୁ ଦୁଃଖୀ ଦରିଦ୍ରଙ୍କୁ ଦାନ କଲେ। ଅନେକ ଦିନ ବିତିଗଲା। ଦିନେ ବ୍ୟବସାୟୀର ଗୋଦାମ ଘରେ ନିଆଁ ଲାଗିଗଲା। ବହୁତ କ୍ଷତି ହେଲା। ପୂର୍ବ ପରି ଆଉ ରୋଜଗାର ହେଲାନାହିଁ। ଏତିକି ବେଳେ ଅନ୍ୟମାନଙ୍କଠାରୁ ସମବେଦନା ଓ ସାହାଯ୍ୟର ହାତ ବଢ଼ି ଆସିଲା। ଏହି ସମୟରେ ବୁଢ଼ାବାପା କହିଲେ- 'ପୁଅରେ! ପୂର୍ବରୁ ଯେଉଁ ପାଞ୍ଚ ଭାଗ ବୁଣିଥିଲୁ, ଏବେ ତାହା ଅମଳ ହେଉଛି। ପୂର୍ବର ସାହାଯ୍ୟ ଏବେ ସୁଯୋଗ ହୋଇ ତୋ ପାଖକୁ ଫେରି ଆସୁଛି।' ପୁଅ ବି ବୁଝି ପାରୁଥିଲା ଅତୀତର ବାଲାନ୍ସ ଏବେ ସୁବିଧା ସୃଷ୍ଟି କରୁଛି।

**ଲେଖା ପଠାଇବାର ଠିକଣା**, ସମ୍ପାଦକ, **'ନିତିଦିନ'**, Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ଷ୍ଟାଡିୟମ୍‌ରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

## ପୁଲିସ୍ ନିଷ୍କ୍ରିୟ, ସିସିଟିଭି କାହା ସ୍ୱାର୍ଥରେ !



**ତାଳଚେର,୯।୪/ଏନ୍‌ଏନ୍‌ଏସ୍:** ବହୁ ପ୍ରତୀକ୍ଷିତ ଦାବି ଓ ପ୍ରତିବାଦ ଜଣାଇବା ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ତାଳଚେରର ବହୁ ପୁରାତନ ଷ୍ଟାଡିୟମ୍‌ଟି ନୂତନ ରୂପ ପାଇବାକୁ ବସିଛି । ମାତ୍ର ଏହାର କାର୍ଯ୍ୟ ଶେଷ ହେବାକୁ ଅଳ୍ପ ଦିନ ବାକି ରହିଥିବା ବେଳେ ଏହି ଷ୍ଟାଡିୟମରୁ ବାରମ୍ବାର ଲକ୍ଷାଧିକ ଟଙ୍କାର କେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେଉଥିବାରୁ ଠିକାଦାର କ୍ଷତି ସହିନପାରି କାର୍ଯ୍ୟ ଛାଡ଼ି ଚାଲିଯିବେ ବୋଲି ଶୁଣିବାକୁ ମିଳୁଛି । ଏହି ଷ୍ଟାଡିୟମରେ ମାତ୍ର ଦୁଇଜଣ ଠିକା ଜଗୁଆଳୀ ଜଗୁଥିବା ବେଳେ କେବଳ ଏହା ପବନକୁ ଆଖି ଠାର ମାରିବା ସଦୃଶ୍ୟ ହୋଇଛି । ଅପରପକ୍ଷେ ଏହି ଷ୍ଟାଡିୟମଟି ଟାଉନ ଥାନା ଠାରୁ ମାତ୍ର ୧କିମି ଦୂର ହୋଇଥିବା ବେଳେ ଏହି ଷ୍ଟାଡିୟମରୁ ଏକାଧିକ ଥର ଚୋରି ହୋଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସର ଭୂମିକା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚୋରି, ରାହାଜାନୀ, ଡକାୟତି, ଡ୍ରଗ୍ସବେପାରୀ, ଗୋଡ଼ି, ବାଲି, ମୋରମ, କୋଇଲା ଚୋରି ଇତ୍ୟାଦିକୁ ଜଗିବାକୁ ଲକ୍ଷାଧିକ ଟଙ୍କା ବିନିମୟରେ ତାଳଚେରର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଖଞ୍ଜା ଯାଇଛି । ମାତ୍ର ଏଗୁଡିକ କାହା ସ୍ୱାର୍ଥରେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଙ୍କି ମାରୁଛି । ସହରର ସିସିଟିଭିର ସଂଯୋଗ ଏସଡିପିଓଙ୍କ କାର୍ଯ୍ୟାଳୟ ଓ ଥାନାରେ ରହିଥିଲେ ମଧ୍ୟ ଅପରାଧିକ କାର୍ଯ୍ୟ କିପରି ଦେଖାଯାଉନଥିବା ବେଳେ କେବଳ ବିନା ହେଲମେଟରେ ଗାଡ଼ି ଚାଳନା କରିବା ଓ ଜୋରିମନା କଷିବା ଦେଖାଯାଉଛି ତାକୁ ନେଇ ପ୍ରତ୍ୟେକ ଛକରେ ଚର୍ଚ୍ଚା ଲାଗି ରହିଛି । ସତେ ଯେପରି ଡକାୟତିମାନଙ୍କୁ ଧରିଲା ଭଳି ତାଳଚେର ଅଞ୍ଚଳରେ ପୁଲିସ୍ ବାବୁ କେବଳ ବିଭିନ୍ନ ଅଖାଡ଼ୁଆ ଛକ ସ୍ଥାନରେ ଗୁଡ଼ିକରେ ରହି ମଦ୍ୟପୀ ଗାଡ଼ିଚାଳକମାନଙ୍କୁ ଜୋରିମନା ଆଦାୟ କରିବାରେ ମାଷ୍ଟର ସାଜିଥିବା ବେଳେ ଏପଟେ ଅପରାଧିକ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ୍ୟ ପୁଲିସ୍ ନୀରବତା ସାଜିଥିବା କୁହାଯାଉଛି । ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବାନେଇ ସାଧାରଣରେ ଦାବି ହେଉଛି ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



**ପରଜଙ୍ଗ,୯।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଗଡ଼ ପରଜଙ୍ଗ ହନୁମାନ ବାଟିକା ପରିସରରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ରବିବାର ସନ୍ଧ୍ୟାଠାରୁ ଆରମ୍ଭ ହେଇଛି । ଆସନ୍ତା ୧୪ତାରିଖ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଚାଲିବ । ପ୍ରତ୍ୟେହ ଦିନ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ସହ ନାମ ସଂକୀର୍ତ୍ତନ ହୋଇ ସନ୍ଧ୍ୟା ୭ଟାରେ ପ୍ରବଚନ ଆରମ୍ଭ ହୋଇ ରାତ୍ରୀ ୧୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଗତ ସୋମବାର ଦିନଠାରୁ ପ୍ରବଚକ ପଣ୍ଡିତ ଗୁରୁପ୍ରସାଦ ମହାପାତ୍ର (ଖୋର୍ଦ୍ଧା) ଗୁରୁବାର ଦିନଠାରୁ ପଣ୍ଡିତ କୈଳାସ ଚନ୍ଦ୍ର ପଣ୍ଡା (ଖୋର୍ଦ୍ଧା )ଏବଂ ରବିବାର ଦିନ ଠାରୁ ପଣ୍ଡିତ ନାରାୟଣ ପଣ୍ଡା (ନରସିଂହପୁର)ପ୍ରମୁଖ ପ୍ରବଚକମାନେ ବିଭିନ୍ନ ଦିବସରେ ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ କଳସ ଯାତ୍ରା, ବିଗ୍ରହ ସ୍ନାନ, ଅଧିବାସ ପୂଜା ଶ୍ରୀରାମ ଚରିତ ମାନସ ପାରାୟଣ ଓ ମହାବୀର ସଙ୍କଟ ମୋଚନ ହନୁମାନ ପୂଜା ରହିଥିବା ବେଳେ ସନ୍ଧ୍ୟା ସମୟରେ ସମୂହ ଆଳତୀ କାର୍ଯ୍ୟକ୍ରମ ରହିଛି । ୧୪ ତାରିଖ ମଙ୍ଗଳବାର ହନୁମାନ ଜୟନ୍ତୀ ଓ ପଣାସଂକ୍ରାନ୍ତି ଅବସରରେ ସୂର୍ଯ୍ୟନାରାୟଣ ପୂଜା ଶ୍ରୀହନୁମାନ ଷୋଡଶ ଉପଚାର ପୂଜା ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଏବଂ ପଣା ବଣ୍ଟନ ସହ ସନ୍ଧ୍ୟାରେ ଅନ୍ୟ ଦିବସ ପ୍ରାସାଦ ସହିତ ବିଶିଷ୍ଟ ପ୍ରାସାଦ ସେବନ ବ୍ୟବସ୍ଥା ରହିଥିବା ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି । ହନୁମାନ ବାଟିକାର ସଦସ୍ୟ ରଞ୍ଜନ କୁମାର ଦଳବେହେରା, ମହେଶ୍ୱର ପରିଡ଼ା, ଶାରଦା ପ୍ରସନ୍ନ କବି, ଦାମୋଦର ବାରିକ ଚତୁର୍ଭୁଜ ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ପରିଚାଳିତ ହେଉଛି ।

# ଶିକ୍ଷକ ଅଭାବକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଅଭିଭାବକ



**କେନ୍ଦ୍ରାପଡା,୯।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ କୁତରଙ୍ଗ ହାଇସ୍କୁଲରେ ଦୀର୍ଘଦିନ ହେଲା ଶିକ୍ଷକ,ଶିକ୍ଷୟିତ୍ରୀ ଅଭାବ ଥିବାରୁ ଛାତ୍ରଛାତ୍ରୀମାନେ ପାଠପଢାରୁ ବଞ୍ଚିତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିକଟରେ ପ୍ରଧାନଶିକ୍ଷକଙ୍କ ଅବସର ପରେ ମାତ୍ର ଜଣେ ଶିକ୍ଷୟିତ୍ରୀ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡିଛି । ଏ ନେଇ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ରାଜନ ପ୍ରସାଦ ଥାଟୋଇଙ୍କ ନେତୃତ୍ୱରେ ପ୍ରସନ୍ନଜିତ ପଣ୍ଡା, ପିତାମ୍ବର ସାହୁ, ଗନ୍ଧର୍ବ ଦାସ, ବାବାଜୀ ଜେନା, ଆଇନଜୀବୀ ନିରଞ୍ଜନ ବଳ, ପ୍ରମୋଦ ମଲ୍ଲିକ, ଗୋଲଖ ଜେନା, ସମିତି ସଭ୍ୟ ଅକ୍ଷୟ କୁମାର ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ହାଇସ୍କୁଲରେ ତୁରନ୍ତ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାପାଇଁ ଦାବି କରିବା ସହିତ ହାଇସ୍କୁଲର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

# ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଦାବିପତ୍ର



**ଆଳି,୯।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମାଣିକପାଟଣାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ଏକ ଦାବିପତ୍ର ଆଳି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ଦିଆ ଯାଇଥିବା ଦାବିପତ୍ରରେ ଉଲେଖ କରାଯାଇଛି ଯେ ଏହି ଟ୍ରଷ୍ଟ ପକ୍ଷରୁ ସାମାଜିକ କାର୍ଯ୍ୟ କରାଯାଉଛି । ବିଭିନ୍ନ ସମୟରେ ଅସହାୟମାନଙ୍କ ନିକଟରେ ଏହି ଅନୁଷ୍ଠାନ ପହଞ୍ଚି ନିଜ ଆର୍ଥୀକ ସହାୟତା ଯୋଗାଇ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଜନମଙ୍ଗଳ କାର୍ଯ୍ୟ କରି ଆସୁଛନ୍ତି । ମାଣିକପାଟଣା ପଞ୍ଚାୟତରେ ଗଠିତ ଏହି ଅନୁଷ୍ଠାନର ଏକ ସ୍ଥାୟୀ କାର୍ଯ୍ୟାଳୟ ଓ ବୈଠକ ଗୃହ ନିର୍ମାଣ ନିମନ୍ତେ ଏକ ପ୍ଲଟ ଚିହ୍ନଟ କରି ସେମାନେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆବେଦନ କରିଥିଲେ । ଦୁଇ ଦୁଇ ଥର ସେମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଉଥିବା ବେଳେ ଆଳି ତହସିଲ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଉନି । ଆଳି ତହସିଲ ପକ୍ଷରୁ ଜାଗା ଚିହ୍ନଟ କରାଯାଇ ସେମାନଙ୍କୁ ଯୋଗାଇ ଦିଆଗଲେ ସେଠାରେ ଆମ ସ୍ୱାଭିମାନ ଟ୍ରଷ୍ଟର କାର୍ଯ୍ୟାଳୟ ଓ ବୈଠକ ଗୃହନିର୍ମାଣ ହୋଇପାରିବ ବୋଲି ଏକ ଦାବିପତ୍ର ଆଳି ତହସିଲଦାର ସୁମନ ଘୋଷଙ୍କୁ ପ୍ରଦାନ କରାଯାଇଛି । ଏ ନେଇ ତହସିଲଦାର ସୁମନ ଘୋଷଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗ ପତ୍ର ସମ୍ପର୍କରେ ସେ ଜିଲ୍ଲା ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଯାହା ନିର୍ଦ୍ଦେଶ ମିଳିବ ସେହି ଅନୁଯାୟୀ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସଭାପତି ବିନୋଦ କୁମାର ତରାଇ, ସମ୍ପାଦକ ଶିବପ୍ରସାଦ ବେହେରା, ମେନେଜିଙ୍ଗ ଟ୍ରଷ୍ଟ ଦେବେନ୍ଦ୍ର ଦାଶ, କୋଷାଧକ୍ଷ ସଞ୍ଜୟ କୁମାର ଦାସ, ପ୍ରଶାନ୍ତ ବିଶ୍ୱାଳ, ବିଶ୍ୱନାଥ ଦାସ, ଜିତେନ୍ଦ୍ର ସେଠୀ, ପ୍ରମୋଦ ବିଶ୍ୱାଳ, ବିଶ୍ୱଜିତ ପରିଡା, ପ୍ରଫୁଲ୍ଲ ତରାଇ, କଳିଙ୍ଗ ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଗଞ୍ଜେଇ ସହ ଚୋରା ମଦ ଜବତ, ଜଣେ ଗିରଫ



**ପରଜଙ୍ଗ,୯।୪/ଏନ୍‌ଏନ୍‌ଏସ୍:** ଗଞ୍ଜେଇ ସହ ଚୋରା ମଦ ଜବତ, ଜଣେ ଗିରଫ । ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ବାରିହାପୁର ଗ୍ରାମରେ ଗୁରୁବାର ଦିନ ଭୋର୍ ସମୟରେ ଭୀମସେନ ଦେହୁରୀଙ୍କ ପୁତ୍ର ଗଞ୍ଜେଇ ମାଫିଆ ଦିଲ୍ଲୀପ ଦେହୁରୀ ( ୫୧) କାମାକ୍ଷାନଗର ଓ ପରଜଙ୍ଗ ଅବକାରୀ ଟିମ୍ ମିଳିତ ଚଢ଼ାଉ କରି ୫.୫୦୦ କି: ଗ୍ରା ଗଞ୍ଜେଇ ୯୩.୬୦୦ ଲିଟର ବିଅର ୧୭.୨୮୦ ଲିଟର ବିଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ । ତଦନ୍ତରୁ ଜଣାଯାଇଛି ଗିରଫ ମାଫିଆ ଦୀର୍ଘଦିନ ଧରି ବାହାର ରାଜ୍ୟରୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ଗଞ୍ଜେଇ ଆଣି ବେପାର କରିବା ସହ ଜିଲ୍ଲା ବାହାରକୁ ଚାଲାଣ କରୁଥିଲା । ତେବେ ଏନେଇ ଆଗକୁ ତଦନ୍ତ ଜାରି ରଖିଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

# ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ବଣ୍ଟନ କଲେ ମନ୍ତ୍ରୀ



**ପାରାଦୀପ,କୁଜଙ୍ଗ,୯।୪/ଏନ୍‌ଏନ୍‌ଏସ୍:** କୁଜଙ୍ଗ ଠାରେ ଗୁରୁବାର ଦିନ ଆୟୋଜିତ 'ଦିବ୍ୟାଙ୍ଗଜନଙ୍କ ନିମନ୍ତେ ସହାୟକ ଉପକରଣ ବିତରଣ ସମାରୋହ ଶିବିର'ରେ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ (ଆଇଓସିଏଲ୍), ପାରାଦ୍ୱୀପ ରିଫାଇନେରୀର ସିଏସ୍‌ଆର ଫଣ୍ଡ ସହାୟତାରେ ଦିବ୍ୟାଙ୍ଗମାନଙ୍କୁ ବ୍ୟାଟେରୀ ଚାଳିତ ଇ-ରିକ୍ସା ବଣ୍ଟନ କରିଥିଲେ । ଏହାଦ୍ୱାରା ସେମାନଙ୍କ ଦୈନନ୍ଦିନ ଚଳଣି ଓ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ ଏବଂ ଏହା ସେମାନଙ୍କୁ ସଶକ୍ତ ତଥା ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହି ଇ-ରିକ୍ସା ବଣ୍ଟନ କାର୍ଯ୍ୟକ୍ରମରେ ଆଇଓସିଏଲ୍ ପାରାଦୀପ ରିଫାଇନେରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) କୌଶିକ ବସୁ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଦିବ୍ୟାଙ୍ଗମାନେ ହେଉଛନ୍ତି ଅସାଧାରଣ ପ୍ରତିଭାର ଅଧିକାରୀ । ସେମାନଙ୍କର ପ୍ରତିଭା କୌଣସି ଗୁଣରେ କମ୍ ନୁହେଁ । ଦିବ୍ୟାଙ୍ଗଙ୍କର ଉନ୍ନତି ପାଇଁ କାର୍ଯ୍ୟକରିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଆମେ ସମସ୍ତେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

**ହୋଟେଲ୍ ମାଲିକଙ୍କ ମହାନତା**

# ଲାପ୍‌ଟପ୍ ସହ ନଗଦ ଟଙ୍କା ପାଇ ଫେରାଇଲେ



**ଆଳି,୯।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ସଦର ମହାକୁମାରେ ଥିବା ହୋଟେଲ୍ ରଶ୍ମି ମାଲିକ ରଶ୍ମିରଞ୍ଜନ ଆଚାର୍ଯ୍ୟ(ବାପି )ତାଙ୍କ ହୋଟେଲ୍‌କୁ ଖାଇବାକୁ ଆସି ଲାପ୍‌ଟପ୍ ବ୍ୟାଗ୍ ଛାଡି ଦେଇ ଯିବା ପରେ ରଶ୍ମି ଏହାକୁ ଲାପ୍‌ଟପ୍ ଫେରାଇ ଦେବାପରେ ତାଙ୍କର ଏହି ମହାନତା ପାଇଁ ପ୍ରଶଂସାର ସୁଅ ଛୁଟିଛି । ପ୍ରକାଶ, ଭୁବନେଶ୍ୱରର କାର୍‌ମାର୍ଟର ମାଲିକ ଆଳି ଥାନା ଅନ୍ତର୍ଗତ ମାଣିକପାଟଣା ଗ୍ରାମର ସଞ୍ଜୟ ପରିଡା ଭୁବନେଶ୍ୱରରୁ ଏକ ଜରୁରୀ କାର୍ଯ୍ୟରେ ଆଳିକୁ ଆସି କାର୍ଯ୍ୟ ସାରି ହୋଟେଲ୍ ରଶ୍ମିରେ ମଧ୍ୟାହ୍ନ ଭୋଜନ କରି ଭୁବନେଶ୍ୱର ଫେରି ଯାଇଥିଲେ । ଭୁବନେଶ୍ୱରରେ ପହଞ୍ଚି ସେ ବ୍ୟାଗ୍ ଖୋଜିବା ପରେ ପାଇନଥିଲେ । ବ୍ୟାଗ୍‌ରେ ଲାପ୍‌ଟପ୍ ସହ ନଗଦ ଟଙ୍କା, ବିଭିନ୍ନ ବ୍ୟାଙ୍କର ଚେକ୍‌ବୁକ୍ ସହ ସଞ୍ଜୟଙ୍କ ପର୍ସ, ଏଟିଏମ୍ କାର୍ଡ, ଡେବିଟ୍‌କାର୍ଡ ସହ ଜରୁରୀ କାଗଜ ପତ୍ର ଥିଲା । ରଶ୍ମି ହୋଟେଲ୍‌ରେ ଖାଇବା ପରେ ବ୍ୟାଗ ଛାଡି ଦେଇଥିବା ଜାଣିବା ପରେ ଯୋଗାଯୋଗ କରି ହୋଟେଲ ମାଲିକ ବାପିଙ୍କ ସହ କଥା ହେବାପରେ ସେ ଏହାକୁ ସୁରକ୍ଷିତ ଭାବେ ରଖିଥିବା ନେଇ କହିଥିଲେ । ଗତକଲି (ବୁଧବାର) ସକାଳେ ହୋଟେଲ ମାଲିକ ବାପି ସୁରକ୍ଷିତ ଭାବେ ସଞ୍ଜୟଙ୍କ ବ୍ୟାଗ ଫେରାଇ ଦେଇଥିବାରୁ ରଶ୍ମିଙ୍କ ଏହି ମହାନତା ପାଇଁ ସଞ୍ଜୟ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ବାପିଙ୍କ ଏହି ମହାନତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରିଛନ୍ତି ।

# ଝାଡ଼ାବାନ୍ତି ଆକ୍ରାନ୍ତ, ଜଣେ ମୃତ



**ଧର୍ମଶାଳା,୯।୪/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପୁଣି ଝାଡାବାନ୍ତି ରୋଗ ବ୍ୟାପିବା ପରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି । ପ୍ରକାଶ, ତରଞ୍ଜିଆ ପଞ୍ଚାୟତ ବାଉଁଶଡୋଳ ଗ୍ରାମରେ ଝାଡା ବାନ୍ତିରେ ଆକ୍ରାନ୍ତ ହୋଇ ଗୋଟିଏ ପରିବାରର ୭ ଜଣ ଲୋକେ ପ୍ରଥମେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ଗତକାଲି ପୂର୍ବାହ୍ନରେ ଆମ୍ବଡୋଳ ଗ୍ରାମର ବାଦଲ ମଲିକ (୩୨) ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ସନ୍ଧ୍ୟାରେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପୁଣି ଥରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ କେଉଁ କାରଣରୁ ଯୁବଙ୍କ ମୃତ୍ୟୁ ହୋଇଛି ତାହା ଅଦ୍ୟାବଧି ସ୍ପଷ୍ଟ ହୋଇ ନଥିବା ବେଳେ ଶବ ବ୍ୟଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ଏବଂ ଆଜି ମେଡିକାଲର ଏକ ଟିମ୍ ଆମ୍ବଡୋଳ ଗ୍ରାମକୁ ଯାଇ ଲୋକମାନଙ୍କୁ ସଚେତନ କରିବା ସହିତ ଜଳଉତ୍ସ ଗୁଡିକୁ ବିଶୋଧନ କରିଥିବା ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର କୁମାର ସାହୁ ସୂଚନା ଦେଇ କହିଛନ୍ତି । ଏଥିସହ ଉକ୍ତ ଗ୍ରାମରେ ଅଙ୍ଗନବାଡି କର୍ମୀ ଓ ଆଶା ଦିଦିମାନେ ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରିବା ସହିତ ହାଲୋଜିନ ବଟିକା ବଣ୍ଟନ କରିଥିବା ଜଣାପଡିଛି । ଏବେ ଆମ୍ବଡୋଳ ଗ୍ରାମର ଶାନ୍ତି ମଳିକ (୪୦), ଅଞ୍ଜଳି ମଳିକ (୨୦), କାମିନି ମଳିକ (୪୭), ସମିର ମଳିକ (୪୦), ପଙ୍କଜ ମଳିକ(୩୫), ପାଞ୍ଚାଳି ମଳିକ (୪୫) ୬ ଜଣ ଧର୍ମଶାଳା ମେଡିକାଲରେ ରହି ଚିକିତ୍ସିତ ହେଉଥିବା ବେଳେ ଆଜି ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ଅଞ୍ଚଳର ତନ୍ମୟ ଜେନା (୧୭), ଧର୍ମଶାଳା ବ୍ଲକ ନିଳାଦେଇପୁର ଗ୍ରାମର ପୂର୍ଣ୍ଣିମା ସାହୁ (୨୦), ରସୁଲପୁର ବ୍ଲକ ଗୋପାଳପୁର ଗ୍ରାମର ବିଜୟ କୁମାର ଦାସ ( ୪୫) ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି । ତେବେ ଏଥିପ୍ରତି ସାଧାରଣ ଲୋକେ ଭୟଭିତ ନହୋଇ ନିୟମିତ ଭାବେ ଫୁଟା ପାଣି ପିଇବା ସହିତ ଗରମ ଖାଦ୍ୟ ଖାଇବାକୁ ମେଡିକାଲ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଘରେ ପଶି ଭଙ୍ଗା ରୁଜା, ଥାନାରେ ଅଭିଯୋଗ

**ରାଜନଗର,୯।୪/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ କୋଇଲିପୁର ପଞ୍ଚାୟତ ବଡ଼ପଲ୍ଲୀ ଗ୍ରାମରେ ଘର କବାଟ ଭାଙ୍ଗି ଜୋର ଜବରଦସ୍ତ ପଶି ମାଡ ମାରି ଆସବାବପତ୍ର ଭାଙ୍ଗି ଫିଙ୍ଗା ଫୋପଡ଼ା କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ଅଭିଯୋଗକାରିଣୀ ଏହି ଗ୍ରାମର ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ଅଭିଯୋଗ ମୁତାବକ ମଙ୍ଗଳବାର ସକାଳ ୧୦ଟା ସମୟରେ ୭ରୁ ୮ଜଣ ଲୋକ ତାଙ୍କ ଘର ନିକଟରେ ପହଞ୍ଚିଥିଲେ । ସେମାନଙ୍କ ମଧ୍ୟରୁ ୩ଜଣ ପୁଲିସ ପୋଷାକରେ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ନିଜର ନାମ ସାଗର ଦାସ ବୋଲି କହିବା ସହ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ରତିରଞ୍ଜନ ନାୟକଙ୍କ ନିର୍ଦ୍ଦେଶରେ ଆମେ ଆସିଛୁ । ତାପରେ ଆମ ଘର ଭିତରେ ଆସବାବ ପତ୍ର ଟିଭି, ଚେୟାର, ଭଙ୍ଗା ଭଙ୍ଗି କଲେ । ଘରେ ଥିବା ମୋ ଶଶୁର ଓ ଶାଶୂ ପ୍ରତିବାଦ କରିବାରୁ ସେମାନଙ୍କୁ ଧକ୍କା ମାରି ତଳେ ପକାଇ ଘର ଆଜ୍‌ବେଷ୍ଟ ଛାତ ଭାଙ୍ଗିବା ସହ ଘରେ ଥିବା କତା, କୁରାଢ଼ି, ଶାବଳ ନେଇ ଆସବାବ ପତ୍ର ନଷ୍ଟ କଲେ । ବାକ୍ସ ଭାଙ୍ଗି ୫୫ ହଜାର ୩ ଶହ ଟଙ୍କା ନେବା ସହ ଧମକ ଦେଇଯାଇଛନ୍ତି ।ତାଙ୍କ ପରିବାର ପ୍ରତି ବିପଦ ଥିବା ନେଇ ସେ ଜଣାଇବା ସହ ନ୍ୟାୟ ଦାବି କରିଛନ୍ତି । ଏ ସମ୍ପର୍କରେ ରାଜନଗର କିମ୍ବା ତନ୍ତିଆପାଳ ସାମୁଦ୍ରିକ ଥାନାଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଜିଲ୍ଲାପାଳ

## ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମିର କଲେ ସମୀକ୍ଷା



**ଯାଜପୁର,୯।୪/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଗୁରୁବାର ସକାଳେ ଅଚାନକ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି । ଏହି ଗସ୍ତ ସମୟରେ ସେ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବାର ବାସ୍ତବ ସ୍ଥିତି ସମୀକ୍ଷା କରିଥିଲେ । ଜିଲ୍ଲାପାଳ ପ୍ରଥମେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ସେମାନେ ପାଉଥିବା ଚିକିତ୍ସାର ଗୁଣବତ୍ତା ଓ ଡାକ୍ତରୀ ସେବା ଉପରେ ସେମାନଙ୍କ ମତାମତ ପଚାରି ବୁଝିଥିଲେ । ଏହାପରେ ସେ କାଜୁଆଲିଟି ବିଭାଗକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ଦୁଇଟି ଦୁର୍ଘଟଣା ମାମଲାରେ ପୀଡ଼ିତ ରୋଗୀଙ୍କ ସହ କଥା ହୋଇଥିଲେ । ପରୀକ୍ଷାଗାର ପରିଦର୍ଶନ ସମୟରେ ସେଠାରେ ଆବଶ୍ୟକୀୟ ଉପକରଣ, ଯନ୍ତ୍ରପାତି ଓ ରିଏଜେଣ୍ଟର ଉପଲବ୍ଧତା ବିଷୟରେ ଅନୁଧ୍ୟାନ କରିଥିଲେ । ପ୍ରତିଦିନ କେତେ ସଂଖ୍ୟାରେ ଏବଂ କେଉଁ ପ୍ରକାର ପରୀକ୍ଷା କରାଯାଉଛି, ସେ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ । ଏହାପରେ ସେ 'ନିରାମୟ' ଔଷଧ ବିତରଣ କେନ୍ଦ୍ର ପରିଦର୍ଶନ କରି ଉପସ୍ଥିତ ରୋଗୀଙ୍କ ସହ କଥା ହୋଇଥିଲେ ଏବଂ ମାଗଣା ଔଷଧ ଠିକ୍ ଭାବରେ ମିଳୁଛି କି ନାହିଁ, ସେ ବିଷୟରେ ତଦାରଖ କରିଥିଲେ । ଚିକିତ୍ସାଳୟର ଦ୍ୱିତୀୟ ମହଲାରେ ନୂତନ ଭାବେ ନିର୍ମିତ ହୋଇଥିବା ପେ-କ୍ୟାବିନଗୁଡିକୁ ମଧ୍ୟ ଜିଲ୍ଲାପାଳ ବୁଲି ଦେଖିଥିଲେ । ସେଠାରେ ଲାଗିଥିବା ପେସେଣ୍ଟ କଲିଂ ସିଷ୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାଗୁଡିକର କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ । ଖୁବ୍ ଶୀଘ୍ର ଏହି କ୍ୟାବିନ ଗୁଡିକୁ ରୋଗୀଙ୍କ ସେବା ପାଇଁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଡାକ୍ତରଖାନାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଆଗୁଆ ସତର୍କ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜିଲ୍ଲାପାଳ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଅଧ୍ୟକ୍ଷଙ୍କ ସହ ମେଡିକାଲ କଲେଜରେ ଡାକ୍ତରୀ ସେବା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଯେଭଳି କୌଣସି ବ୍ୟାଘାତ ନ ହୁଏ, ସେଥିପାଇଁ ପରାମର୍ଶ ଦେଇଥିଲେ । ଏହାସହ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

# ବନବିଭାଗ ପକ୍ଷରୁ ନୋଟିସ୍ ଜାରି

**ରାଜନଗର,୯।୪/ଏନ୍‌ଏନ୍‌ଏସ୍:** ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ଥିବା ହୋଟେଲ୍‌ଗୁଡିକ ସିଆର୍‌ଜେଡ ଆଇନ ଉଲଂଘନ କରିଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ବନବିଭାଗ ପକ୍ଷରୁ ହୋଟେଲ୍‌ଗୁଡିକୁ ନୋଟିସ୍ ଜାରି କରାଯାଇଛି । ବନଖଣ୍ଡ କାର୍ଯ୍ୟାଳୟ ରାଜନଗର ପକ୍ଷରୁ ଗତ ମାର୍ଚ୍ଚ ୨୫ ତାରିଖରେ ହୋଟେଲ୍ ମାଲିକମାନେ ସିଆର୍‌ଜେଡ ୧୯୧୯ ଆଇନ୍ ଓ ୧୯୮୬ ପରିବେଶ ସୁରକ୍ଷା ଆଇନ ଉଲଂଘନ କରି ହୋଟେଲ୍ ଚାଲୁଥିବା ନେଇ ନୋଟିସ୍ ଦିଆଯାଇଛି । ହୋଟେଲ୍ ଜଙ୍ଗଲ ଆଭେଞ୍ଚର, ହୋଟେଲ୍ କନିକା ସୁନ୍ଦରୀ, ହୋଟେଲ ରିଭରାଇନ, ହୋଟେଲ୍ କନିକା ରିସର୍ଟ, ହୋଟେଲ୍ କନିକା ମ୍ୟାନଗ୍ରୁଭ(ସ୍ୱାଦ) ପ୍ରଭୃତି ହୋଟେଲଗୁଡିକୁ ହୋଇଥିବାରୁ ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ପଚାରିବାରୁ ଯେଉଁ ହୋଟେଲଗୁଡିକ ସିଆରଜେଡ ଆଇନ ଓ ପରିବେଶ ସୁରକ୍ଷା ଆଇନକୁ ନମାନି ହୋଟେଲ ଚଳାଇଛନ୍ତି ସେମାନଙ୍କୁ ନୋଟିସ ଜାରି କରାଯାଇଛି ବୋଲି କହିଛନ୍ତି ।

# ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୦.୪୬ ଲକ୍ଷ



**ତାଳଚେର,୯।୪/ଏନ୍‌ଏନ୍‌ଏସ୍:** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡିକୁ ଗୁରୁବାର ଦିନ ଖୋଲାଯାଇଥିଲା । ତାଳଚେର ଡେପୁଟି କଲେକ୍ଟର ଧର୍ମେନ୍ଦ୍ର କୁମାର ଶତପଥି, ଟ୍ରଷ୍ଟ ସଦସ୍ୟ ରାଜେନ୍ଦ୍ର କୁମାର ସିଂ, ମୁରଲୀଧର ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ଗଗନ ବିହାରୀ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲା ଯାଇଥିଲା । ଏଥିରୁ ମୋଟ୍ ୧୦ଲକ୍ଷ ୪୬ ହଜାର ୯ଶହ ୧୦ ଟଙ୍କା ସଂଗୃହୀତ ହୋଇଥିଲା । କନ୍‌ଷ୍ଟେବଲ କରୁଣାକର ମହାପାତ୍ର, ବିଭୂତି ଭୂଷଣ ସାମଲ, ଶୁଶାନ୍ତ କୁମାର ସାହୁ, ବିକାଶ ରଞ୍ଜନ ପ୍ରଧାନ, ମାନସ ରଞ୍ଜନ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ସଚିନ କୁମାର ସାହୁ, ନାବି ସାମଲ, ପ୍ରତାପ ଚନ୍ଦ୍ର ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ମିଥୁନ ବେହେରା, ଦୀପକ ଦାସ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ, ରାଜେନ୍ଦ୍ର କୁମାର ସାମଲ, ବାଉରୀବନ୍ଧୁ ସାମଲ, ବାପି ସାହୁ, ଶ୍ରୀନିବାସ ଅମନ୍ତ, ପ୍ରସାଦ କୁମାର ଶତପଥୀ, ରଜନୀକାନ୍ତ ପ୍ରଧାନ, ସମ୍ବିତ କୁମାର ସାହୁ, ତାରାକାନ୍ତ ସାହୁ, ପି.ସୂର୍ଯ୍ୟକାନ୍ତ ନରେନ୍ଦ୍ର ରାଓ, ପୁପିନ୍ଦ୍ର ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ନାକଟିଦେଉଳ ସ୍ନାତକ କଲେଜରେ ରକ୍ତଦାନ ଅଭିଯାନ




**ରେଢ଼ାଖୋଲ, ୯।୪/ଏନ୍ଏନ୍ଏସ୍:** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରେଢ଼ାଖୋଲ ଓ ସମ୍ବଲପୁର ବ୍ଲଡ୍ ବ୍ୟାଙ୍କ ସହାୟତାରେ ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଜିଲ୍ଲା ଯୋଜନା କମିଟିର ସହଯୋଗୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଦେଓ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ବ୍ଲକ୍ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ରେଢ଼ାଖୋଲ ବ୍ଲଡ୍ ବ୍ୟାଙ୍କ୍ ଅଧିକାରୀ ଡାକ୍ତର୍ ଅଭିଶେକ ଦାଶ ଓ ଟେକ୍ନିସିଆନ୍ ନୃସିଂହ ଚରଣ ବିଶ୍ୱାଳ ଯୋଗଦେଇ ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର ଆୟୋଜନର ଯଥାର୍ଥତା, ରକ୍ତଦାନର ଆବଶ୍ୟକତା ଓ ନିୟମ ତଥା ରକ୍ତ ବର୍ଗୀକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ମନୋରମା ଧଳ, ଜାହ୍ନବୀ ଧଳ, କାମଦେବ ପଟେଲ, ଗଣେଶ ରାମ ସେଠ୍, ଡି. ସେଠ୍ଙ୍କ ପରିଚାଳନା ତଥା ୟୁଥ୍ ରେଡକ୍ରସ୍ର ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଓ ଏନ୍ଏସ୍ଏସ୍ ପ୍ରୋଗ୍ରାମ୍ ଅଫିସର୍ ଅଧ୍ୟାପିକା ଡ଼ଃ ଆର୍ ପୁଷ୍ପାଞ୍ଜଳିଙ୍କ ସଂଯୋଜନାକ୍ରମେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଭାବେ ଭଜମୋହନ ପ୍ରଧାନ, ଅଧ୍ୟାପିକା ଗିରିଶବାଳା ନାୟକ, ସମରେନ୍ଦ୍ର ମାଝୀ, ଭବାନୀ ସାହୁ, ଲୋପାମୁଦ୍ରା ଗଡ଼ତିଆ, ଅଜୟ ସାହୁ, ଉମାକାନ୍ତ ପ୍ରଧାନ, ଦିଲ୍ଲୀପ ସାହୁ, ସିପୁନ ପ୍ରଧାନ ଓ ଅଶୋକ ଧଳଙ୍କ ସମେତ ମୋଟ୍ ୩୮ ଜଣ ରକ୍ତଦାନ କରିଥିଲେ। ଏହି ଅଭିଯାନରେ ନାକଟିଦେଉଳ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ପଞ୍ଚାୟତ ସମିତିସ୍ତରୀୟ ବଜେଟ୍ ସଭା



**ଗୋଲାମୁଣ୍ଡା, ୯।୪/ଏନ୍ଏନ୍ଏସ୍:** ଗୋଲାମୁଣ୍ଡାରେ ପଞ୍ଚାୟତ ସମିତିସ୍ତରୀୟ ବଜେଟ୍ ସଭା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥିଭାବେ ଗୋଲାମୁଣ୍ଡା ଏବିଡିଓ ବିଜୟ କୁମାର ନାୟକ, ଏପିଓ କ୍ଷେତ୍ର ମୋହନ ମାଝୀ, ଜିପିଡିଓ ସୁଷମା ନାଏକ ଓ ଦଶପୁର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ସରିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଆଗାମୀ ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ଯୋଜନା ନିମନ୍ତେ ପାଣ୍ଠି ବଣ୍ଟନ ଉପରେ ଆଲୋଚନା କରାଯାଇଥିଲା। ସଭା ପ୍ରାରମ୍ଭରେ ବ୍ଲକ୍ ଅଧିକାରୀମାନେ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ ଏବଂ ଆଗାମୀ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ୍ ଉପରେ ଆଲୋକପାତ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଏବିଡିଓ ବିଜୟ କୁମାର ନାୟକଙ୍କ ସମେତ ମଞ୍ଚସ୍ଥ ଅତିଥିବୃନ୍ଦ ବଜେଟ୍ର ସୁବିନିଯୋଗ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମିତିସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନେ ମଧ୍ୟ ନିଜ ନିଜ ଅଞ୍ଚଳର ଆବଶ୍ୟକତା ସମ୍ବନ୍ଧରେ ମତାମତ ଦେଇଥିଲେ ଏବଂ ବଜେଟ୍ରେ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ଆଗାମୀ ବର୍ଷ ପାଇଁ ଅଧିକରୁ ଅଧିକ ବଜେଟ୍କୁ ଅନୁମୋଦନ କରାଯାଇଥିଲା। ଏହି ବଜେଟ୍ ସଭା ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସମସ୍ତେ ମତପ୍ରକାଶ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

**ଜୟପୁର, ୯।୪/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀ ୨.୦ର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟପୁର ପୌରପାଳିକା ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଓ ଉପାଧ୍ୟକ୍ଷ ବି ସୁନିତାଙ୍କ ସହ କାଉନସିଲର୍ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଅଧ୍ୟକ୍ଷତା କରିଥିଲେ। ଜୟପୁର ପୌରାଞ୍ଚଳର ୧୩୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଧାୟକ ବାହିନୀପତି ଯୋଗଦେଇ କାର୍ଯ୍ୟଦେଶ ବାଣ୍ଟିଥିଲେ। ଯେଉଁ ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇଛନ୍ତି ସେମାନେ ତୁରନ୍ତ ଘର କାମ ଆରମ୍ଭ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ କେତେକ ଦଲାଲ୍ ମୁ କରାଇଦେଲି କହି ଟଙ୍କା ମାଗିବେ ସେଥିପାଇଁ ସମସ୍ତେ ସଜାଗ ହୁଅନ୍ତୁ। କାହାକୁ ଟଙ୍କାଟିଏ ବି ଦେବେନାହିଁ। ବିଲ୍ ହେଉ କି ଫଟୋ ଉଠାଇବା ସମୟରେ ବି ଟଙ୍କା ଦେବେନାହିଁ। ଯିଏ ଟଙ୍କା ମାଗୁଛି ତୁରନ୍ତ ବିଧାୟକ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କାଉନସିଲର୍ଙ୍କୁ ଜଣାଇବେ। ଜଣାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ବାହିନୀପତି ସଚେତନ କରାଇଥିଲେ।

## 'ଆସ ବହିଟିଏ କିଣିବା' ଅଭିଯାନ



**ମାଲକାନଗିରି, ୯।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଉଥିବା ଓଡ଼ିଆ ପକ୍ଷର ନବମଦିନରେ 'ଆସ ବହିଟିଏ କିଣିବା' ଅଭିଯାନ ଆରମ୍ଭ ହୋଇଛି। ପୁସ୍ତକ ପଠନକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପୁସ୍ତକ ଷ୍ଟଲ୍ରେ ସ୍ଥାନୀୟ ବିକ୍ରେତା ରାମକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ବିଭିନ୍ନ ରୁଚିର ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଥିଲେ ଯେ ପୁସ୍ତକ ହେଉଛି ଜ୍ଞାନର ଆଲୋକ ଏବଂ ଆମ ସଂସ୍କୃତିର ପ୍ରକୃତ ପ୍ରତିଫଳନ। ବିଶେଷକରି ଛାତ୍ରଛାତ୍ରୀମାନେ ବହି ସହ ବନ୍ଧୁତା କଲେ ଏକ ସମୃଦ୍ଧ ସମାଜ ଗଠନ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ସଂସ୍କୃତି ଅଧିକାରୀ ସନ୍ତୋଷ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ କିଣିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ପ୍ରଶାସନର ଏହି ପଦକ୍ଷେପକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉଚ୍ଚପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ପସନ୍ଦର ବହି କିଣିବା ସହ ପଠନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ।

### ବସୁଧା ଯୋଜନାରେ ଅନିୟମିତତା

## ଅଚଳାବସ୍ଥାରେ ପାଣି ଟାଙ୍କି, ଗ୍ରାମବାସୀ ହନ୍ତସନ୍ତ



**ମ.ରାମପୁର, ୯।୪/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ୍ ଅନ୍ତର୍ଗତ ବାରବନ୍ଧା ପଞ୍ଚାୟତରେ ବସୁଧା ଯୋଜନା ଯୋଗାଣ ପ୍ରକଳ୍ପକୁ ନେଇ ଅନିୟମିତତା ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଘରକୁ ପାଇପ୍ଲାଇନ୍ ମାଧ୍ୟମରେ ପାନୀୟଜଳ ପହଞ୍ଚାଇବା ପାଇଁ ଅର୍ଥ ବ୍ୟୟ ହୋଇଥିଲେ ସୁଦ୍ଧା ଅଞ୍ଚଳବାସୀ ଏପର୍ଯ୍ୟନ୍ତ

**ଠିକାଦାର ଓ ଅଧିକାରୀଙ୍କ ମନମାନି ଯୋଗୁ ଅଧାରେ ଅଟକିଲା କାମ**

ଏହାର ସୁବିଧାରୁ ବଞ୍ଚିତ ରହିଛନ୍ତି। ସୂଚନାନୁଯାୟୀ ବାରବନ୍ଧା ପଞ୍ଚାୟତର ବାଗବେଡ଼ା, ପୁଜିଲଡ୍ଡୁ, ଗୁଡ଼ାଙ୍ଗଗୁଛା ଓ ବେଲଗାଁରେ ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ସେଗୁଡ଼ିକୁ ଚାଲୁ କରାଯାଇ ନାହିଁ। ଟାଙ୍କି ଗୁଡ଼ିକରେ ପାଣି ଚଢ଼ା ଯାଉନଥିବାରୁ ସମ୍ପୂର୍ଣ୍ଣ ଜଳଯୋଗାଣ ବ୍ୟବସ୍ଥା ଅଚଳ ଅବସ୍ଥାରେ ପଡ଼ି ରହିଛି। ଏହି ପ୍ରକଳ୍ପର କାମ ପ୍ରାୟ ୪ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଠିକାଦାର ଅଧାରୁ କାମ ଛାଡ଼ି ଦେଇଥିବା ଅଭିଯୋଗ ମଧ୍ୟ ଆସିଛି। ଏହାସହ ନିମ୍ନମାନର କାମକୁ ପ୍ରଶ୍ରୟ ଦିଆଯାଇଥିବା ଅଭିଯୋଗ ଉଠିଛି। ଏପରି ସ୍ଥିତିରେ ଗ୍ରାମବାସୀମାନେ ଭବିଷ୍ୟତରେ ଭୟାବହ ପାନୀୟଜଳ ସଙ୍କଟ ହେବା ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ପାଣି ଟାଙ୍କି ଗୁଡ଼ିକ ଜଙ୍ଗଲ ଓ ବୁଦା ଘେରି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗର ଯନ୍ତ୍ରୀମାନେ ଏ ଅଞ୍ଚଳକୁ ଯାଉନାହାନ୍ତି ଏବଂ ପ୍ରକଳ୍ପର ନିରୀକ୍ଷଣ ମଧ୍ୟ ସଠିକ୍ଭାବେ ହେଉନାହିଁ। ଏହା ପଛରେ ଠିକାଦାର ଓ ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ହୋଇଥିବା ସନ୍ଦେହ ହେଉଛି। ଏପରିକି ବଡ଼ ନେତାମାନେ ଅଞ୍ଚଳକୁ ଯାଉଥିବା ସତ୍ତ୍ୱେ ଆଦିବାସୀ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ଅବହେଳା ହେଉଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସମସ୍ୟାର ଉଚ୍ଚସ୍ତରୀୟ ତଦନ୍ତ କରି ଯଥାଶୀଘ୍ର ପାଣି ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗ୍ରାମବାସୀମାନେ ଦାବି କରିଛନ୍ତି।

**AFFIDAVIT**

I, **Madalasa Bose** (in Defence records written as Modalasa Bose/ Madalasha Bose), D/o- Sub Late Samir Kumar Bose, JC93297W,R/o Peyton Sahi, Buxi Bazar, Cuttack–753001, Ph.: 8240286189, hereby declare that all the above names refer to one and the same person. DOB: 09.11.1976 (as per Defence record, wrongly recorded) and 09.11.1977 (as per Birth & Matric records) both belong to me.

**AFFIDAVIT**

By virtue of an affidavit sworn before Notary Public, Balliguda dated **07.04.2026**, I **Tara Pujari**, aged about 43 years, Daughter of Utsab Pujari of Village- Puruna Nuagaon, P.O/P.S- K.Nuagaon, Dist-Kandhamal, PIN-762102, Odisha have changed my name from "**Tara Pujari**" to "**Kumari Tara Pujari**", and henceforth I shall be known as "**Kumari Tara Pujari**" for all purpose.

**AFFIDAVIT**

By virtue of an affidavit sworn before Notary Public, Kendrapara, Sl. No. 695, date 02.04.2026, I Surendra Kumar Palar, Address At - Nageswarpur, Po-Tilottamadeipur, Ps- Kendrapara, Dist - Kendrapara, Odisha, Pin-754211, declare that I have changed the name of my Daughter from Sampurnna Palar to Samparna Palar. Henceforth, she shall be known as **Samparna Palar** for all purposes.

Surendra Kumar Palar

**AFFIDAVIT**

By virtue of an affidavit sworn before the Executive Magistrate, Bonth, I Gauri Dehuri aged about 27 years D/o Sasikanta Dehri W/O Pramod Dehuri village – Ghantagadia, Dist-Bhadrak do here by declare that before marriage name mentioned in my Aadhar Card no- 691568063480 is Gouri Dehuri, after marriage my name changed to Pramila Dehuri W/O Pramod Dehuri which mentioned in my Bank Account no-540210110004755. Henceforth **Gauri Dehuri** and **Pramila Dehuri** both name is one and same person for all purposes.

### ଅଖିଳ ଭାରତୀୟ ଅଗ୍ରୱାଲ୍ ମହାସଭାର ରାଷ୍ଟ୍ରୀୟ ବୈଠକ

## 'ରାଷ୍ଟ୍ରୀୟ ଶ୍ରେଷ୍ଠ ସେବା ସମ୍ମାନ'ରେ ଓଡ଼ିଶାର ୩ ସମ୍ବର୍ଦ୍ଧିତ



**ଟିଟିଲାଗଡ଼, ୯।୪/ଏନ୍ଏନ୍ଏସ୍:** ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ର ୨ଜଣ ଓ ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍ର ଜଣେ 'ରାଷ୍ଟ୍ରୀୟ ଶ୍ରେଷ୍ଠ ସେବା ସମ୍ମାନ'ରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଚଳିତ ଏପ୍ରିଲ୍ ୪ ଓ ୫ ତାରିଖରେ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ସୀମାନ୍ତ ଚିତ୍ରକୁଟଧାମରେ ଅଖିଳ ଭାରତୀୟ ଅଗ୍ରୱାଲ ମହାସଭାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨ଟି ରାଜ୍ୟର ୧୧୪ ଜଣ ଓ ଚିତ୍ରକୁଳଧାମର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ଅଖିଳ ଭାରତୀୟ ଅଗ୍ରୱାଲ ମହାସଭାର ରାଷ୍ଟ୍ରୀୟ ସଭାପତି ସତୀଶ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ଅଧିବେଶନରେ ରାଷ୍ଟ୍ରୀୟ ମହିଳା ଅଧ୍ୟକ୍ଷା ମୃଦୁଳା ଅଗ୍ରୱାଲ, ରାଷ୍ଟ୍ରୀୟ ମହାମନ୍ତ୍ରୀ ହରିଓମ୍ ଗର୍ଗ ଓ ରମେଶ ଜୈନ, ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଭାନୁ ପ୍ରକାଶ ବଂସଲ ଓ ରାଷ୍ଟ୍ରୀୟ ପ୍ରବକ୍ତା ଜଗଦୀଶ ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ମହାମନ୍ତ୍ରୀ ରମେଶ ଜୈନ, ଓଡ଼ିଶା ପ୍ରାନ୍ତୀୟ ସଭାପତି ଶମ୍ଭୁ ଗୋୟଲ ଓ ଖରିଆର ରୋଡ୍ ନିବାସୀ ଅଭିଷେକ ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରେ ଅଗ୍ରୱାଲ୍ ମହାସଭାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସତୀଶ ଅଗ୍ରୱାଲ ସଭାପତି, ହରିଓମ୍ ଗର୍ଗ ଓ ରମେଶ ଜୈନ ମହାମନ୍ତ୍ରୀ, ମୃଦୁଲା ଅଗ୍ରୱାଲ ରାଷ୍ଟ୍ରୀୟ ମହିଳା ଅଧ୍ୟକ୍ଷା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବଜରଙ୍ଗ ଲାଲ ଅଗ୍ରୱାଲ ଓ ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ଜଗଦୀଶ ଜୈନ ନିର୍ଦ୍ୱନ୍ଦ୍ୱରେ ପୁଣି ମନୋନୀତ ହୋଇଛନ୍ତି। ଶ୍ରୀ ଜୈନ ଟିଟିଲାଗଡ଼ ଫେରିବା ପରେ ଅଖିଳ ଭାରତୀୟ ଅଗ୍ରୱାଲ୍ ମହାସଭାର ପ୍ରାକ୍ତନ ସଭାପତି ଶମ୍ଭୁ ଗୋଗର, ମାହାମନ୍ତ୍ରୀ ଗୋପାଳକୃଷ୍ଣ ଜୈନ, କୋଷାଧ୍ୟକ୍ଷ ବିଜୟ ଜୈକ, ଈଶ୍ୱର ଜୈନ, ଗୋପାଇ ଲାଠ, ଜିଲ୍ଲା ଶାଖା ସଭାପତି ନରେନ୍ଦ୍ର ଅଗ୍ରୱାଲ ଓ ସମ୍ପାଦକ ଶୈଳେଶ ଖୋଗର ପ୍ରମୁଖ ତାଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷକରି ବନ୍ଧୁ ଜିତୁ ସାହୁ, ପ୍ରଶାନ୍ତ ପାଢ଼ୀ ଓ ଚିତ୍ର ସାହୁ ରେଳ ଷ୍ଟେସନ୍ ପହଞ୍ଚି ସ୍ୱାଗତ ଜଣାଇ ପାଛୋଟି ଆଣିଥିଲେ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ




**ଝାରସୁଗୁଡ଼ା, ୯।୪/ଏନ୍ଏନ୍ଏସ୍:** ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଶାଖା ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ଅବିରତ ଚିକିତ୍ସା ଶିକ୍ଷା ଏବଂ ବୈଜ୍ଞାନିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ାର ସଚିବ ଏବଂ ଜଗ୍ୟାସେନୀ ହସ୍ପିଟାଲ୍ର ପ୍ରତିଷ୍ଠାତା ଡ଼କ୍ଟର୍ ଏସ୍ ଜେ ପଟେଲ୍ ମାନସିକ ସ୍ୱାସ୍ଥ୍ୟ ଆଧୁନିକ ଚିକିତ୍ସାରେ ଏକ ପ୍ରାଥମିକତା ଉପରେ ମତବ୍ୟକ୍ତ କରିଥିଲେ। ଭାରତୀୟ ଚିକିତ୍ସା ସଂଘ ଝାରସୁଗୁଡ଼ାର ଅଧ୍ୟକ୍ଷ ଡ଼କ୍ଟର ଆର୍ କେ ଯୋଶୀ ଭୌତିକ ସ୍ୱାସ୍ଥ୍ୟ ଏକ ସମଷ୍ଟିଗତ ପଦ୍ଧତି ଉପରେ ଆଲୋଚନା କରିଥିଲେ। ଡ଼କ୍ଟର୍ ଶକ୍ତି କୁମାର ତ୍ରିପାଠୀ ପ୍ରଜନନ ଔଷଧରେ କୃତ୍ରିମ ବୁଦ୍ଧିମତାର ଭୂମିକା ଉପରେ କହିଥିଲେ। ଡ଼କ୍ଟର୍ ଇପ୍ସିତା ଦେବତା ସୌନ୍ଦର୍ଯ୍ୟ ଔଷଧ ଉଦୀୟମାନ ଧାରା ଏବଂ କ୍ଲିନିକାଲ୍ ପ୍ରୟୋଗ ଉପରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଏସ୍ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ସମେତ ଡାକ୍ତରୀ ସମାଜର ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-CRW-MCS-EL-2-2026

କାର୍ଯ୍ୟର ନାମ : 18 ମାସ ପାଇଁ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱରର LHB କୋଚ୍ଗୁଡ଼ିକରେ ଲାଗିଥିବା ଭିନ୍ନ ଭିନ୍ନ କମ୍ପାନୀର ଓ୍ୱାରେଣ୍ଟି ସରିଯାଇଥିବା ଋଗ୍‌ଣ 4.5KW REBCର ମରାମତି / ରିକଣ୍ଡିସନିଂ।

ବିଜ୍ଞାପିତ ମୂଲ୍ୟ (₹) : 38,14,158.00, EMD (₹): 76,300.00, ଶେଷ ହେବା ଅବଧି : 18 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.04.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.04.2026 ରିଖ 1700 ଘଣ୍ଟିକାରେ।

ଏହି ଟେଣ୍ଡର ସର୍ତ୍ତରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ହେଉଥିବା ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର କାଗଜପତ୍ର http://www.ireps.gov.in ରେ ଉପଲବ୍ଧ ଅଛି।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର

PR-34/R/26-27

## ଜଗନ୍ନାଥ ମନ୍ଦିରରେ ମାନସିକଧାରୀଙ୍କ ଦଣ୍ଡନାଚ

**ଜୟପୁର, ୯।୪/ଏନ୍ଏନ୍ଏସ୍:** କୋଲାବନଗରସ୍ଥିତ ଜଗନ୍ନାଥ ମନ୍ଦିରରେ ମାନସିକଧାରୀଙ୍କ ଦ୍ୱାରା ଦଣ୍ଡନାଚ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପରମ୍ପରା ଅନୁଯାୟୀ ଚୈତ୍ର ପୂର୍ଣ୍ଣିମାଠାରୁ ଦକ୍ଷିଣ ଓଡ଼ିଶାରେ ଦଣ୍ଡନାଚ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ। ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦଣ୍ଡନାଚ ଆୟୋଜନ କରାଯାଇଥିଲା। ଜୟପୁରସ୍ଥିତ ପାଇକ ସାହି ମା' ଦଣ୍ଡକାଳୀ ମନ୍ଦିରରୁ ପାଟ ଦଣ୍ଡୁଆ ଲକ୍ଷ୍ମଣ ନାୟକ ଓ କାଳିସୀ ବିଶ୍ୱନାଥ ଗୌଡ଼ ଆଜ୍ଞାମାଳ ନେଇ ଘଣ୍ଟ, ଢୋଲ ଓ କାହାଳି ଆଦି ପାରମ୍ପରିକ ବାଦ୍ୟ ବଜାଇ ଆସିଥିଲେ। କୋଲାବନଗର ସ୍ଥିତ ଭୁତନଗର ରାମଛକରୁ ମାନସିକଧାରୀମାନେ ଦୁବ, ଚାଉଳ, ବରକୋଳି ପତ୍ର, ଶଙ୍ଖା ସିନ୍ଦୁର ଓ କଳାଶାଢ଼ୀ ଦେଇ ମା'ଙ୍କୁ ବାଟ ବରୁଣ କରି ନଗର ପରିକ୍ରମା କରେଇ ଆଣି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆସନ କରାଇଥିଲେ। ସେଠାରେ ମା'ଙ୍କୁ ଧୂପ ଦୀପ ଓ ଝୁଣା ଦେଇ ପୂଜା କରି ନୈବେଦ୍ୟ ଅର୍ପଣ କରିଥିଲେ।

### ରାସ୍ତା ପାଇଁ ରକ୍ତାକ୍ତ ସଂଘର୍ଷ ଘଟଣା

## କାଶିପୁରରେ ବିଜେଡି ପ୍ରତିନିଧି ଦଳ



**ରାୟଗଡ଼ା, ୯।୪/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ର କଣ୍ଟାମାଳରେ ପୁଲିସ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଖଣ୍ଡାଯୁଦ୍ଧ ଓ ସ୍ଥାନୀୟ ବାସିନ୍ଦାଙ୍କ ସମସ୍ୟାକୁ ଅନୁଧ୍ୟାନ କରିବା ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା ଏବଂ ପୂର୍ବତନ ସାଂସଦ ଝିନ୍ନ ହିକକାଙ୍କ ନେତୃତ୍ୱରେ ଏକ ଟିମ୍ କାଶିପୁର ବ୍ଲକ୍ ଗସ୍ତ କରିଥିଲେ। ଏହି ଟିମ୍ ଗୁରୁବାର ପ୍ରଥମେ କଣ୍ଟାମାଳ ଓ ସାଗବାରୀ ଗ୍ରାମ ଗସ୍ତ କରିଥିଲେ। ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ଟିମ୍ରେ ସାମିଲ୍ ହୋଇ ଲୋକଙ୍କ ଉପରେ ପୁଲିସ୍ର ଆକ୍ରମଣକୁ ନିନ୍ଦା କରିବା ସହ ଏହି ଅଞ୍ଚଳରୁ ତୁରନ୍ତ ବିଏନ୍ଏସ୍ର ୧୬୩ ଧାରା ଉଠାଇବା ପାଇଁ ଦାବି କରିଥିଲେ। ଏହି ଅଞ୍ଚଳ ୫ମ ସେଡ୍ୟୁଲ୍ ଅଞ୍ଚଳ ହୋଇଥିବାରୁ ପୁନର୍ବାର ଲୋକଙ୍କ ମତାମତ ନେବା ସହ ଏହି ଅଞ୍ଚଳରେ ଗ୍ରାମ ସଭା କରିବା ପାଇଁ ଦାବି କରିଛନ୍ତି। ସାଧାରଣ ଜନତା ବିକାଶକୁ ବିରୋଧ କରୁନାହାନ୍ତି କିନ୍ତୁ ବିକାଶ ନାମରେ ଦମନଲୀଳା ଗ୍ରହଣୀୟ ନୁହେଁ। ଏହି ଅଞ୍ଚଳରେ ବିକାଶ ହୋଇନାହିଁ, ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ସମସ୍ୟା ଶୁଣନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଦାବି କରିଛନ୍ତି। ଜିଲ୍ଲା ବିଜେଡି ସଭାପତି ଶ୍ରୀ ସାରକା କହିଛନ୍ତି ଯେ ପ୍ରଶାସନ ଏଠି ବିକାଶ ନାମରେ ବିନାଶ କରୁଛନ୍ତି ଏବଂ ଦମନଲିଳା ଚଳାଇଛନ୍ତି ଯାହାକୁ ସ୍ଥାନୀୟ ଜନସାଧାରଣ ବିରୋଧ କରୁଛନ୍ତି। ଆଉ ଏବେ ଆମେ ସ୍ଥାନୀୟ ଜନସାଧାରଣଙ୍କ ଦାବି ସହ ଏକମତ ହୋଇ ଏହାକୁ ବିରୋଧ କରୁଛୁ ବୋଲି କହିଛନ୍ତି। ଜଙ୍ଗଲ ଜମି ଆଦିବାସୀଙ୍କର ସେମାନେ ବିକାଶକୁ ବିରୋଧ କରୁନାହାନ୍ତି କିନ୍ତୁ ଯେଉଁଭଳି ଭାବେ ଏଠି ଅତ୍ୟାଚାର ଚାଲିଛି ତାକୁ ଆଦିବାସୀମାନେ ବିରୋଧ କରୁଛନ୍ତି ଏବଂ ଆଗାମୀ ଦିନରେ ଏକ ସବିଶେଷ ରିପୋର୍ଟ ବିଜେଡି ସୁପ୍ରିମୋଙ୍କୁ ଦେବୁ ବୋଲି ଗଣମାଧ୍ୟମକୁ ଶ୍ରୀ ସାରକା ସୂଚନା ଦେଇଛନ୍ତି। ଏହି ଗସ୍ତ ସମୟରେ ପୂର୍ବତନ ବିଧାୟକ ରଘୁରାମ ପୋଡ଼ାଲ, ପୂର୍ବତନ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଅନୁସୟା ମାଝୀ, କୋରାପୁଟ ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା, ରାୟଗଡ଼ା ଜିଲ୍ଲାପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ବିନୋଦ ନାୟକ, ଉଦୟ ହିମିରିକା ଓ ବିଷ୍ଣୁ ପ୍ରସାଦ ପଣ୍ଡାଙ୍କ ସମେତ ବିଜେଡିର ବହୁ ସ୍ଥାନୀୟ ନେତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ୭ ତାରିଖ ସକାଳେ ପ୍ରଶାସନ ପକ୍ଷରୁ ହେଉଥିବା ରାସ୍ତା ନିର୍ମାଣକୁ କେନ୍ଦ୍ର କରି କଣ୍ଟାମାଳ ଗ୍ରାମରେ ପୁଲିସ୍ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୫୮ ଜଣ ପୁଲିସ୍ କର୍ମଚାରୀଙ୍କ ସହ କିଛି ଗ୍ରାମବାସୀ ମଧ୍ୟ ଆହତ ହୋଇଥିଲେ।

DRDA-19011/14/2021-STOCK AND STORE SEC-DRDA-DRDA 13001/124/2627 I/160838/2026

**ଜିଲ୍ଲାପରିଷଦ, ଜଗତସିଂହପୁର**

**OFFICE OF THE ZILLA PARISHAD, JAGATSINGHPUR**

At/P.O.-Saanra, Via-Nalibar, Dist.-Jagatsinghpur, Pin-754104

Panchayati Raj

Phone No: -06724-231091 E-Mail: -ori- djagatsinghpur@nic.in

Letter No. 1300 /Stock & Store sec Date. 08.04.2026

**Quotation Call Notice**

Sealed Quotations are invited from interested reputed Travel Agencies / Tour Operators / Individuals for providing 1 (One) No. of vehicle preferably Scorpio for official use by CDO-cum-EO,Zilla Parishad, Jagatsinghpur on monthly rent basis. For details Plz visit Jagatsinghpur District Website www.jagatsinghpur.nic.in from Date 08.04.2026 to Date 22.04.2026.

CDO-Cum-EO,
Zilla Parishad, Jagatsinghpur

OIPR-13001/13213/1/26-27/0001

ZILLA SWASTHYA SAMITI, ANGUL 10001/25/2627

O/o- CDM & PHO Cum- District Mission Director, Angul

**TENDER CALL NOTICE**

No.1110 Date : 07.04.2026

Sealed tenders are invited from Registered Agencies/firms/bidders for selection of agency for providing **HOUSEKEEPING SERVICES under NIRMAL** under **NIRMAL** for Angul district. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. **www.angul.odisha.gov.in**. The document must reach to the office of the CDM & PHO, Angul, District Head Quarter Hospital, PIN – 759122 on or before due date through Regd. Post/Speed Post/Courier only. The authority reserves all the rights to cancel or reject partially or all tender without assigning any reason thereof. The proposed date of opening of bid may change in case of any emergency/exigency. The typographical erro (if any) may be exemted.

Sd/-

OIPR-10001/10142/1/26-27/0001 CDM & PHO Cum District Mission Director, Angul

# ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ତିହିଡ଼ି,୯।୪/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଦୋଲସାହି ଭଗବତୀ ବାଳିକା ଶିକ୍ଷାନିକେତନର ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ଖୁଣ୍ଟିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନିରୁପମା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ରାମନାରାୟଣ ନାୟକ, ମୁଖ୍ୟବକ୍ତା ଭାବେ ତିହିଡ଼ି ବ୍ଲକ୍ ଓଷ୍ଟା ସଂଘର ସମ୍ପାଦକ ବିଶ୍ୱନାଥ ପଣ୍ଡା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଅମରନାଥ ଶତପଥୀ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଘୁନାଥ ପଶୁପାଳକ, ସମାଜସେବୀ ଅମର ନାୟକ ଓ ଶିକ୍ଷକ ଅଭୟ ସାମଲ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବସର ନଥାଏ। ଚାକିରିରେ ଥିବାବେଳେ ବା ଅବସରଗ୍ରହଣ କରିବା ପରେ ବି ତାଙ୍କ ଭିତରେ ଶିକ୍ଷା ପ୍ରଦାନ କରିବାର ଆନ୍ତଃ ପ୍ରେରଣା ଥାଏ ବୋଲି କହିବା ସହ ଶିକ୍ଷୟିତ୍ରୀ ଶ୍ରୀମତୀ ଖୁଣ୍ଟିଆ ଛାତ୍ରୀଙ୍କୁ ଉଭୟ ମା' ଓ ଶିକ୍ଷୟିତ୍ରୀର ସ୍ନେହ ପ୍ରଦାନ କରିଆସୁଥିଲେ ବୋଲି କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜୟନ୍ତୀ ଖୁଣ୍ଟିଆଙ୍କୁ ମାନପତ୍ର ଓ ଉପଢ଼ୌକନ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କାଞ୍ଚନ ରାଉଳ, ମହେଶ୍ୱର ସାହୁ, କୈଳାଶ ଚନ୍ଦ୍ର ବାରିକ, ଅନ୍ନପୂର୍ଣ୍ଣା ନାୟକ, ଜ୍ୟୋତ୍ସ୍ନାରାଣୀ ପାତ୍ର ଓ ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରାଜଶ୍ରୀ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା, ମନୋରମା ଦାସ ଅତିଥି ପରିଚୟ ଓ ବିମଳା ବେହେରା ଧନ୍ୟବାଦ ଦେଇଥିଲେ।

# ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରସ୍ତୁତି



**କେନ୍ଦୁଝର,୯।୪/ଏନ୍ଏନ୍ଏସ୍:** ଆଗାମୀ ଦିନରେ ଜିଲ୍ଲା ଯୁବ କଂଗ୍ରେସ୍ ପକ୍ଷରୁ ୬ଟି ନିର୍ବାଚନମଣ୍ଡଳୀରେ ବିକ୍ଷୋଭ କରାଯିବ। ସେଥିପାଇଁ ତେଲକୋଇ ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସମସ୍ୟା ଶିକ୍ଷିତ ବେକାରୀ ନିଯୁକ୍ତି ଓ ଥଇଥାନ, ମାଗଣା ବିଦ୍ୟୁତ୍ ଯୋଗାଣରେ ପ୍ରତାରଣା, ଧାନର ଉଚିତ୍ ମୂଲ୍ୟ ପ୍ରଦାନ, ବାଂଶପାଳ ବ୍ଲକ୍‌ର ତରମାକାନ୍ତରେ ଅତିଶୀଘ୍ର ଷ୍ଟିଲ୍ ପ୍ଲାଣ୍ଟ, କୃଷି ଋଣ ଛାଡ଼ ଓ କୃଷକଙ୍କୁ ଉପଯୁକ୍ତ ଥଇଥାନ, ସ୍ଲରି ପାଇପ୍ ମାଧ୍ୟମରେ ଲୁହାପଥର ପରିବହନ ବନ୍ଦ କରାଯାଉ ବୋଲି ଦାବି ରହିଛି। ଏହି ପରିପ୍ରେକ୍ଷୀରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବା ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ କେନ୍ଦୁଝର ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟ ରଞ୍ଜନ ରାଉତ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ସାରଙ୍ଗଧର ପ୍ରଧାନ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ସାହୁ, ବରିଷ୍ଠ ଆଇନଜୀବୀ ନାରାୟଣ ପ୍ରଧାନ, ଯୁବ କଂଗ୍ରେସ ନେତା ଦୀପକ କୁମାର ମୁଖୀ, ବରିଷ୍ଠ କଂଗ୍ରେସ ନେତା ଅରକ୍ଷିତ ପ୍ରଧାନ, ଭରତ ଚନ୍ଦ୍ର ରାଉଳ, ଟଙ୍କଧର ପ୍ରଧାନ, ଅନ୍ତର୍ଯ୍ୟାମୀ ପାତ୍ର, ଚନ୍ଦ୍ରମଣୀ ସାହୁ, ପ୍ରସନ୍ନ ପ୍ରଧାନ, ଶ୍ରୀକାନ୍ତ ମହାନ୍ତ, ନୀଳମଣି ସାହୁ, ପ୍ରଫୁଲ୍ଲ ବେହେରା ଓ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ତେଲକୋଇରୁ ୨ ନାବାଳିକା ଚାଲାଣ ଅଭିଯୋଗ

**ତେଲକୋଇ,୯।୪/ଏନ୍ଏନ୍ଏସ୍:** ତେଲକୋଇ ଥାନା ଅନ୍ତର୍ଗତ ଓରିଆ ପଞ୍ଚାୟତ କତରାପାଲି ବାଲିସାହି ଅଞ୍ଚଳର ଦୁଇ ଆଦିବାସୀ ନାବାଳିକାଙ୍କୁ ଚୋରାଚାଲାଣ କରାଯାଇ ରାଜ୍ୟ ବାହାରେ ଶିଶୁ ଶ୍ରମିକ ଭାବେ ନିୟୋଜିତ କରାଯାଇଛି। ତେବେ ଦୁଇ ନାବାଳିକା ଏବେ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ପୁଲିସ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଲକ୍ଷ୍ମଣ ହୋ ନାମକ ଜଣେ ଦଲାଲ ସେହି ଗ୍ରାମର ଜଣେ ମହିଳା ସିନୁ ମୁଣ୍ଡାଙ୍କ ସହିତ ଯୋଗାଯୋଗ କରି ଉଭୟ ନାବାଳିକାଙ୍କୁ ଚୋରାଚାଲାଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଗତ ୭ ତାରିଖ ବିଳମ୍ବିତ ରାତିରୁ ଦୁଇ ନାବାଳିକା ଚୋରାଚାଲାଣର ଶିକାର ହୋଇଥିବାବେଳେ ଅଦ୍ୟାବଧି ଉଦ୍ଧାର ହୋଇପାରି ନାହାନ୍ତି । ଉଭୟଙ୍କ ବୟସ ୧୪ରୁ ୧୫ ବର୍ଷ ମଧ୍ୟରେ ହୋଇଥିବା କୁହାଯାଇଛି।

# ପୂର୍ବତଟ ରେଳଜୋନ୍‌ରୁ ପଲାସା-ଇଚ୍ଛାପୁରମ୍ ସେକ୍ସନ୍ ସ୍ଥାନାନ୍ତରଣକୁ ବିରୋଧ

**ବାଲେଶ୍ୱର,୯।୪/ଏନ୍ଏନ୍ଏସ୍:** ବିଜେଡି, କଂଗ୍ରେସ୍, ସିପିଆଇ, ସିପିଆଇ(ଏମ୍) ଓ ଫରୱାର୍ଡ ବ୍ଲକ୍ ପକ୍ଷରୁ ପଲାସା-ଇଚ୍ଛାପୁରମ୍ ରେଳ ସେକ୍ସନ୍‌କୁ ପୂର୍ବତଟ ରେଳ ଜୋନ୍‌ରୁ ଦକ୍ଷିଣ-ଉପକୂଳ ରେଳ ଜୋନ୍‌କୁ କେନ୍ଦ୍ର ସରକାରଙ୍କ ସ୍ଥାନାନ୍ତରଣକୁ ବିରୋଧ କରାଯାଇଛି। ଏନେଇ ବରିଷ୍ଠ ବାମପନ୍ଥୀ ନେତା ନିର୍ମଳ ନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି, କଂଗ୍ରେସ୍, ସିପିଆଇ, ସିପିଆଇ(ଏମ୍) ଓ ଫରୱାର୍ଡ ବ୍ଲକ୍‌ର ଜିଲ୍ଲା ନେତୃତ୍ୱମାନଙ୍କର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି।

ସୂଚନା ମୁତାବକ, ପଲାସା-ଇଚ୍ଛାପୁରମ୍ ରେଳ ବିଭାଗ ସେକ୍ସନ୍‌କୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣ ଉପକୂଳ ରେଳପଥ ଜୋନ୍‌କୁ ସ୍ଥାନାନ୍ତରଣ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ମିଳିତ ମତପ୍ରକାଶ କରି ଏକ ପ୍ରସ୍ତାବ ଗୃହୀତ ହୋଇଛି। ଏହାସହ ଦକ୍ଷିଣ-ପୂର୍ବ ରେଳପଥ ଏବଂ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳପଥ ସହ ଥିବା ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାର ରେଳ ସେକ୍ସନ୍ ଗୁଡ଼ିକୁ ତୁରନ୍ତ ପୂର୍ବତଟ ରେଳ ଜୋନ୍‌ରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରାଯାଇଛି। ଏହାସହ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ରେଳ ସେକ୍ସନ୍‌କୁ ନେଇ ଏକ ରେଳ ଡିଭିଜନ୍ ପ୍ରତିଷ୍ଠା କରିବାକୁ ମଧ୍ୟ ଦାବି ହୋଇଛି। ଏହାବ୍ୟତୀତ କରୋନା ପୂର୍ବରୁ ଯେଉଁ ପାସେଞ୍ଜର୍ ଟ୍ରେନ୍ ଚାଲୁଥିଲା ସେଗୁଡିକ କରୋନା ସମୟଠାରୁ ଏକ୍ସପ୍ରେସ୍ ଟ୍ରେନ୍ ଭାବେ ଚାଲିବା ଏବଂ ସମସ୍ତ ଷ୍ଟେସନ୍‌ରେ ରହିବା ରେଳଯାତ୍ରୀଙ୍କ ଉପରେ ଏକ ଅର୍ଥନୈତିକ ବୋଝ କେନ୍ଦ୍ର ସରକାର ଲଦି ଦେଇଛନ୍ତି। ଏଣୁ ବାଘାଯତୀନ୍ (ଭଦ୍ରକ



-ହାୱଡ଼ା), ଯାଜପୁର -ଖଡ଼ଗପୁର, ଖଡ଼ଗପୁର -ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ୍ ଟ୍ରେନ୍ ଗଡ଼ିକୁ ପୁନଃ ପାସେଞ୍ଜର୍ ଟ୍ରେନ୍‌ର ମାନ୍ୟତା ଦେଇ ଜନସାଧାରଣଙ୍କୁ ଅର୍ଥନୈତିକ ବୋଝରୁ ମୁକ୍ତ କରିବାକୁ ଦାବି କରାଯାଇଛି। ସେହିଭଳି ଅନେକ ରେଳପଥର ସମ୍ପ୍ରସାରଣ ପାଇଁ ଦୀର୍ଘଦିନର ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଏଣୁ ଜଳେଶ୍ୱର-ଦିଘା ରେଳପଥ ତୁରନ୍ତ ଆରମ୍ଭ କରିବା ସହିତ ବୁଢ଼ାମରାରୁ ଚକୁଳିଆ, ନୀଳଗିରି-ବେତନଟୀ, ବାଲେଶ୍ୱର-କେନ୍ଦୁଝର ଭାୟା ନୀଳଗିରି, ଉଦଳା ଓ କରଞ୍ଜିଆ ରେଳଲାଇନ୍ ସମ୍ପ୍ରସାରଣ କରିବାକୁ ମଧ୍ୟ ଏଠାରେ ଦାବି କରାଯାଇଛି। ଅନ୍ୟପଟେ ନୀଳଗିରି-ବାଲେଶ୍ୱର ମେମୋକୁ ପୁରୀ ପର୍ଯ୍ୟନ୍ତ ଚଳାଇବାକୁ ଦାବି କରିବା ସହିତ ଡବଲ୍ ଇଞ୍ଜିନ୍ ସରକାର ରାଜ୍ୟ ଓ ଆମ ଜିଲ୍ଲା ପ୍ରତି କରୁଥିବା ବୈମାତୃକ ମନୋଭାବର ତୀବ୍ର ନିନ୍ଦା କରାଯାଇଥିଲା। ଏହି ବୈଠକରେ କଂଗ୍ରେସ୍ ଦଳର ନେତା ତୁଷାରକାନ୍ତି ତାପସୀ, ସିପିଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ସିପିଆଇଏମ୍ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ସୀତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ ଓ ଫରୱାର୍ଡ ବ୍ଲକ୍ ଜିଲ୍ଲା ନେତା ଲକ୍ଷ୍ମୀଧର ଗିରି ଉପସ୍ଥିତ ରହିଥିବାବେଳେ କାର୍ଯ୍ୟବ୍ୟସ୍ତତା ହେତୁ ଫୋନ୍ ଜରିଆରେ ବିଜେଡି ନେତା ତଥା ପୂର୍ବତନ ବିଧାୟକ ସ୍ୱରୂପ ଦାସ ଏହି ଦାବିରେ ସହମତି ଜଣାଇବା ସହ ଚଳିତ ମାସ ଶେଷ ଆଡ଼କୁ ବାଲେଶ୍ୱରରେ ଏହି ପ୍ରସଙ୍ଗରେ ଏକ ଗଣ କନଭେସନ୍ ସଂଗଠିତ କରାଯିବ ବୋଲି ଘୋଷଣା କରାଯାଇଛି।

**ବଲାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଉଦ୍‌ଘାଟିତ**

# 'ମହୋତ୍ସବ ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଛି'

**ବାରିପଦା,୯।୪/ଏନ୍ଏନ୍ଏସ୍:** ଆସନ୍ତା ଏପ୍ରିଲ୍ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୨୪ତମ ରାଜ୍ୟସ୍ତରୀୟ ବଲାଙ୍ଗୀ ମହୋତ୍ସବ ପାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ବାରିପଦା ରାଜବାଟି ନିକଟସ୍ଥ ମ୍ୟୁନିସିପାଲିଟି ମାର୍କେଟ୍ କମ୍ପ୍ଲେକ୍ସରେ ମହୋତ୍ସବ କାର୍ଯ୍ୟ ପରିଚାଳନା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରି ବଲାଙ୍ଗୀ ମହୋତ୍ସବ ଦୀର୍ଘ ୨୪ ବର୍ଷ ଧରି ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ବିଶ୍ୱଜିତ ନାୟକ, ଅମର ସେଠୀ, ସ୍ଥାନୀୟ କାଉନସିଲର୍ ସୁକେଶିନୀ ସେଠୀ, ପ୍ରାଧ୍ୟାପକ ସୁନୀଲ କୁମାର ଜେନା ଓ କିନ୍ନର୍ ମହାସଂଘର ସଭାପତି ମନୀଷା ସାହୁ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ବାଲିମେଳା ବଲାଙ୍ଗୀ ଏକ ନିଆରା ମହୋତ୍ସବ ବୋଲି କହିଥିଲେ। ଡ଼. ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବରିଷ୍ଠ ସଦସ୍ୟ ଗୋଲୋକ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଇନ୍ଦୁମତି ମହାନ୍ତି, ଅଶୋକ କୁମାର ପଲେଇ, ଦୋଳଗୋବିନ୍ଦ ମହାନ୍ତ, ସଂଯୁକ୍ତା ଭୁଜବଳ, ରାଜଲକ୍ଷ୍ମୀ ଦାସ ଓ ଗିଗମା ଦାସ ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ। ବଲାଙ୍ଗୀ ସେନାର କୁମାରେଶ ନାୟକ, ସନତ ବାରିକ, ମିଥୁନ ବାରିକ, ଶିଶିର ଭୁଜବଳ ଓ ଦିଲ୍ଲୀପ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଏପ୍ରିଲ୍ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଜଣାଯାଇଛି।



# ଗୋ-ମାଫିଆଙ୍କ ଘରେ ଚଢ଼ଉ ଜାରି

**ସୋର,୯।୪/ଏନ୍ଏନ୍ଏସ୍:** ସୋର ଥାନା ଅନ୍ତର୍ଗତ ବାରିକପୁରରେ ଥିବା କୁଖ୍ୟାତ ଗୋ-ମାଫିଆଙ୍କ ଘରେ ବାଲେଶ୍ୱର ପୁଲିସ୍‌ର ଚଢ଼ଉ ଜାରି ରହିଛି। ଏହି ସମୟରେ ଗୋରୁ ଗାଡ଼ିକୁ ଏସ୍କଟ୍ ଦେଉଥିବା ଗୋଟିଏ ବୋଲେରୋ ଏବଂ ଗୋଟିଏ ପିକଅପ୍ ଜବତ ହୋଇଛି। ଖନ୍ତାପଡ଼ା ଥାନା ପଣପଣା ନିକଟରେରେ ଗୋ-ରକ୍ଷକଙ୍କୁ ଗାଡ଼ି ଚଢ଼େଇ ମାରିବା ଘଟଣାରେ ସମ୍ପୃକ୍ତ ଗୋ-ମାଫିଆ ନାଁରେ ଅଭିଯୋଗ ହୋଇଥିଲା। ବାଲେଶ୍ୱର ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ସୋର ଥାନାଧିକାରୀ, ବିଭିନ୍ନ ଥାନା ଆଇଆଇସି ଓ ବାଲେଶ୍ୱର ପୁଲିସ୍ ବିଳମ୍ବିତ ରାତିରୁ ଚଢ଼ଉ କରିଥିଲେ ମଧ୍ୟ ଉପରୋକ୍ତ ଗୋ-ମାଫିଆ ଫେରାର୍ ଥିବା ଜଣାପଡ଼ିଛି। ପ୍ରକାଶଥାଉକି ଗୋ-ରକ୍ଷକଙ୍କୁ ଗାଡ଼ି ଚଢ଼ାଇବା ଓ ଜଣଙ୍କ ମୃତ୍ୟୁ ହେବା ପରେ ବିଭିନ୍ନ ଗୋ-ମାଫିଆଙ୍କ ଘରେ ପୁଲିସ୍ ଚଢ଼ଉ ଜାରି ରଖିଛି।



**ବଢ଼ୁଛି ଟ୍ରାଫିକ୍ ସମସ୍ୟା**

# ରାସ୍ତାକଡ଼ରେ ପାର୍କିଂ, ଘଟୁଛି ଦୁର୍ଘଟଣା



**ସୋର,୯।୪/ଏନ୍ଏନ୍ଏସ୍:** ସୋର ଜାତୀୟ ରାଜପଥ ଉତ୍ତରେଶ୍ୱର ବରଫକଳ ଛକରୁ ତହସିଲ୍ ଅଫିସ୍ ପର୍ଯ୍ୟନ୍ତ ରାସ୍ତାର ଉଭୟ ସର୍ଭିସ୍ ରୋଡ୍‌ରେ ଶତାଧିକ ଟ୍ରକ୍ ଓ ଡମ୍ଫର୍ ଦୀର୍ଘଦିନ ଧରି ଛିଡ଼ା ହୋଇ ରହିଥିବାରୁ ଯାତାୟାତରେ ଘୋର ବାଧା ସୃଷ୍ଟି ହୋଇଛି। ବିଶେଷକରି ସୋର ଥାନା ଏବଂ ତହସିଲ୍ ଦ୍ୱାରା ଜବତ ହେଉଥିବା ଚୋରାପଥର, ବାଲି ଟ୍ରକ୍, ଡମ୍ଫର୍ ଓ ଟ୍ରାକ୍ଟର୍ ଗୁଡ଼ିକୁ ଜବତ କରି ଅନ୍ୟତ୍ର ନରଖି ସାମ୍ନାରେ ଥିବା ସର୍ଭିସ୍ ରୋଡ୍ ଉପରେ ଦୀର୍ଘଦିନ ଧରି ଛିଡ଼ା କରେଇବା ଫଳରେ ସର୍ଭିସ୍ ରୋଡ୍ ଓ ଡ୍ରେନ୍ କାମ ହୋଇନଥିବା କାରଣରୁ ଗାଡ଼ିମଟର, ବାଇକ୍, ଅଟୋ ଓ ଚାଲି ଚାଲି ଯିବା ଆସିବା ବେଳେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାବ୍ୟତୀତ ପଥର ଖାଦାନ ବନ୍ଦ ହୋଇଥିବା କାରଣରୁ ଅଧିକାଂଶ ଟ୍ରକ୍ ଓ ଡମ୍ଫର୍ ମାଲିକମାନେ ସେମାନଙ୍କ ଗାଡ଼ି ଗୁଡ଼ିକୁ ନିଜ ଜାଗାରେ ନରଖି ରାସ୍ତାକଡ଼ରେ ଛିଡ଼ା କରେଇ ଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖାଯାଇଛି। ପ୍ରଶାସନ ପକ୍ଷରୁ ଏସବୁ ଗାଡ଼ି ଗୁଡ଼ିକୁ ରାସ୍ତାକଡ଼ରୁ ହଟେଇବା ପାଇଁ ସାଧାରଣରେ ଦାବି ହୋଇଛି।

# ଛଉ ନୃତ୍ୟ ପାଇଁ ବାରିପଦା ଉତ୍ସବମୁଖର



**ବାରିପଦା,୯।୪/ଏନ୍ଏନ୍ଏସ୍:** ମୟୂରଭଞ୍ଜର ଆତ୍ମା, କଳା ଓ ସଂସ୍କୃତିର ପ୍ରତୀକ ବିଶ୍ୱପ୍ରସିଦ୍ଧ ଛଉ ନୃତ୍ୟ ପାଇଁ ଏବେ ବାରିପଦା ସହର ଉତ୍ସବମୁଖର ହୋଇଉଠିଛି। ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ଐତିହାସିକ ଚୈତ୍ର ପର୍ବରେ ୩ ଦିନ ଧରି ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରଙ୍କ ପାରଦର୍ଶିତା ଜମିବ। ମହାରାଜାଙ୍କ ଶାସନ କାଳରୁ ଚାଲିଆସୁଥିବା ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ମହୋତ୍ସବରେ ଉତ୍ତର ସାହି ଓ ଦକ୍ଷିଣ ସାହିର କଳାକାରଙ୍କ ମଧ୍ୟରେ ହେବାକୁ ଥିବା କଳାତ୍ମକ ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ସାଜିବ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଚାଳନା ସହିତ ପୌରାଣିକ କଥାବସ୍ତୁକୁ ନେଇ ନୂତନଶୈଳୀର ନୃତ୍ୟ ପରିବେଷଣ କରାଯିବ। ଏହି ମହୋତ୍ସବ କେବଳ ଏକ ନୃତ୍ୟ ପ୍ରଦର୍ଶନ ନୁହେଁ, ବରଂ ଏହା ଆମ ଓଡ଼ିଆ ଅସ୍ମିତାର ଏକ ପରିଚୟ। ଦେଶବିଦେଶରୁ ପର୍ଯ୍ୟଟକମାନେ ଏହି ମୁକ୍ତାକାଶ ନୃତ୍ୟର ମଜା ନେବା ପାଇଁ ବାରିପଦାରେ ଭିଡ଼ ଜମାଇଲେଣି। ତେବେ ଛଉ ନୃତ୍ୟର ଏହି ଭବ୍ୟ ଆୟୋଜନକୁ ନେଇ ସ୍ଥାନୀୟ କଳାକାରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳୁଛି। ସନ୍ଧ୍ୟା ହେଲେ ଛଉ ଆଖଡ଼ାରେ ମହୁରୀ, ଧୁମସା, ଚଡ଼ଚଡ଼ି ଓ ଢୋଲର ଶବ୍ଦ ଶୁଭୁଛି। କୁହାଯାଏ ଚୈତ୍ର ମାସରେ ରାଜାରାଣୀଙ୍କ ସକାଶେ ଭକ୍ତମାନେ ରାତିରେ ଉପବାସ ରହୁଥିବାବେଳେ ସେମାନଙ୍କ ମନୋରଞ୍ଜନ ପାଇଁ ସୈନ୍ୟସାମନ୍ତମାନେ ରାତିତମାମ ନୃତ୍ୟ ପ୍ରଦର୍ଶନ କରୁଥିଲେ। ଆଉ ସେହି ପରମ୍ପରା ଆଜିପର୍ଯ୍ୟନ୍ତ ଚାଲି ଆସୁଛି। ବାରିପଦାରେ ଚୈତ୍ର ପର୍ବ ସାଙ୍ଗକୁ ପ୍ରଶାସନ ପକ୍ଷରୁ ପଲ୍ଲିଶ୍ରୀ ମେଳାର ଆୟୋଜନ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ।

**'ଆସ ବହିଟିଏ କିଣିବା' ଅଭିଯାନ**

# କୃତ୍ରିମ ବୁଦ୍ଧିମତ୍ତାଠାରୁ ଦୂରେଇ ରହିବାକୁ ପରାମର୍ଶ



**ଭଦ୍ରକ,୯।୪/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଭାଗୀ ହୋଇଥିଲେ। ବହି ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ଓଡ଼ିଆ ପୁସ୍ତକ ପ୍ରଦର୍ଶନ ଓ ବିକ୍ରି କରାଯାଇଥିଲା। ଉପସ୍ଥିତ ଅତିଥିମାନେ ପୁସ୍ତକ କିଣି ଅଭିଯାନକୁ ସମର୍ଥନ ଜଣାଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ପିଲାଙ୍କୁ 'ଜଣା-ଅଜଣା' କାର୍ଯ୍ୟକ୍ରମ ଆଧାରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରଶ୍ନ ପଚାରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ବହିର ଉପକାରିତା ବିଷୟରେ କହି ଅନାବଶ୍ୟକ ଜିନିଷ ନକିଣି ବହି କିଣିବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ସାରସ୍ୱତ ସାଧକ ପଣ୍ଡିତ ଦୈତାରୀ ମହାପାତ୍ର ଓ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟାପକ ଦତ୍ତାତ୍ରେୟ ଦାସ ପ୍ରମୁଖ ଯୋଗଦେଇ ପିଲାଙ୍କୁ ବହି ପ୍ରତି ଆକୃଷ୍ଟ ହେବାସହ କୃତ୍ରିମ ବୁଦ୍ଧିମତ୍ତା (ଇଓ)ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହିର ଆସର ଜମିଥିବାରୁ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବହି କିଣିଥିଲେ ଏବଂ ଜିଲ୍ଲାପାଳ ପିଲାଙ୍କୁ ବହି ବାଣ୍ଟିଥିଲେ। ଏହାସହ ୭ଟି ବ୍ଲକ୍‌ର ଭାଗବତ ଟୁଙ୍ଗୀରୁ ଆସିଥିବା ସଦସ୍ୟଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତା ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ଆଇନ ସଚେତନତା କାର୍ଯ୍ୟକ୍ରମ



**କେନ୍ଦୁଝର,୯।୪/ଏନ୍ଏନ୍ଏସ୍:** ମଦନପୁରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧୀକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଧୀକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ବାଲ୍ୟବିବାହ, ଡାହାଣୀ ଓ ଗୁଣିଗାରେଡ଼ି ପ୍ରଥା, ପୀଡ଼ିତା କ୍ଷତିପୂରଣ ଓ ପ୍ରାଧୀକରଣର ମୁଖ୍ୟ କାର୍ଯ୍ୟାବଳୀ ଉପରେ ବିବରଣୀ ପ୍ରଦାନ କରିଥିଲେ । ତାଲୁକ ଆଇନ ସେବା କମିଟି ସଦସ୍ୟ ବାଇଧର ସେଠୀ ଅଧକ୍ଷତା କରିଥିଲେ। ପ୍ରାଧୀକରଣ ସଦସ୍ୟ ତଥା 'ତଦାଶା' ସମ୍ପାଦକ ଅକ୍ଷୟ କୁମାର ଚକ୍ର ଯୋଗଦେଇ ଆଇନସେବା ପ୍ରାଧୀକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ମାଗଣା ଆଇନସେବା ପ୍ରଦାନ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଆନନ୍ଦପୁର ବାର୍ ସଂଘ ସଭାପତି ଅଧିବକ୍ତା ଦୟାନିଧି ଦାଶ ବାର୍ ସଂଘ ଆନନ୍ଦପୁର ଦ୍ୱାରା ଆଇନସେବା ଉପରେ ତଥ୍ୟ ପ୍ରଦାନ କରିଥିବାବେଳେ ତାଲୁକ ଆଇନ ସେବା କମିଟିର ଅଧିବକ୍ତା ହେମରଞ୍ଜନ ବେହେରା ପ୍ରାଥମିକ ତଦନ୍ତ ରିପୋର୍ଟ, ଗିରଫଦାରୀ ଓ ଆଇନସେବା କମିଟିର କାର୍ଯ୍ୟାବଳୀ ବର୍ଣ୍ଣନା କରିଥିଲେ। ଘସିପୁରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶକୁନ୍ତଳା ନାୟକ ଯୋଗଦେଇ ପ୍ରାଧୀକରଣ ମାଧ୍ୟମରେ ମହିଳା ଓ ଶିଶୁଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଓ ତାଙ୍କ ବିଭାଗ ଦ୍ୱାରା କାର୍ଯ୍ୟକାରୀ ଯୋଜନା ଉପରେ ବିବରଣୀ ପ୍ରଦାନ କରିଥିଲେ। ମଦନପୁରର ପୂର୍ବତନ ସରପଞ୍ଚ ହିମାଂଶୁ ଶେଖର କୁଅଁର ପଞ୍ଚାୟତର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ପ୍ରାଧୀକରଣର ଦୃଷ୍ଟି ଆକର୍ଷଣ କରିଥିବାବେଳେ କାନପୁର ଗ୍ରାମବାସୀ ନୂତନ ରାସ୍ତା ତିଆରିରେ ସୃଷ୍ଟି ହୋଇଥିବା ଅସୁବିଧା ଉପରେ ସମାଧାନ ପାଇଁ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଏଲ୍‌ଭି ଚନ୍ଦ୍ରଶେଖର ଜେନା, ସୁପରଭାଇଜର୍ ରମାମଣୀ ରାଉତ, ପ୍ରାଧୀକରଣ ଓ ପଞ୍ଚାୟତର କର୍ମକର୍ତ୍ତା ଉପସ୍ଥିତ ରହି ସଭା ପରିଚାଳନା କରିଥିବାବେଳେ ପଞ୍ଚାୟତ ଅଧିନସ୍ଥ ଗ୍ରାମର ଜନସାଧାରଣ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଓ ୱାର୍ଡମେମ୍ବର ଯୋଗ ଦେଇଥିଲେ। ସରପଞ୍ଚ ହିମାଂଶୁ ଶେଖର ଜେନା ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

### ରାଜଧାନୀରେ ନିରବଚ୍ଛିନ୍ନ ...

କରାଯାଇଛି । ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ । ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତସେବା ପାଇପାରିବେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ, ଏହି ପ୍ରକଳ୍ପଗୁଡ଼ିକ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁ ଏ ଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନଥିଲା । ନୂଆ ସରକାର ଦାୟିତ୍ୱ ଗ୍ରହଣ କଲାପରେ, ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ସମସ୍ତ ସମସ୍ୟାର ସମାଧାନ କରି ବର୍ଷକ ତଳେ କାମ ଆରମ୍ଭ ହୋଇଥିଲା । ମାତ୍ର ୧ ବର୍ଷ ମଧ୍ୟରେ ଓପିଟିସିଏଲ୍ ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି । ଏଥିମଧ୍ୟରୁ ନୟାପଲ୍ଲୀ ଗ୍ରୀଡ୍ ଗତବର୍ଷ ଠାରୁ ବିଦ୍ୟୁତ୍ ସେବା ଆରମ୍ଭ ହୋଇସାରିଛି । ରାଜଧାନୀବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଯେଉଁଠି ଦୃଢ଼ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ' । ସେଥିପାଇଁ ଆମେ ମାତ୍ର ୧ ବର୍ଷ ଭିତରେ ୪ଟି ଗ୍ରୀଡ ସବ୍-ଷ୍ଟେସନ କାମ ସମ୍ପୂର୍ଣ୍ଣ କରିପାରିଲୁ । ଭୁବନେଶ୍ୱରର ବିଦ୍ୟୁତ ଶକ୍ତି ଚାହିଦା ଦୁଇଗୁଣା ହେବ । ଯାହା ବର୍ତ୍ତମାନ ଏକ ହଜାର ମେଗାୱାଟ୍ ଅଛି ତାହା ୨୦୩୦ ସୁଦ୍ଧା ଦୁଇ ହଜାର ମେଗାୱାଟ୍‌ରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ରାଜଧାନୀ ଭୁବନେଶ୍ୱରର ଭବିଷ୍ୟତ ବିକାଶକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ ଏବଂ ଆଧୁନିକ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ଡିଜିଟାଲ୍ ଇଣ୍ଡିଆର ପରିକଳ୍ପନା ରହିଛି, ସେହି ଆଧାରରେ ଓଡ଼ିଶାର ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ପୁର୍ନବିନ୍ୟାସ କରାଯାଉଛି । ରାଜ୍ୟରେ ପ୍ରଥମ ଥର ପାଇଁ ଡିଜିଟାଲ ଗ୍ରୀଡ୍ ସବଷ୍ଟେସନ ନିର୍ମାଣ କରାଯାଇଛି । ସେହିପରି ରାଜଧାନୀ ପାଇଁ ୭୬୫ କେ.ଭି. ଟ୍ରାନ୍ସମିସନ ବ୍ୟବସ୍ଥାର ବିକାଶ କରିବାର ଯୋଜନା ରହିଛି । ପରବର୍ତ୍ତୀ ସମୟରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରୀଡ୍ ସବ୍-ଷ୍ଟେସନକୁ ଏକାଧିକ ଫିଡର ମାଧ୍ୟମରେ ଯୋଗାଣ ବ୍ୟବସ୍ଥା କରାଯିବ । ଏହା ବିଦ୍ୟୁତ୍ ସରବରାହରେ ଅଧିକ ସ୍ଥିରତା ଆଣିବା ସହିତ ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ । ଏହା ଗର୍ବର ବିଷୟଯେ ଓପିଟିସିଏଲ୍ ସାରା ଦେଶର ଏକମାତ୍ର ବିଦ୍ୟୁତ୍ ସଂଚାରଣ ସଂସ୍ଥା ଯାହା ୭୦ ଟି ଗ୍ରୀଡ୍ ସବ୍-ଷ୍ଟେସନକୁ ରିମୋଟ୍ ଅପରେସନ୍ ମାଧ୍ୟମରେ ପରିଚାଳନା କରୁଛି । ଏହା ଦ୍ୱାରା ଉତ୍ତମ ନିୟନ୍ତ୍ରଣ, ଦ୍ରୁତ ତ୍ରୁଟି ସମାଧାନ ତଥା ସୀମିତ ମାନବସମ୍ବଳର ଉପଯୋଗ ସମ୍ଭବ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜି ସ୍ଥିତି ଅନୁଧ୍ୟାନ କଲା ପରେ ମୁଖ୍ୟମନ୍ତ୍ରୀ ଭିଙ୍ଗାରପୁର, ଉତ୍ତମପୁର, ଗଙ୍ଗେଶ୍ୱର, ପାଣ୍ଡରା, ଜଗନ୍ନାଥ ନଗର, ମଙ୍ଗରାଜ, ପଳାଶୁଣୀ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆଉ ୩ଟି ଫିଡର ଯୋଗାଇଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, ସତ୍ୟନଗର ଓ ଏସସିବି ମେଡିକାଲ ଜିଏସଏସ ପାଇଁ ଫାଉଣ୍ଡେସନ ଡ୍ରଙ୍ଗ ଏବଂ କଣ୍ଟ୍ରୋଲ ରୁମ ଭବନର ଲେଆଉଟ୍ ୨୪.୧୨.୨୦୨୪ରେ ଅନୁମୋଦିତ ହୋଇଥିଲା ଏବଂ ଓପିଟିସିଏଲ ୩୧.୦୩.୨୦୨୬ମଧ୍ୟରେ ସମସ୍ତ ସବଷ୍ଟେସନଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିଛି । ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ବାଲିଅନ୍ତା, ସତ୍ୟନଗର, ନୟାପଲ୍ଲୀ ଏବଂ ଏସସିବି ମେଡିକାଲ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ଗ୍ରୀଡ ସବଷ୍ଟେସନଗୁଡ଼ିକ ସ୍ଥାପିତ ହୋଇଛି, ଯାହା ଭୁବନେଶ୍ୱର ସହରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହା ଫଳରେ ରାଜଧାନୀ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ନିରବଚ୍ଛିନ୍ନ ଓ ଗୁଣସ୍ତରୀୟ ବିଦ୍ୟୁତ୍ ସେବାରୁ ଲାଭାନ୍ୱିତ ହେବେ । ବାଲିଅନ୍ତାରେ ସ୍ଥାପିତ ୨୨୦/୧୩୨/୩୩ କେ .ଭି. ଜିଆଇଏସ୍ ସବଷ୍ଟେସନ ଏହି ଅଞ୍ଚଳ ପାଇଁ ଏକ ମୁଖ୍ୟ ମାଇଲଷ୍ଟୋନ ସୃଷ୍ଟି କରିଛି । ଏହା ମାଧ୍ୟମରେ କଟକ ଓ ମଞ୍ଚେଶ୍ୱର ସହ ଶକ୍ତିଶାଳୀ ବିଦ୍ୟୁତ୍ ସଂଯୋଗ ସ୍ଥାପିତ ହୋଇ ଭୁବନେଶ୍ୱରର ବିଦ୍ୟୁତ୍ ସୁରକ୍ଷାକୁ ଆହୁରି ସୁଦୃଢ଼ କରିଛି । ସେହିପରି, ସତ୍ୟନଗରରେ ସ୍ଥାପିତ ୧୩୨/୩୩ କେ .ଭି. ଜିଆଇଏସ ସବଷ୍ଟେସନ ସହରର କେନ୍ଦ୍ରାଞ୍ଚଳରେ ପ୍ରଥମ ଥର ପାଇଁ ନିର୍ମିତ ହୋଇ ଦ୍ରୁତଗତିରେ ବଢୁଥିବା ବିଦ୍ୟୁତ୍ ଚାହିଦାକୁ ପୂରଣ କରିବ । ଏସସିବି ମେଡିକାଲ୍ ନିର୍ମି ତ ୧୩୨/୩୩ କେ.ଭି. ଜିଆଇଏସ ସବଷ୍ଟେସନ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସେବା ପାଇଁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ । ଏହି ପ୍ରକଳ୍ପଗୁଡ଼ିକ ଭୁବନେଶ୍ୱରକୁ ୧୩୨ କେଭି ଏବଂ ୨୨୦ କେଭିର ଏକ ବଳୟ ମଧ୍ୟରେ ରଖିବ, ଯାହା ବିଦ୍ୟୁତ୍ ସରବରାହର ସ୍ଥିରତା ଓ ନିର୍ଭରଯୋଗ୍ୟତାକୁ ଅଧିକ ସୁଦୃଢ କରିବ । ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ଅଭିଭାଷଣରେ କହିଥିଲେ ଯେ ଏଥର ଭୁବନେଶ୍ୱର ଓ ବାଲିଅନ୍ତା ଅଞ୍ଚଳରେ ନୂଆ ଶକ୍ତିର ସ୍ରୋତ ଭାବେ ଏହି ଗ୍ରୀଡ୍ ସବଷ୍ଟେସନ କାର୍ଯ୍ୟ କରିବ । ଲୋକମାନେ ଆଉ ଲୋ ଭୋଲଟେଜ ସମସ୍ୟାର ସମ୍ମୁଖୀନ ହେବେ ନାହିଁ । ଏହିଭଳି ବଡ଼ ବଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ସର୍ବଦା ଆବଶ୍ୟକ । ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ସିଏମଡି, ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ ।

### ପଶ୍ଚିମବଙ୍ଗବାସୀଙ୍କୁ ଦେଲେ ...

କରେ, ତେବେ ଧାନ, ଆଳୁ ଏବଂ ପାନ ଚାଷୀମାନେ ଉପକୃତ ହେବେ । ସେହିପରି ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥକୁ ବିଜେପି ପ୍ରାଥମିକତା ଦେବ । ରାଜ୍ୟର ମତ୍ସ୍ୟଜୀବୀମାନଙ୍କ ପ୍ରତି ଅବହେଳା କରୁଥିବା ନେଇ ସେ ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ତୀବ୍ର ସମାଲୋଚନା କରିଥିଲେ । ବିଜେପି ସର୍ବଦା ଗରିବ ଲୋକଙ୍କ କଲ୍ୟାଣ କଥା ଚିନ୍ତା କରେ ବୋଲି ସେ ପ୍ରକାଶ କରିଛନ୍ତି । ମୋଦୀ କହିଛନ୍ତି ଯେ ରାଜ୍ୟରେ ଚାକିରିର ଅଭାବ ଯୋଗୁଁ ଯୁବକମାନେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଓଡ଼ିଶା ଭଳି ସ୍ଥାନକୁ ଶ୍ରମିକ ଭାବେ ଯିବାକୁ ବାଧ୍ୟ ହେଉଛନ୍ତି । ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କଲେ ରାଜ୍ୟରେ ହିଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ, ଯାହାଫଳରେ ପଶ୍ଚିମବଙ୍ଗର ଯୁବପିଢ଼ିଙ୍କୁ ଆଉ ଅନ୍ୟ କୌଣସି ରାଜ୍ୟକୁ କାମ ଖୋଜିବା ପାଇଁ ଯିବାକୁ ପଡ଼ିବ ନାହିଁ । ମହିଳାଙ୍କ ବିରୁଦ୍ଧରେ ବର୍ଦ୍ଧିତ ଅପରାଧ ଉପରେ ଆଲୋକପାତ କରି ସେ ଆଶ୍ୱାସନା ଦେଇଥିଲେ ଯେ ବିଜେପି ପ୍ରଶାସନ ଅଧୀନରେ ଆଇନ ପୁନର୍ବାର ଶାସନ କରିବ । ପ୍ରତି ଦୁଷ୍କର୍ମ ମାମଲାର ଫାଇଲ୍ ଖୋଲାଯିବ ଏବଂ ଦୋଷୀଙ୍କୁ ଦଣ୍ଡିତ କରାଯିବ । ଟିଏମ୍‌ସି ସରକାର ଉପରେ ଜୋରଦାର ଆକ୍ରମଣ କରିବା ପୂର୍ବକ ମୋଦୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟରେ ଦୁର୍ନୀତି, ଅପରାଧିକ କାର୍ଯ୍ୟକଳାପ ଏବଂ ଅନୁପ୍ରବେଶକୁ ବୃଦ୍ଧି ପାଇବାକୁ ଅନୁମତି ଦେଇଛି । ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀମାନେ ଜାଲ୍ ଦଲିଲ୍ ତିଆରି କରି ଦେଶସାରା ବ୍ୟାପୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ବିକଶିତ ଭାରତ ପାଇଁ ଏହି ସରକାରଙ୍କୁ ହଟାଇବା ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ମୋଦୀଙ୍କ କହିବାନୁସାରେ ରାଜ୍ୟରେ ଏପ୍ରକାର 'ଗୁଣ୍ଡାରାଜ' (ଗୁଣ୍ଡାଙ୍କ ଶାସନ) ସମାପ୍ତ ହେବା ଆବଶ୍ୟକ । ନନ୍ଦୀଗ୍ରାମରୁ ଆରମ୍ଭ ହୋଇଥିବା ପରିବର୍ତ୍ତନର ଲହର ଏବେ ଭବାନୀପୁରରେ ଦେଖିବାକୁ ମିଳିବ ବୋଲି ପ୍ରଧାନମନ୍ତ୍ରୀ ଆତ୍ମବିଶ୍ୱାସ ପ୍ରକଟ କରିଛନ୍ତି । ପ୍ରକାଶ ହଳଦିଆ ବ୍ୟତୀତ ମୋଦୀ ଆଜି ଦିନରେ ଆସାନସୋଲ ଏବଂ ସିଉଡ଼ିଠାରେ ମଧ୍ୟ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି । ଅନ୍ୟପକ୍ଷରେ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଆଜି ଉତ୍ତର ୨୪ ପ୍ରଗଣା ଜିଲ୍ଲାର ମିନାଖାଁଠାରେ ଏକ ରାଲିରେ ଯୋଗ ଦେଇଛନ୍ତି । ସେ ମଧ୍ୟ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ଜନସଭାକୁ ସମ୍ବୋଧିତ କରିଥିବା ସୂଚନା ମିଳିଛି । ପଶ୍ଚିମବଙ୍ଗରେ ଆସନ୍ତା ୨୩ ଏପ୍ରିଲ ଏବଂ ୨୯ ଏପ୍ରିଲରେ ଅର୍ଥାତ୍ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନ୍ତର୍ଗତ ଭୋଟ୍ ଗ୍ରହଣ କରାଯିବ । ତେବେ ନିର୍ବାଚନ ପୂର୍ବରୁ ଏହି ରାଲି ବିଜେପି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଭାବରେ କାର୍ଯ୍ୟ କରିଛି ।

### ପଞ୍ଝୁଦଣ୍ଡରେ ପିଟାପିଟି ...

ଓ କବିସୂର୍ଯ୍ୟନଗରର ଦଳ ପାଇଁ ସ୍ଥାନ ନିରୂପଣ କରାଯାଇଥିଲା । ପ୍ରଥମେ କାଟୁ ଦଣ୍ଡ ଦଳ ନିଜ ନିଜ ସ୍ଥାନରେ ପହଞ୍ଚିଥିଲେ । ପରେ ପୁରୁଷୋତ୍ତମପୁର ଦଣ୍ଡ ଦଳ ଅଗ୍ନିଦଣ୍ଡ ଖେଳି କାଟୁ ପାର୍ଟିକୁ ଅତିକ୍ରମ କଲା ବେଳେ ଅଗ୍ନି ଦଣ୍ଡର ଝୁଣା ନିଆଁ କୁଆଡେ କାଟୁ ଦଣ୍ଡୁଆକୁ ବାଜିଥିଲା । ଏଥିରେ ରାଗି ଯାଇ ପୁରୁଷୋତ୍ତମପୁର ଦଳର ଦଣ୍ଡୁଆକୁ ବାନା ବାଡ଼ିରେ ଆକ୍ରମଣ ପରେ ଦୁଇ ଦଳ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଯାଇଥିଲା । ଏହି ଗଣ୍ଡଗୋଳ ହେବାର ଭିଡିଓ ସୋସିଆଲ ମିଡିଆରେ ଏବେ ମୋବାଇଲକୁ ମୋବାଇଲ ଘୁରି ବୁଲୁଛି । ଏପରି ଘଟଣା ଏତେ ଅଧିକ ଥିଲା ଯେ ଗ୍ରାମର ଗ୍ରାମ୍ୟ କମିଟି ବି ତାହାକୁ ଆୟତ୍ତ କରିବାରେ ବିଫଳ ହୋଇଥିଲେ । ଖବର ଲେଖା ପର୍ଯ୍ୟନ୍ତ ଏନେଇ କୌଣସି ଅଭିଯୋଗ ଥାନାରେ ହୋଇ ନାହିଁ କିମ୍ବା କୌଣସି ଦଣ୍ଡୁଆ ଆହତ ହୋଇଥିବା ସୂଚନା ମିଳିନାହିଁ ।

### ତାତିରୁ ନାହିଁ ତ୍ରାହି ...

ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲାକୁ ପ୍ରବଳ ଝଡ଼ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କାଳବୈଶାଖୀ ବର୍ଷା ସମୟରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କିମି ରହିପାରେ । ଆସନ୍ତାକାଲି ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଏହି ୧୧ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ଏବଂ ୩୦ ରୁ ୪୦ କିମି ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ତେବେ ଆସନ୍ତାକାଲି ପରଠୁ କମିବ ବର୍ଷା । ପୁଣି ରାଜ୍ୟକୁ ଫେରିବ ଗରମ ଗୁଳୁଗୁଳି । କିଛିଦିନ ଧରି କାଳବୈଶାଖୀ ପାଇଁ ତାତିରୁ ବଡ଼ ଆଶ୍ୱସ୍ତି ମିଳିଥିଲା । ହେଲେ ପୁଣି ଉପରମୁହାଁ ହେବ ପାରଦ । ତାପମାତ୍ରା ବୃଦ୍ଧି ହେବା ସହ ଶନିବାରଠୁ ପଶ୍ଚିମ ସମେତ ଉପକୂଳ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆସନ୍ତା ୧୧ରେ ପାଗ ମୁଖ୍ୟତଃ ଶୁଷ୍କ ରହିବା ସହ ତାତି ବଢ଼ିପାରେ ।

# ମଧୁବନ କ୍ରୀଡ଼ାଙ୍ଗନରେ ୧୧ ଦଣ୍ଡ କାମନାଙ୍କ ମହାମିଳନ ଉତ୍ସବ

**ଖଣ୍ଡପଡ଼ା,୯।୪/ଏନ୍ଏନ୍ଏସ୍:** ଖଣ୍ଡପଡା ସହରର ଆରାଧ୍ୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ପୂଜିତ ମା' ବେଢାକାଳୀ ଦଣ୍ଡ କାମନାଙ୍କ ନିମନ୍ତ୍ରଣକ୍ରମେ ୧୧ ଦଣ୍ଡ କାମନାଙ୍କ ୪ ର୍ଥ ବାର୍ଷିକ ମହାମିଳନ ଉତ୍ସବ ଗୁରୁବାର ସନ୍ଧ୍ୟାରେ ମଧୁବନ କ୍ରୀଡାଙ୍ଗନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ମହାମିଳନ ଉତ୍ସବରେ ଖଣ୍ଡପଡା ଓ ସୁନାଖଳା ଗ୍ରାମର ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ନୟାଗଡ ବ୍ଲକ ଅଧୀନ ଚମ୍ପତିପୁର,ମଙ୍ଗଳପୁର ଓ ପାଟଣାସାହିରୁ ଶ୍ରୀ ବାଲୁଙ୍କେଶ୍ୱର ଦେବ, ସାହାସପୁର ଗ୍ରାମରୁ ଶ୍ରୀ କପିଳେଶ୍ୱର ଦେବ, ନୟାଗଡ ବ୍ଲକ ଅଧୀନ ଶୁକଳଗାଡିଆ, ଗୋବିନ୍ଦପୁର ଓ ଖଣ୍ଡପଡ଼ା ବ୍ଲକର ବନମାଳିପୁର ପଞ୍ଚାୟତ ଅଧୀନ କାଚେରାସାହି ଗ୍ରାମରୁ ଶ୍ରୀ ସୋମନାଥ ଦେବ, ଗଦାଧର ପ୍ରସାଦ ଗ୍ରାମରୁ ଶ୍ରୀ ଲୋକନାଥ ଦେବ, ଖପରମଲ୍ଲରୁ ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ଚଳନ୍ତି ପ୍ରତିମା ଆଦି ମହାମିଳନ ପର୍ବରେ ସାମିଲ ହୋଇଥିବା ଜଣାଯାଇଛି । ପ୍ରତ୍ୟେକ ଦଣ୍ଡ କାମନା କୋଠୀର ମାନସିକଧାରୀ ଦଣ୍ଡୁଆମାନେ ନିଜ ନିଜ ପୀଠର ଶକ୍ତି, ବିଗ୍ରହ, ପ୍ରଭା ଓ ଦଣ୍ଡ ଧରି ମହାମିଳନ ପର୍ବରେ ସାମିଲ ହୋଇଥିଲେ । ଅପରାହ୍ନରେ ବିଗ୍ରହମାନଙ୍କ ସମସ୍ତ ନୀତିକାନ୍ତି ଶେଷ ପରେ ବାଜା, ବାଣ ରୋଷଣୀ ସାଙ୍ଗକୁ ଏକ ବିରାଟ ପାଟ ପଟୁଆରରେ ବିଗ୍ରହମାନେ



ଖଣ୍ଡପଡ଼ା ସହର ପରିକ୍ରମା କରି ମଧୁବନ କ୍ରୀଡ଼ାଙ୍ଗନ ପରିସରରେ ପହଞ୍ଚିବା ପରେ ୧୧ ଶମ୍ଭୁଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହୋଇଥିଲା । ଏକ ବିରାଟ ପାଟ ପଟୁଆରରେ ବିଗ୍ରହମାନେ ଖଣ୍ଡପଡ଼ା ସହର ପରିକ୍ରମା କରିବା ବେଳେ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥିତ ପ୍ରତ୍ୟେକ ବ୍ୟକ୍ତି ବାସଗୃହ ସମ୍ମୁଖରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରି ପରିବାରର ମଙ୍ଗଳ ମନାସୀ ବିଗ୍ରହମାନଙ୍କୁ ଭୋଗ ଲାଗି କରିଥିଲେ । ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ କ୍ରୀଡାଙ୍ଗନ ପରିସରରେ ଉପସ୍ଥିତ ରହି ବିଗ୍ରହମାନଙ୍କ ଏହି ମହାମିଳନ ପର୍ବକୁ ଉପଭୋଗ କରିବା ସହ ପ୍ରଭୁକୃପା ଲାଭ କରିଥିଲେ ।

## ଅଙ୍ଗନବାଡ଼ିକୁ ପୋଷ୍ୟଭାବେ ଗ୍ରହଣ କରିବେ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୯।୪/ଏନ୍ଏନ୍ଏସ୍:** ଏଣିକି ପ୍ରତି ବିଶ୍ୱବିଦ୍ୟାଳୟ ଓ କଲେଜ ଅତିକମ୍‌ରେ ୫ରୁ ୬ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ପୋଷ୍ୟ ଭାବେ ଗ୍ରହଣ କରିବେ । ଫଳରେ କୁନି କୁନି ପିଲାଙ୍କ ପାଠପଢ଼ା ଏବଂ ସ୍ୱାସ୍ଥ୍ୟର ଯତ୍ନ ନେବେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ । ଶିଶୁ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ୟୁଜିସି ଜାରି କରିଛି ଏହି ନିର୍ଦ୍ଦେଶନାମା । ବିଶ୍ୱବିଦ୍ୟାଳୟ କରିବ ମେଣ୍ଟରସିପ୍ । ଫିଲ୍ଡ ୱାର୍କ, ସାମାଜିକ ସେବା ଏବଂ ଇଣ୍ଟର୍ଣ୍ଣସିପ ଛାତ୍ରଛାତ୍ରୀଙ୍କୁ ଏହା ସହାୟକ ହେବ । ମୁଖ୍ୟ ଶାସନ ସଚିବମାନଙ୍କ ସମ୍ମିଳନୀ ପରେ ନୀତି ଆୟୋଗର କାର୍ଯ୍ୟ ବିବରଣୀ ପ୍ରକାଶ ପାଇଛି । ସମସ୍ତ କୁଳପତି ଓ ଅଧ୍ୟକ୍ଷଙ୍କୁ ଏନେଇ ୟୁଜିସି ଚିଠି ଲେଖିଛି । ପ୍ରାରମ୍ଭିକ ଶିଶୁ ଶିକ୍ଷାକୁ ଗୁରୁତ୍ୱ ଦେଇ ସରକାର ଏହି ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି । ବିଶେଷ କରି ଶିକ୍ଷା, ମନୋବିଜ୍ଞାନ, ପୋଷଣ ଏବଂ ସମାଜ ମଙ୍ଗଳ ବିଭାଗର ଛାତ୍ରଛାତ୍ରୀ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ପିଲାଙ୍କ ବିକାଶରେ ସହଯୋଗ କରିବେ । ଏହାଦ୍ୱାରା ୩ରୁ ୬ ବର୍ଷର ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିବା ସହ ଉଚ୍ଚଶିକ୍ଷା ଅଧ୍ୟୟନରତ ଛାତ୍ରଛାତ୍ରୀ ପେଶାଗତ ଅନୁଭୂତି ହାସଲ କରିପାରିବେ । ଉଭୟ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବାକୁ ଯାଉଛି । ଏହା କେବଳ ଶିକ୍ଷା ନୁହେଁ ବରଂ ସମାଜ ପ୍ରତି ଛାତ୍ର ସମାଜର ଦାୟିତ୍ୱବୋଧକୁ ଆହୁରି ବୃଦ୍ଧି କରିବ ।

## ୧୭ ବିଦ୍ୟାଳୟରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ

**ବୋଲଗଡ଼,୯।୪/ଏନ୍ଏନ୍ଏସ୍:** ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ ପିଚୁକୁଳି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ସାହୁଙ୍କ ତତ୍ତ୍ୱାବଧାନରେ ପରିକ୍ରମା କରିଥିବା ଶିକ୍ଷା ସଚେତନତା ରଥକୁ ୧୭ଟି ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି । ଚମ୍ପାଇଲୋ, ମାଗୁରା, ଟିକାତାଳ ଓ ପୁଆଣିଆ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚମ୍ପାଇଲୋ, ଶିଉଳା ଏବଂ ଅସରଳା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିଚୁକୁଳି, ଓ ଅସରଳାସ୍ଥିତ ଉଚ୍ଚ ବିଦ୍ୟାଳୟ, ପିଚୁକୁଳି ଆଦର୍ଶ ବିଦ୍ୟାଳୟ ଏବଂ ଟିକାତାଳ ସଂସ୍କୃତ ବିଦ୍ୟାଳୟ ଆଦି ମାନଙ୍କରେ କରତାଳି, ହରିଧ୍ୱନି, ସଙ୍କୀର୍ତ୍ତନ, ହୁଳହୁଳି,ଡ୍ରମ ବାଦନ ତଥା ନୃତ୍ୟ ପରିବେଷଣ ସହ ଧୂପ,ଦୀପ ଓ ପୁଷ୍ପ ପ୍ରଦାନ କରି ବୁଧବାର ସ୍ୱାଗତ କରାଯାଇଥିଲା । ଶଙ୍କରପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଭୁକ୍ତ କଅଁରପୁର ଓ କାଦୁଆପଡ଼ା ସ୍ଥିତ ପ୍ରାଥମିକ ବିଦ୍ୟାଳୟ, ଶଙ୍କରପୁର ଓ କାଦୁପଡା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆରିକିମା ଓ ଖାରଡପଲ୍ଲୀ ସ୍ଥିତ ଉଚ୍ଚ ବିଦ୍ୟାଳୟରେ ସି.ଆର.ସି.ସି. ଶୁଭେନ୍ଦୁ ଦଳସିଂହାରଙ୍କ ତତ୍ତ୍ୱାବଧାନରେ ନୃତ୍ୟ



ପରିବେଷଣ, ପୁଷ୍ପମାଲ୍ୟ ଅର୍ପଣ ସହ ବନ୍ଦାପନା କରି ରଥକୁ ସ୍ୱାଗତ କରାଯାଇଥିଲା । ପିଚୁକୁଳି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ସାହୁଙ୍କ ଅନୁରୋଧକ୍ରମେ ଏବଂ ଶଙ୍କର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ଦାସଙ୍କ ଆବାହକତ୍ୱରେ ଗୋଷୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯଥାକ୍ରମେ ପିଚୁକୁଳି ଓ ଶଙ୍କରପୁର କ୍ଲଷ୍ଟରର ଉପରୋକ୍ତ ସମସ୍ତ ବିଦ୍ୟାଳୟ ରେ ରଥ ପରିକ୍ରମାରେ ଯୋଗଦାନ କରିଥିଲେ । ଉପରୋକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ବାଇକ୍ ଯାତ୍ରାରେ ରଥ ପରିକ୍ରମାରେ ସାମିଲ ହୋଇ ସ୍ଲୋଗାନ ଓ ସଙ୍ଗୀତଗାନ ଦ୍ୱାରା ପିଲାମାନଙ୍କୁ ବିଦ୍ୟାଳୟରେ ଆକୃଷ୍ଟ କରିବା ପାଇଁ ଜନସଚେତନତା ସୃଷ୍ଟି କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ରଣା, ସୁଧୀର କୁମାର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଇ, ଶିକ୍ଷକ ସୁସ୍ମିକାନ୍ତ ସାହୁ, ବିଚିତ୍ରାନନ୍ଦ ରାୟଗୁରୁ, ସରୋଜ କୁମାର ରାୟଗୁରୁ, ଅଞ୍ଜନ କୁମାର ଜୟସିଂହ, ବାସୁଦେବ ବରାଡ, ବିମ୍ବାଧର ସାହୁ, ହୃଷିକେଶ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

### ପ୍ରତି କ୍ଷଣ ମୋଡ଼ ...

ସୃଷ୍ଟି କରୁଛି । ଏହାରି ମଧ୍ୟରେ ଲେବାନନ୍ ପକ୍ଷରୁ କରାଯାଇଥିବା ଏକ ଅନୁରୋଧକୁ ଅବଶ୍ୟ ଇସ୍ରାଏଲ୍ ସ୍ୱୀକାର କରିଥିବା ସୂଚନା ମିଳିଛି । ଲେବାନନ୍ ସରକାର ସିଧାସଳଖ, ଇସ୍ରାଏଲ ସହ ଆକ୍ରମଣ ବନ୍ଦ କରିବା ନେଇ ଆଲୋଚନା କରିବାକୁ ଇଚ୍ଛା ପ୍ରକାଶ କରିବା ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏଥିପାଇଁ ସହମତି ପ୍ରକାଶ କରିଛନ୍ତି । ସେ ଏଥିପାଇଁ ନିଜ କ୍ୟାବିନେଟ୍‌କୁ ଗ୍ରୀନ୍ ସିଗ୍‌ନାଲ୍ ଦେଇଥିବା ନିଜେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଲେବାନନ୍ ଏବଂ ଏଠାରେ ଥିବା ସଶସ୍ତ୍ର ବିଦ୍ରୋହୀ ଗୋଷ୍ଠୀ ହିଜବୁଲ୍ଲା ଉପରେ ଇସ୍ରାଏଲ୍‌ର ଆକ୍ରମଣକୁ ନେଇ ଇରାନ୍ ଏବେ ପ୍ରତିକ୍ରିୟାଶୀଳ ହୋଇ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବା ନେଇ ଘୋଷଣା କରିଛି । ଗୁରୁବାର ହସ୍ତଗତ ହୋଇଥିବା ସୂଚନାନୁସାରେ ଇରାନ୍ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଦୁଇଟି ବଡ଼ ଘୋଷଣା କରିଛି । ପ୍ରଥମଟି ହେଉଛି ହର୍ମୁଜ ପ୍ରଣାଳୀ ଦେଇ ଏଣିକି ଦିନକୁ ମାତ୍ର ୧୫ଟି ଜାହାଜକୁ ଅନୁମତି ଦେବ । ଏହାର ଅର୍ଥ ହେଉଛି ପୂର୍ବ ତୁଳନାରେ ଜାହାଜ ଚଳାଚଳକୁ ଯଥେଷ୍ଟ ହ୍ରାସ କରିଛି ଇରାନ୍ । ସେହିପରି ଦ୍ୱିତୀୟ ବଡ଼ ଘୋଷଣାଟି ହେଉଛି, ଇରାନ୍‌ର ରିଭଲ୍ୟୁସନାରୀ ଗାର୍ଡସ କର୍ପସ (ଆଇଆରଜିସି) ପକ୍ଷରୁ ହର୍ମୁଜ ପ୍ରଣାଳୀରେ ବିଛାଯାଇଥିବା ବାରୁଦ ସୁଡ଼ଙ୍ଗରୁ ରକ୍ଷା ପାଇବା ପାଇଁ ଇରାନ୍ ଏବେ ଜାହାଜଗୁଡ଼ିକୁ ଏକ ନୂଆ ମାର୍ଗ ବା ରାସ୍ତା ଦେବାକୁ ଏକ ସ୍ୱତନ୍ତ୍ର ମ୍ୟାପ୍ ପ୍ରସ୍ତୁତ କରିଛି । ଏବେ ଏହି ନୂଆ ସୁରକ୍ଷିତ ମାର୍ଗରେ ହିଁ ଜାହାଜଗୁଡ଼ିକ ଚଳାଚଳ କରିବେ । ତେବେ ଏହାରି ମଧ୍ୟ ୟୁରୋପୀୟ ସଂଘ କିନ୍ତୁ ଇରାନ୍‌ର ହର୍ମୁଜ୍‌ରେ ଟୋଲ୍ ଆଦାୟ କରିବା ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି । ଯଦି ଇରାନ୍ ପକ୍ଷରୁ ରଖାଯାଇଥିବା ସର୍ତ୍ତଗୁଡ଼ିକ ପୂରଣ ନହୁଏ କିମ୍ବା କୌଣସି ପକ୍ଷ ଯୁଦ୍ଧବିରତି ନିୟମକୁ ଭଙ୍ଗ କରନ୍ତି ତେବେ ମଧ୍ୟପ୍ରାଚ୍ୟରେ ପୁଣିଥରେ ଯୁଦ୍ଧ ହେବା ନିଶ୍ଚିତ ଯାହାକି ଆଗକୁ ଭୟଙ୍କର ରୂପ ନେବ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ।

**ପାକିସ୍ତାନୀ ମଧ୍ୟସ୍ଥିଙ୍କୁ ନୋବେଲ ଶାନ୍ତି ଦେବାକୁ ଦାବି**

ପାକିସ୍ତାନର ପଞ୍ଜାବ ବିଧାନସଭାରେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍, ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ ମୁନୀର ଏବଂ ଉପ-ପ୍ରଧାନମନ୍ତ୍ରୀ ଇଶାକ ଡାରଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବାକୁ ଏକ ପ୍ରସ୍ତାବ ଆଗତ କରାଯାଇଛି । ଜିଓ ନ୍ୟୁଜ୍ ଅନୁଯାୟୀ, ପିଏମ୍ଏଲ୍-ଏନ୍ ବିଧାୟକ ରାଣା ମୁହମ୍ମଦ ଅର୍ଶଦ ଏହି ପ୍ରସ୍ତାବ ଆଗତ କରିଛନ୍ତି । ଏଥିରେ କୁହାଯାଇଛି ଯେ, ପାକିସ୍ତାନୀ ନେତାଙ୍କ ମଧ୍ୟସ୍ଥତା ଯୋଗୁଁ ହିଁ ଆମେରିକା ଏବଂ ଇରାନ ମଧ୍ୟରେ ୨ ସପ୍ତାହର ଯୁଦ୍ଧବିରତି ସମ୍ଭବ ହୋଇପାରିଛି । ଏହା ଦ୍ୱାରା ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ପାଇଁ ପଥ ପରିଷ୍କାର ହୋଇଛି । ପ୍ରକାଶ, ଗତ ଏପ୍ରିଲ ୮ ତାରିଖରେ ଆମେରିକା ଇରାନ ସହ ଯୁଦ୍ଧବିରତି ଘୋଷଣା କରିଥିଲା । ଟ୍ରମ୍ପ କହିଥିଲେ ଯେ, ସେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏବଂ ସେନା ମୁଖ୍ୟ ଆସିମ ମୁନୀରଙ୍କ ଅନୁରୋଧ କ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି । ଇରାନ ମଧ୍ୟ ଏହି ବିଷୟକୁ ସ୍ପଷ୍ଟ କରିଛି ।

**ଇରାନ୍‌ରେ ମୃତ୍ୟୁ ସଂଖ୍ୟା ୩୦୦୦ରୁ ଊର୍ଦ୍ଧ୍ୱ**

ଇରାନର ଜଣେ ଅଧିକାରୀଙ୍କ ଅନୁଯାୟୀ, ଆମେରିକା ଓ ଇସ୍ରାଏଲର ଆକ୍ରମଣରେ ଏପର୍ଯ୍ୟନ୍ତ ୩୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇସାରିଛି । ଅନେକ ମୃତଦେହ ଚିହ୍ନଟ କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି ।

### ଆସାମରେ ସର୍ବକାଳୀନ ...

ମିଳିଥିଲା । ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଗୁଆହାଟୀର ମା' କାମାଖ୍ୟା ମନ୍ଦିରରେ ପୂଜା କରିବା ପରେ ପତ୍ନୀଙ୍କ ସହ ଜାଲୁକବାଡ଼ିରେ ମତଦାନ କରିଛନ୍ତି । କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏବଂ ଅଭିନେତା ମୋହନଲାଲ ମଧ୍ୟ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । କେରଳରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ତଥା କଂଗ୍ରେସ ନେତା ଏକେ ଆଣ୍ଟୋନୀ ଭୋଟ୍ ଦେବା ପରେ କହିଛନ୍ତି ଯେ, ରାଜ୍ୟରେ ଏଥର ସରକାର ବଦଳିବ । ଆସାମର ବରପେଟାରେ ପ୍ରବଳ ବର୍ଷା ଯୋଗୁଁ ମତଦାନରେ କିଛିଟା ବାଧା ସୃଷ୍ଟି ହୋଇଥିଲା । ପୁଡୁଚେରୀରେ ଏକ ଅଭିନବ ପ୍ରୟାସ ସ୍ୱରୂପ ପୋଲିଂ ବୁଥରେ ରୋବୋଟ୍ ଭୋଟରଙ୍କୁ ଫୁଲ ଦେଇ ସ୍ୱାଗତ କରୁଥିବା ଦେଖାଯାଇଥିଲା । ଏହି ନିର୍ବାଚନରେ ପ୍ରାୟ ୧୦ ଲକ୍ଷରୁ ଅଧିକ ନୂଆ ଭୋଟର ପ୍ରଥମ ଥର ପାଇଁ ନିଜର ମତ ଦେଇଛନ୍ତି । ଆସାମରେ, ୪୧ଟି ଦଳର ୭୨୨ ଜଣ ପ୍ରାର୍ଥୀ ୧୨୬ଟି ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କେରଳରେ, ୮୯୦ ପ୍ରାର୍ଥୀଙ୍କ ମଧ୍ୟରୁ ୨୭.୧ ନିୟୁତ ଭୋଟର ସେମାନଙ୍କର ନେତାଙ୍କୁ ବାଛିବେ । ପୁଡୁଚେରୀରେ, ୨୦ ଟି ଦଳର ୨୯୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଉଭୟ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଥମ ଥର ପାଇଁ ୧୦ ଲକ୍ଷରୁ ଅଧିକ ଭୋଟର ଭୋଟ ଦେଇଛନ୍ତି । ପ୍ରକାଶ, ୭୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ, କେରଳରେ ଜଣେ ମୁଖ୍ୟମନ୍ତ୍ରୀ ହ୍ୟାଟ୍ରିକ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସାମରେ, ବିଜେପି ଲଗାତାର ତୃତୀୟ ଥର ପାଇଁ ସରକାର ଗଠନ କରିବା ପାଇଁ ହିମନ୍ତ ବିଶ୍ୱ ଶର୍ମାଙ୍କ ଉପରେ ନିର୍ଭର କରୁଛି । ପୁଡୁଚେରୀରେ, କଂଗ୍ରେସ ଦଳରୁ ବିଦାୟ ନେଇଥିବା ଏନ୍. ରଙ୍ଗସ୍ୱାମୀ ପଞ୍ଚମ ଥର ପାଇଁ କ୍ଷମତାରେ ରହିବା ପାଇଁ ଚେଷ୍ଟା କରୁଛନ୍ତି ।

### ଏନ୍‌ଆଇଏର ତନାଘନା ...

ହେପାଜତକୁ ନେଇଛି । ଏହା ସହିତ ତଦନ୍ତକାରୀ ଅଧିକାରୀ ରେକର୍ଡ କରିଥିବା ଦୁଇ ଅଭିଯୁକ୍ତଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ, ଅଭିଯୁକ୍ତମାନଙ୍କ ବୟାନକୁ ମଧ୍ୟ ନିଜ ହେପାଜତକୁ ନେଇଛି । ଏହା ପୂର୍ବରୁ ଏନଆଇଏ ଟିମ ବୋମା ବିସ୍ଫୋରଣ ସ୍ଥଳକୁ ଦୁଇ ଦୁଇଥର ଯାଇ ତଦନ୍ତ କରି ଫେରିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୬ ଜାନୁୟାରୀ ୨୭ ତାରିଖରେ ଆଜାଦନଗରରେ ଘଟିଥିଲା ଭୟଙ୍କର ବିସ୍ଫୋରଣ । ଯେଉଁଥିରେ ଅଭିଯୁକ୍ତ ସେହେନୱାଜ ମଲ୍ଲିକ, ତାଙ୍କ ମାଆ ଲିଜାତୁନ ବିବି , ସେହେନାଜର ପ୍ରେମିକା ତୃପ୍ତିମୟୀ ଓ ସହଯୋଗୀ ଅମୀୟ ମଲ୍ଲିକ ଗୁରୁତର ଆହତ ହୋଇଥିଲେ । ଅଭିଯୁକ୍ତ ସେହେନୱାଜ ଓ ତାଙ୍କ ମା' ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ ।

## ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ନେଲେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ



**ସାକ୍ଷୀଗୋପାଳ,୯।୪/ଏନ୍ଏନ୍ଏସ୍:** ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ବନବିଦ୍ୟାଳୟ ଠାରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ନାରାୟଣ ଆଚାର୍ଯ୍ୟ ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି । ଭାରପ୍ରପ୍ତ କୁଳପତି ପ୍ରଫେସର ସତ୍ରୁଘ୍ନ ପାଣିଗ୍ରାହୀଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ବିଦ୍ୟାଳୟରେ ସେ ହେଉଛନ୍ତି ତୃତୀୟ ସ୍ଥାୟୀ କୁଳପତି । ପ୍ରକାଶଥାଉକି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯୋଗଦେବା ପୂର୍ବରୁ ପ୍ରଫେସର ଆଚାର୍ଯ୍ୟ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ । ତିରୁପତି କେନ୍ଦ୍ରୀୟ ସଂସ୍କୃତ ମହାବିଦ୍ୟାଳୟର ଡିନ୍ ତଥା ସାହିତ୍ୟ ବିଭାଗ ବରିଷ୍ଠ ପ୍ରଫେସର ଶ୍ରୀ ଆଚାର୍ଯ୍ୟ ନୟାଗଡ଼ ଜିଲ୍ଲାର ନଟବର ପୁର ଶାସନରେ ଜନ୍ମଗ୍ରହଣ କରିଥିବା ବେଳେ ପୁରୀ ଜିଲ୍ଲା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ । ଜଣେ କର୍ତ୍ତବ୍ୟ ନିଷ୍ଠ ଅଧିକାରୀ ତଥା ଛାତ୍ରବତ୍ସଳ ଅଧ୍ୟାପକ ଭାବେ ତାଙ୍କର ଯଥେଷ୍ଟ ସୁନାମ ରହିଛି ।

## 'ଓଡ଼ିଆ ଗୌରବ ସମ୍ମାନ'ରେ ବ୍ୟଙ୍ଗକବି ସମ୍ମାନିତ

**ନୟାଗଡ଼,୯।୪/ଏନ୍ଏନ୍ଏସ୍:** ମଧ୍ୟପ୍ରଦେଶ ଇନ୍ଦୋରଠାରେ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ଉତ୍କଳ ସାଂସ୍କୃତିକ ପରିଷଦ ଦ୍ୱାରା ଚତୁର୍ଥ ଉତ୍କଳ ଦିବସ ସମାରୋହ ୨୦୨୬ ଇନ୍ଦୋରରେ ମେଡିକ୍ୟାପ୍ସ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍ ଠାରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରୋହନ ଏଣ୍ଟରପ୍ରାଇଜର୍ସ ମୁଖ୍ୟ ରବୀନ୍ଦ୍ର କୁମାର ସ୍ୱାଇଁ, ମୁଖ୍ୟବକ୍ତା ପାପେୟା ଟ୍ରି ମୁଖ୍ୟ ଆନନ୍ଦ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ ଅଫ ବରୋଦା ସାଧାରଣ ପରିଚାଳକ ଶ୍ରୀନିବାସ ମିଶ୍ର, ଆର୍‌ଏସ୍‌ଏସ୍ ସଦସ୍ୟ ସୂର୍ଯ୍ୟକାନ୍ତ କେଲକର୍ ଏବଂ ଅନୁଷ୍ଠାନର ସଭାପତି ଡ.ଅଶୋକ ମହାନ୍ତି, ସମ୍ପାଦକ ଇଂ. ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ବରିଷ୍ଠ ଉପଦେଷ୍ଟା ଡ.ଦିଲୀପ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଡ. ଜେବି ସାହୁ, ମୁଖ୍ୟ ସହଯୋଗୀ ଇଂ. ସନ୍ତୋଷ ମହାନ୍ତି ଏବଂ ଓଡ଼ିଶାର ଜଣାଶୁଣା ବ୍ୟଙ୍ଗ କବି ତଥା ହାସ୍ୟ ଅଭିନେତା ରବୀନ୍ଦ୍ର ରାଉତ ଅତିଥି ଭାବେ . ଯୋଗ ଦେଇଥିଲେ । ଇନ୍ଦୋର ଜଗନ୍ନାଥ ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ରାସ ବିହାରୀ ପଣ୍ଡା ଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବୈଦିକ ମନ୍ତ୍ର ପାଠ କରିଥିଲେ । ପରେ ବ୍ୟଙ୍ଗକବି ରବୀନ୍ଦ୍ରଙ୍କୁ ସମ୍ମାନଜନକ 'ଓଡ଼ିଆ ଗୌରବ ସମ୍ମାନ ୨୦୨୬'ରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଭିଜିତ ମଲ୍ଲିକ, ସୁଶାନ୍ତ ଦାଶ, ଦୁର୍ଗା ସାହାଣୀ, ନିର୍ମଳ ମହାନ୍ତି, ନରେନ୍ଦ୍ର ପରିଡ଼ା, ବାଲାଜୀ ଜେନା, ସ୍ୱାତୀ ବେହେରା, ସତୀଶ ବେହେରା, ଆଶୁତୋଷ ତ୍ରିପାଠୀ, ରଞ୍ଜନ ମହାରଣା ଏବଂ ସମସ୍ତ ପ୍ରବାସୀ ଓଡ଼ିଆ ସମାଜର ସଦସ୍ୟଗଣ ସହଯୋଗ କରିଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ଇଂ. ଶ୍ରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ ।

## କାଳବୈଶାଖୀ ବର୍ଷାରେ ବେହାଲ ପୁରୀ ସହର

**ପୁରୀ,୯।୪/ଏନ୍ଏନ୍ଏସ୍:** ପୁରୀରେ କାଳବୈଶାଖୀ ଯୋଗୁ ପ୍ରବଳ ବର୍ଷାରେ ଅସ୍ତବ୍ୟସ୍ତ ହୋଇପଡିଛି ଜନଜୀବନ । ପ୍ରବଳ ବର୍ଷା ଯୋଗୁଁ ବୁଡିଲା ପୁରୀ ବଡ଼ଦାଣ୍ଡ । ବଡ଼ଦାଣ୍ଡ ରେ ଲହଡ଼ି ମାରିଲା ବର୍ଷା ଜଳ । ଆଜି ମଧ୍ୟାହ୍ନ ସମୟରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା । ତେବେ ସହରର ମୁଖ୍ୟ ପ୍ରବେଶ ପଥ ମେଡିକାଲ ଛକ, ବଡ଼ଦାଣ୍ଡ , ଓ ସହରର ତଳିଆ



ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ପୁରୀ ଆସୁଥିବା ପର୍ଯ୍ୟଟକ, ସହରବାସୀ ବ୍ୟସ୍ତ ବିବ୍ରତ ହୋଇପଡ଼ିଛନ୍ତି । ଅନ୍ୟପଟେ ମହାପ୍ରଭୁ ଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ମାନେ ମଧ୍ୟ ହନ୍ତସନ୍ତ ହୋଇଥିଲେ । ପ୍ରବଳ ବର୍ଷା ହେଉଥିବାରୁ ବଡ଼ଦାଣ୍ଡ, ହସ୍ପିଟାଲ ଛକରୁ ମାର୍କେଟ ଛକ, ଭିଆଇପି ରୋଡ, ସୁଜାତା ନଗର, ମୁକୁନ୍ଦ ମିଶ୍ର ନଗର, ନୀଳଚକ୍ର ନଗର, ସିଦ୍ଧମହାବୀର, ଦଉଡୋଟା ଅଞ୍ଚଳରେ ବର୍ଷା ପାଣି ଜମି ରହିଛି । ବଡ଼ଦାଣ୍ଡରେ ବର୍ଷାଜଳ ଲହଡ଼ି ମାରୁଥିବାରୁ ଯାନବାହାନ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥିଲା ।

## ଓଡ଼ିଆ ପକ୍ଷରେ 'ଆସ ବହିଟିଏ କିଣିବା' ଅଭିଯାନ

**ଚାରିଛକ,୯।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡିଆ ପକ୍ଷ । ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିନରେ ରାଜ୍ୟବ୍ୟାପି 'ଆସ ବହିଟିଏ କିଣିବା' ଅଭିଯାନ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଅବସରରେ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି ଓଡ଼ିଆ ପକ୍ଷ -୨୦୨୬ ଅନ୍ତର୍ଗତ ଆସ ବହିଟିଏ କିଣିବା ଅଭିଯାନ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼ଃ ଅଶୋକ କୁମାର ବିଶ୍ୱାଳ ଏହି ଅଭିଯାନର ଶୁଭାରମ୍ଭ କରି ଓଡିଆ ପକ୍ଷ ପାଳନ ଅବସରରେ ରାଜ୍ୟବ୍ୟାପି ଆସ ବହିଟିଏ କିଣିବା ଅଭିଯାନ ଆୟୋଜନ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅଭିହିତ କରିବା ସହ ଛାତ୍ରୀମାନଙ୍କୁ ଓଡିଆ ଭାଷାର ବହୁଳ ପ୍ରଚାର ପ୍ରସାର ପାଇଁ ଓଡ଼ିଆ ବହିଟିଏ କିଣିବା ଏବଂ ସର୍ବତ୍ର ଓଡ଼ିଆ ଭାଷାକୁ ବ୍ୟବହାର ପାଇଁ ଉପଦେଶ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଏନ. ସି. ସି ବିଭାଗ ମେଜର ପୁଷ୍ପଲତା ଦତ୍ତଙ୍କ ସଂଯୋଜନାରେ ଆୟୋଜିତ ଏହି ଅଭିଯାନରେ ଇତିହାସ ବିଭାଗ ଅଧ୍ୟାପିକା ସୁଲୋଚନା ସାହୁ, ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଏବଂ ଓଡିଆ ବିଭାଗ ଅଧ୍ୟାପିକା ସୁନିତା ନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟତା ବୁଝାଇବା ସହ ସମସ୍ତେ ଓଡ଼ିଆ ବହି କିଣିବା ଏବଂ ଅନ୍ୟମାନଙ୍କୁ ବହିଟିଏ କିଣିବା ପାଇଁ ଉତ୍ସାହିତ କରିବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁରେଶ ଚନ୍ଦ୍ର କର, ଅର୍ଥନୀତି ଅଧ୍ୟାପକ ଯୋଗେଶ୍ୱର ମୁଣ୍ଡା, ଅଧ୍ୟାପିକା ପୂଜା ବେହେରା, ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଅଧ୍ୟାପକ ସୁକାନ୍ତ କିଶୋର ବଡୁ ଯୋଗଦେଇଥିଲେ ।

## ଆଜିର ଇତିହାସ

- ୧୮୫୭-ସ୍ୱାମୀ ଦୟାନନ୍ଦ ଆର୍ଯ୍ୟ ସମାଜର ସ୍ଥାପନା କରିଥିଲେ।
- ୧୮୮୯-ରାମଚନ୍ଦ୍ର ଚାଟାର୍ଜୀ ଗରମ ବେଲୁନରେ ଉଡ଼ାଣ ଭରିଥିବା ପ୍ରଥମ ବ୍ୟକ୍ତି ଥିଲେ।
- ୧୯୮୨-ଭାରତ ବହୁଉଦ୍ଦେଶୀୟ ଉପଗ୍ରହ ଇନ୍‌ସାଟ୍-୧ଏର ସଫଳ ପ୍ରକ୍ଷେପଣ କରିଥିଲା।
- ୨୦୦୧-ଭାରତ ଓ ଇରାନ ମଧ୍ୟରେ ତେହେରାନ ଘୋଷଣାପତ୍ର ଉପରେ ହସ୍ତାକ୍ଷର କରିଥିଲେ।
- ୨୦୧୬-କେରଳର କୋଲ୍ଲମ ଜିଲ୍ଲାରେ ସ୍ଥିତ ପୁଭିଲିଙ୍ଗ୍ ମନ୍ଦିରରେ ଭୀଷଣ ଅଗ୍ନିକାଣ୍ଡ ଘଟି
- ୧୧୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଶୁଭ ସଂକେତ ନେଇ ଆସିବ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ। ନିବେଶରୁ ଲାଭ ନିଶ୍ଚିତ ପାଇବେ। ବ୍ୟାପାର ଦ୍ରୁତତର ହେବ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ** - ଯାହା ଚାହିଁବେ ଆଜି ତାହା ହାସଲ କରିବେ। ପରିଶ୍ରମ କମ୍ କରନ୍ତୁ ନାହିଁ। ମାନସିକ ଶାନ୍ତି ବଜାୟ ରହିବ। ବେତନ ବୃଦ୍ଧି କିମ୍ବା ପ୍ରମୋଶନ ଯୋଗ ରହିଛି। ସନ୍ତାନ ସହିତ ଜଡ଼ିତ ଭଲ ଖବର ପାଇବେ।

**ମିଥୁନ** - ବ୍ୟବସାୟରେ ବଡ଼ ନିଷ୍ପତ୍ତି ନେବେ। ନିବେଶ ମାମଲାରେ ଲାଭ ପାଇପାରନ୍ତି। କାରବାର ଖୁବ୍ ଭଲରେ ଚାଲିବ। ଲାଭ ମିଳିପାରେ। ନୂଆ ଦାୟିତ୍ୱର ସଂକେତ ରହିଛି। ପ୍ରପର୍ଟି କ୍ଷେତ୍ର ପାଇଁ ଦିନଟି ଲାଭଦାୟକ।

**କର୍କଟ** - ଆପଣଙ୍କ ବାଣୀ ଲାଭ କିମ୍ବା କ୍ଷତି ଦେବ। ନିବେଶ ଓ ଉଧାର ନଦେଲେ ଭଲ। ଭାଇ-ଭଉଣୀଙ୍କ ସହଯୋଗ ପାଇବେ। ଜୀବନସାଥିଙ୍କ ସହିତ କିଛି ମତଭେଦ ହୋଇପାରେ।

**ସିଂହ** - ଦିନଟି ଆପଣଙ୍କ ଧୈର୍ଯ୍ୟର ପରୀକ୍ଷା ନେବ। ଅବିବାହିତ ଲୋକମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ବିଦ୍ୟାର୍ଥୀଙ୍କ ପାଇଁ ଦିନଟି ଲାଭଦାୟକ। ସଫଳତା ପାଇଁ ଦୁଇ ଗୁଣ ପରିଶ୍ରମ କରିବେ।

**କନ୍ୟା** - ଅଟକିଥିବା କାମ ପୂରା ହେବ। ସମ୍ପତ୍ତି ସହିତ ଜଡ଼ିତ ମାମଲା ସକାରାତ୍ମକ ପରିଣାମ ଦେବ। ଧାର୍ମିକ ଆୟୋଜନ ପାଇଁ ପରିବେଶ ସୁଖମୟ ରହିବ। ସାମାଜିକ ଗତିବିଧିରେ ଭାଗ ନେବେ।

**ତୁଳା** - ଅଟକିଥିବା କାମ ସମୟାନୁସାରେ ପୂରା ହେବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ଇଣ୍ଟରଭିଉ ପାଇଁ ଖୁବ୍ ଭଲ ସମୟ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସା ପାଇବେ। ପରିବାରରେ ଖୁସିର ପରିବେଶ ରହିବ।

**ବିଛା** - କ୍ୟାରିୟର୍ ସହିତ ଭଲ ଖବର ପାଇବେ। ପ୍ରେମ ଜୀବନ ଭଲରେ ଚାଲିବ। ପାର୍ଟନର ସହିତ ସମୟ ବିତେଇବେ। ଧାର୍ମିକ କାର୍ଯ୍ୟରେ ଭାଗ ନେବେ। ମାନସିକ ଶାନ୍ତି ମିଳିବ।

**ଧନୁ** - ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। ଉର୍ଜାବାନ ଅନୁଭବ କରିବେ। ସାମାଜିକ କାର୍ଯ୍ୟରେ ଭାଗୀଦାରୀ ବଢ଼ିବ। ପ୍ରଶଂସିତ ହେବେ। ସିଙ୍ଗଲ୍ ଜାତକଙ୍କ ଖାସ୍ ଲୋକ ସହିତ ସାକ୍ଷାତ ହୋଇପାରେ।

**ମକର** - ଅର୍ଥ ମାମଲାରେ ଅବହେଳା ଭାରି ପଡ଼ିବ। ଜୀବନସାଥିଙ୍କ ସହଯୋଗ ମିଳିବ। ବିଦ୍ୟାର୍ଥୀ ସଠିକ୍ ସମୟରେ କାମ ପୂରା କରିବେ। କାର୍ଯ୍ୟକ୍ଷେତ୍ରରେ ବାଧା ଉତ୍ପନ୍ନ ହୋଇପାରେ।

**କୁମ୍ଭ** - ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ଲାଭଦାୟକ ହେବ। ଅବିବାହିତଙ୍କୁ ଭଲ ପ୍ରସ୍ତାବ ଆସିବ। ବ୍ୟବସାୟରେ ବଡ଼ ଅର୍ଡର ପାଇବେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଜରୁରୀ।

**ମୀନ** - ବ୍ୟାପାରୀଙ୍କୁ ବଡ଼ ଲାଭ ମିଳିବ। ମହତ୍ତ୍ୱପୂର୍ଣ୍ଣ ବଜେଟ୍ ହାତକୁ ଆସିପାରେ। ଚାକିରିଆଙ୍କ ପାଇଁ ଶାନ୍‌ଦାର ଦିନଟିଏ। କ୍ୟାରିୟର୍‌ରେ ନୂଆ ସୁଯୋଗ ମିଳିବ। ଅଧିକ କାମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇବ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଆସୁରୀଂ ଯୋନିମାପନ୍ନା ମୂଢ଼ା ଜନ୍ମନି ଜନ୍ମନି।
ମାମପ୍ରାପ୍ୟୈବକୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍। (୧୬/୨୦)

ହେ କୌନ୍ତେୟ! ମୂଢ଼ ଲୋକମାନେ ପ୍ରତି ଜନ୍ମରେ ଆସୁରୀ ଯୋନି ପ୍ରାପ୍ତ ହୁଅନ୍ତି। ଏତଦ୍‌ବ୍ୟତୀତ ମୋତେ ନ ପାଇ ଶେଷରେ ତାହାଠାରୁ ଆହୁରି ନିକୃଷ୍ଟ ଜନ୍ମ ଏପରିକି କୃମି କୀଟ ଇତ୍ୟାଦି ଲାଭ କରନ୍ତି। କହିବାର ଉଦ୍ଦେଶ୍ୟ ହେଉଛି ଯେ ଆସୁରୀ ପ୍ରକୃତି ଲୋକମାନେ ରାଜସିକ ଓ ତାମସିକ। ସତ୍ତ୍ୱଗୁଣ ପ୍ରାପ୍ତି ନ କଲେ ଈଶ୍ୱର ବିଷୟକ ବୁଦ୍ଧିର ବିକାଶ ଘଟେ ନାହିଁ। ଥରେ ଏଭଳି ନୀଚ ଯୋନିରେ ଜନ୍ମ ହେଲେ ସହଜରେ ସେଥିରୁ ଉଦ୍ଧାର ମିଳେ ନାହିଁ। ତେଣୁ ଯଥାଶକ୍ତି ଚେଷ୍ଟା କରି ରଜ ଓ ତମୋଗୁଣ ତ୍ୟାଗ କରିବାକୁ ହେବ।

# ଭୀମନଗରୀର ଆୟୋଜନ



୧୯୯୬ରେ ଇଦ୍‌ଗାହ କୁତୁଲପୁରରୁ ଆରମ୍ଭ କରାଯାଇଥିଲା ଭୀମନଗରୀର ଆୟୋଜନ ଯାହାର ଉଦ୍‌ଘାଟନ କରିଥିଲେ ବାବା ସାହେବ ଆମ୍ବେଦକରଙ୍କ ପତ୍ନୀ ଡକ୍ଟର ସବିତା ଆମ୍ବେଦକର। ୧୯୫୭ରୁ ଜାରି ରହିଥିବା ଆମ୍ବେଦକର ଶୋଭାଯାତ୍ରାକୁ ଜନକପୁରୀ ଶୈଳୀରେ ବିସ୍ତାର କରିବା ପାଇଁ ଭୀମନଗରୀର ଆୟୋଜନ କରାଯାଇଥିଲା ଯାହା ସାମାଜିକ, ସଂସ୍କୃତିକ ଉତ୍ସବ ସହିତ



ବସ୍ତିଗୁଡ଼ିକର ବିକାଶର ପରିଚୟ ହୋଇସାରିଛି। ଆମ୍ବେଦକର ଜୟନ୍ତୀରେ ଗ୍ୟାସ୍‌ପୁରାରେ ତିନି ଦିବସୀୟ ଭୀମନଗରୀର ଆୟୋଜନ କରାଯିବ ଯେଉଁଥି ପାଇଁ ଚାଲିଛି ପ୍ରସ୍ତୁତି। ସେଠାରେ ଏକ ଭବ୍ୟ ମଞ୍ଚର ନିର୍ମାଣ କରାଯାଉଛି। ସଂସ୍କୃତିକ କାର୍ଯ୍ୟକ୍ରମ, ସାମୂହିକ ବିବାହ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନ କରିବାର କାର୍ଯ୍ୟକ୍ରମର ଆୟୋଜନ ଏଥିରେ ସାମିଲ ରହିବ। ସମ୍ବିଧାନର ନିର୍ମାତା ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀରେ ୧୫-୧୭ ଏପ୍ରିଲ୍ ପର୍ଯ୍ୟନ୍ତ ତିନି ଦିବସୀୟ ଭୀମନଗରୀର ଆୟୋଜନ କରାଯିବ। କୋଲ୍‌କାତାର ୮୦ ଜଣରୁ ଅଧିକ କାରିଗର ସମ୍ରାଟ ଅଶୋକଙ୍କ ମହଲ ପରି ଏକ ମହଲର ନିର୍ମାଣ କରୁଛନ୍ତି ଯାହାର ଉଚ୍ଚତା ହେବ ୧୨୫ ଫୁଟ୍ ଓ ଓସାର ହେବ ୩୦୦ ଫୁଟ୍। ସେଥିରେ ଲାଗିବ ୧୨୫ ଫୁଟ୍ ଉଚ୍ଚର ଏକ ପଞ୍ଚଶୀଳ ପତାକା। ମହଲରେ ଅଶୋକ ଚିହ୍ନର ବି ଖୋଦନ କରାଯିବ। ଭଗବାନ ବୁଦ୍ଧଦେବଙ୍କ ସନ୍ଦେଶଗୁଡ଼ିକୁ ପୂରା ଦୁନିଆରେ ପ୍ରଚାର ପ୍ରସାର କରିଥିଲେ ସମ୍ରାଟ ଅଶୋକ। ଭୀମନଗରୀ ଆୟୋଜନରେ ସଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ଭଗବାନ ବୁଦ୍ଧଦେବ ଓ ଡକ୍ଟର ଆମ୍ବେଦକରଙ୍କ ସନ୍ଦେଶ ଓ ସେମାନଙ୍କ ଜୀବନୀ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯିବ। ୧୬ ଏପ୍ରିଲ୍‌ରେ ୧୦୧ ଯୋଡ଼ିଙ୍କ ସାମୂହିକ ବିବାହ କରାଇବାର ଯୋଜନା ମଧ୍ୟ ରହିଛି ଯେଉଁଥି ପାଇଁ ପଞ୍ଜିକରଣ କରାଯାଉଛି।

# ସେଫ୍ଟି ପିନ୍‌ର ଆବିଷ୍କାର

**ସେଫ୍ଟି ପିନ୍‌ର ବ୍ୟବହାର ସମସ୍ତେ କରିଥିବେ। ମହିଳାମାନଙ୍କ ପାଇଁ ତ ଏହା ଏପରି ଏକ ଆବିଷ୍କାର ଯେଉଁଟି ସମାନଙ୍କର ବଡ଼ ବଡ଼ ସମସ୍ୟାର ସମାଧାନ କରିଥାଏ। ଏହା ପ୍ରାୟତଃ ପ୍ରତି ମହିଳାଙ୍କ ପର୍ସରେ ଥାଏ ଓ ଯେକୌଣସି କାମରେ ଆସିପାରେ। କପଡ଼ାରେ ଏହାକୁ ମାରିବା ବ୍ୟତୀତ ମୋବାଇଲ୍ ସିମ୍ ଖୋଲିବା କାମରେ, ବ୍ୟାଗ୍ ପ୍ୟାକ୍ କରିବା କାମରେ, ଏପରିକି ଦାନ୍ତରେ ଫସି ରହିଥିବା ଖାଦ୍ୟର ଅବଶିଷ୍ଟାଂଶକୁ ବାହାର କରିବାରେ ଏହା ସାହାଯ୍ୟ କରିଥାଏ। କିନ୍ତୁ ଜାଣିଛନ୍ତି କି ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ସେଫ୍ଟି ପିନ୍‌ର ଆବିଷ୍କାର କେବେ ଓ କେଉଁ ପରିସ୍ଥିତିରେ ହୋଇଥିଲା ?**

**ଇତିହାସ-** ୧୮୪୯ରେ ଆମେରିକାର ନିବାସୀ ୱାଲ୍ଟର ହଣ୍ଟ ସେଫ୍ଟି ପିନ୍‌ର ଆବିଷ୍କାର କରିଥିଲେ। ତାଙ୍କ ଉପରେ ବହୁତ କରଜ ବାକି ପଡ଼ିଥିଲା। କରଜ ଶୁଝିବା ପାଇଁ ସେ ନୂଆ ନୂଆ ଆବିଷ୍କାର କରୁଥିଲେ। ଏହି କ୍ରମରେ ସେ ସେଫ୍ଟି ପିନ୍‌ର ଆବିଷ୍କାର କରି ପରେ ଏହାକୁ ପେଟେଣ୍ଟ୍ କରିଥିଲେ। ପେଟେଣ୍ଟ



କରେଇବା ପରେ ସେ ସେଫ୍ଟି ପିନ୍‌କୁ ବିକ୍ରି କରିଥିଲେ ଓ ପାଇଥିଲେ ୪୦୦ ଡଲାର। ଯଦିଓ ସେଫ୍ଟି ପିନ୍‌କୁ ନେଇ ରହିଛି ଅନେକ କାହାଣୀ। ଅନ୍ୟ ଏକ ପ୍ରଚଳିତ କାହାଣୀ ଅନୁସାରେ ଥରେ ୱାଲ୍ଟର ହଣ୍ଟଙ୍କ ପତ୍ନୀ ବାହାରକୁ ଯିବା ବେଳେ ତାଙ୍କ ସାର୍ଟର ବଟନ୍ ଭାଙ୍ଗିଗଲା। ସେ ସମୟରେ ୱାଲ୍ଟର ଏକ ତାରର ବ୍ୟବହାର କରି ପିନ୍ ପରି ଏକ ଜିନିଷ ତିଆରି କରି ବଟନ୍ ସ୍ଥାନରେ ଲଗାଇଥିଲେ। ଏହାପରେ ୱାଲ୍ଟର ହଣ୍ଟଙ୍କ ମନରେ ପ୍ରଥମେ ସେଫ୍ଟି ପିନ୍ ତିଆରି କରିବାର ଖିଆଲ୍ ଆସିଥିଲା। ତେବେ ଯେତେବେଳେ ସେଫ୍ଟି ପିନ୍‌ର ଆବିଷ୍କାର ହୋଇଥିଲା ସେତେବେଳେ ଏହାକୁ ଡ୍ରେସ୍ ପିନ୍ ବୋଲି କୁହାଯାଉଥିଲା। କିନ୍ତୁ ଆଜି ଏହାର ଯେଉଁ ରୂପ ଆମେମାନେ ଦେଖୁଛନ୍ତି ପୂର୍ବରୁ ସେପରି ନଥିଲା। ୱାଲ୍ଟର ଏହାକୁ ଏପରି ତିଆରି କରିଥିଲେ ଯେପରି ଏହା କୌଣସି କପଡ଼ାରେ ସେଟ୍ ହୋଇଯିବ ଓ ଲୋକମାନଙ୍କୁ ପିନ୍ ଦ୍ୱାରା ଆଘାତ ଲାଗିବ ନାହିଁ। ସେଫ୍ଟି ପିନ୍ ଏକ ଛୋଟ ଜିନିଷ କିନ୍ତୁ ଘରେ ଏହା ଅଲରାଉଣ୍ଡର୍ ପରି କାମ କରେ।

# ବିଶ୍ୱ ହୋମିଓପ୍ୟାଥି ଦିବସ



ଅଧିକାଂଶ ଲୋକ ଚିକିତ୍ସା ପଦ୍ଧତି ଜରିଆରେ ରୋଗର ମୂଳୋତ୍ପାଟନ କରିବାକୁ ଚାହାନ୍ତି। ତେଣୁ ଏଥିପାଇଁ ସବୁଠାରୁ ଭଲ ଉପାୟ ହେଉଛି ହୋମିଓପ୍ୟାଥି ଚିକିତ୍ସା ପଦ୍ଧତି। ଏଥିରେ କୌଣସି ପ୍ରକାରର ପାର୍ଶ୍ୱ ପ୍ରତିକ୍ରିୟା ନଥାଏ ବା ଏହା କୌଣସି ପ୍ରକାରର କ୍ଷତି କରେ ନାହିଁ। ଆମ ଦେଶର ସବୁଠାରୁ ଲୋକପ୍ରିୟ ଚିକିତ୍ସା ପଦ୍ଧତି ମଧ୍ୟରୁ ହୋମିଓପ୍ୟାଥି ଅନ୍ୟତମ। ଏହା ଆୟୁଷ (ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନୀ, ସିଦ୍ଧ ଓ ହୋମିଓପ୍ୟାଥି) ସେବାଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ବିକାଶ-ସାମୁଏଲ୍ ହନେମନ୍ ଜଣେ ଜର୍ମାନ୍ ଚିକିତ୍ସକ, ବିଦ୍ୱାନ ଓ ଭାଷାବିତ୍ ଯିଏ ହୋମିଓପ୍ୟାଥିର ସିଦ୍ଧାନ୍ତଗୁଡ଼ିକୁ ବିକଶିତ କରିଥିଲେ। କୁହାଯାଏ ଯେ ସେ ହିଁ ହୋମିଓପ୍ୟାଥିର ଭବିଷ୍ୟତ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ତେଣୁ ତାଙ୍କୁ ହୋମିଓପ୍ୟାଥିର ଜନକ ବୋଲି କୁହାଯାଏ। ଆଜି ତାଙ୍କ ଜୟନ୍ତୀରେ ପୂରା ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରୁଛି। ହୋମିଓପ୍ୟାଥି ଚିକିତ୍ସାକୁ ଆଗକୁ ନେଇଯିବାରେ



ସେ ଯେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ତାହା ନୁହେଁ, ଭବିଷ୍ୟତର ଆହ୍ୱାନଗୁଡ଼ିକର ସମାଧାନ କରିବାରେ ମଧ୍ୟ ସେ ଅନେକ ଚେଷ୍ଟା କରିଥିଲେ। ଆଜି ବିଶ୍ୱର ୧୦୦ଟି ଦେଶରେ ହେମିଓପ୍ୟାଥି ଦ୍ୱାରା ରୋଗୀମାନଙ୍କର ଚିକିତ୍ସା କରାଯାଉଛି ଓ ଏହାକୁ ପ୍ରଭାବଶାଳୀ ଉପଚାର ଭାବରେ ଲୋକମାନେ ଗ୍ରହଣ ମଧ୍ୟ କରିଛନ୍ତି। ଏହି ପଦ୍ଧତି ବହୁତ ଅଧିକ ପୁରୁଣା ଯାହା ଉପରେ ଆଜିର ସମୟରେ ଅନେକ ଦେଶ ଅଧ୍ୟୟନ କରୁଛନ୍ତି। ଏହି ଉପଚାର ବିଭିନ୍ନ ରୂପରେ ଯେପରିକି ଚିନିଗୁଣ୍ଡ, ତରଳ ବୁନ୍ଦ, କ୍ରିମ୍, ଜେଲ୍ ଓ ଟାବ୍‌ଲେଟ୍‌ରେ ଆସେ। ଏହି ପଦ୍ଧତିରେ ରୋଗୀଙ୍କୁ କେବଳ ହୋଲିଷ୍ଟିକ୍ ଦୃଷ୍ଟିକୋଣ ମାଧ୍ୟମରେ ଚିକିତ୍ସା କରାଯାଏ ନାହିଁ, ରୋଗୀର ବ୍ୟକ୍ତିବାଦୀ ବିଶେଷତାଗୁଡ଼ିକୁ ମଧ୍ୟ ବୁଝିବାକୁ ପଡ଼େ।

# ଅଲ୍ଲୁଙ୍କ ଫାଷ୍ଟ ଲୁକ୍ ଜାରି: 'ରାକା'ର ଅର୍ଥ କ'ଣ !




ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ ଓ ଏଟ୍‌ଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଫିଲ୍ମକୁ ଶେଷରେ ଏକ ଶୀର୍ଷକ ମିଳିଛି। ଏହି ଶୀର୍ଷକର ନାମ ରଖାଯାଇଛି 'ରାକା'। ଏହା ସହିତ ଫିଲ୍ମର ଫାଷ୍ଟ ଲୁକ୍ ପୋଷ୍ଟର ଜାରି କରାଯାଇଛି। ଏହାପରେ ଅଲ୍ଲୁଙ୍କ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ନଜର ଆସୁଛନ୍ତି। ଏହା ସହିତ ଚର୍ଚ୍ଚା ହେଉଛି ଯେ 'ରାକା'ର ଅର୍ଥ କ'ଣ। ନିଜର ଦମ୍‌ଦାର ଓ ରହସ୍ୟମୟ ଲୁକ୍ ସହିତ ଏହି ଶୀର୍ଷକ ଏକ କାହାଣୀ ଆଡ଼କୁ ଇସାରା କରୁଛି ଯେଉଁଟି ସାଧାରଣ କାହାଣୀ ଠାରୁ ହେବାକୁ ଯାଉଛି ଅଧିକ ଭବ୍ୟ। ଏକ ହାଇ-କନ୍‌ସେପ୍ଟର ସାଇନ୍ସ-ଫିକ୍ସନ୍ ଥ୍ରୀଲର ଭାବରେ ଫିଲ୍ମଟିକୁ ପ୍ରସ୍ତୁତ କରାଯିବ ଯାହାର କାହାଣୀ ହେବାକୁ ଯାଉଛି ଖୁବ୍ ରୋମାଞ୍ଚକ। ଫିଲ୍ମର ଫାଷ୍ଟ ଲୁକ୍‌ରେ ଅଲ୍ଲୁ ଅର୍ଜୁନ ଏକ ନୂଆ ଅବତାରରେ ନଜର ଆସୁଛନ୍ତି (ଅଧା ମଣିଷ ଓ ଅଧା ଜୀବ)। ଏଥିପାଇଁ ଆଶା କରାଯାଉଛି ଯେ 'ରାକା'ରେ କିଛି ଅଲୌକିକ ବା ସୁପରନାଚୁରାଲ୍ ତତ୍ତ୍ୱ ବି ସାମିଲ ହେବ। ପୋଷ୍ଟର୍‌ରେ ଅଲ୍ଲୁ ଅର୍ଜୁନଙ୍କ ହାତ ସାମାନ୍ୟ ମଣିଷର ହାତ ପରି ନହୋଇ କେଶରେ ଘୋଡ଼େଇ ହୋଇଥିବା ତେଜ-ଧାରଥିବା ପଞ୍ଝା ପରି ଦେଖିବାକୁ ମିଳୁଛି।



ସଂସ୍କୃତ ଓ ତାମିଲ୍ ଭାଷାରୁ 'ରାକା' ଶବ୍ଦର ଉତ୍ପତ୍ତି ହୋଇଛି। ଏହାର ଅର୍ଥ ପୂର୍ଣ୍ଣିମାର ଚନ୍ଦ୍ର। ବିଶେଷ ଭାବରେ ପୂର୍ଣ୍ଣିମାର ସେହି ରାତି ଯେତେବେଳେ ଚନ୍ଦ୍ର ନିଜର ଅଧିକ ଚମକ ଓ ପୂର୍ଣ୍ଣ ଆକାରରେ ଥାଆନ୍ତି। ପୂର୍ଣ୍ଣିମା ଚନ୍ଦ୍ରର ଅର୍ଥ ପୂର୍ଣ୍ଣତା, ଚମକ ଓ ଚରମ ଶକ୍ତିର ପ୍ରତୀକ। ଏହି କାରଣରୁ ଅନେକ ଲୋକ ଏହି ଶୀର୍ଷକକୁ ଏପରି ପାତ୍ର ବା କାହାଣୀ ବୋଲି ଭାବୁଛନ୍ତି ଯାହା ଅସୀମ ଶକ୍ତି ଦ୍ୱାରା ପରିପୂର୍ଣ୍ଣ ହୋଇଥିବ। ସେହିପରି କିଛି ଲୋକ ଏହାକୁ ପୌରାଣିକ ଓ ଦୈବୀୟ ଶକ୍ତି ସହିତ ଯୋଡ଼ି ଦେଖୁଛନ୍ତି। ତେବେ ଫିଲ୍ମ 'ରାକା'ରେ କ'ଣ ସବୁ ଘଟୁଛି ତାହା ଦେଖିବାକୁ ଅପେକ୍ଷା କରିବାକୁ ପଡ଼ିବ। ଏହି ପ୍ୟାନ୍-ଇଣ୍ଡିଆ ଫିଲ୍ମର ବଜେଟ୍ ରହିଛି ୮୦୦ କୋଟି ଯେଉଁଥିରେ ଅଲ୍ଲୁଙ୍କ ସହିତ ମୁଖ୍ୟ ଭୂମିକାରେ ନଜର ଆସିବେ ଦୀପିକା ପାଦୁକୋନ୍। ଅଲ୍ଲୁ ଏଥିରେ ମୁଖ୍ୟ ନାୟକ ଓ ଖଳନାୟକ ଭୂମିକାରେ ନଜର ଆସିବେ।

# ମୋତି ରତ୍ନରୁ ଲାଭ

ଜ୍ୟୋତିଷ ଶାସ୍ତ୍ରରେ ମୋତି ରତ୍ନର ରହିଛି ବିଶେଷ ମହତ୍ତ୍ୱ। ଏହି ରତ୍ନ ଚନ୍ଦ୍ରଙ୍କ ସହିତ ଜଡ଼ିତ ହୋଇ ରହିଥାଏ। ଚନ୍ଦ୍ର ହେଉଛନ୍ତି ମନ, ଭାବନା ଓ ମାନସିକ ସ୍ଥିତିର କାରକ ଗ୍ରହ। ସେଥିପାଇଁ ମୋତି ରତ୍ନକୁ ଧାରଣ କଲେ ବ୍ୟକ୍ତିକୁ ମାନସିକ ଶାନ୍ତି ମିଳିଥାଏ ଓ ତା'ର ମନ ସ୍ଥିର ହୋଇ ରହେ। ଯେଉଁ ଲୋକମାନଙ୍କୁ ଅଧିକ କ୍ରୋଧ ଆସେ, ଯେଉଁମାନେ ଚାପଗ୍ରସ୍ତ ହୋଇ ରହନ୍ତି ବା ଯେଉଁମାନଙ୍କ ଜୀବନରେ କଳହ ଆଦି ସ୍ଥିତି ଅଧିକ ହେଉଥାଏ ସେମାନଙ୍କ ପାଇଁ ମୋତି ରତ୍ନ ବହୁତ ଲାଭକାରୀ ପ୍ରମାଣିତ ହୋଇଛି। ଏହା ବ୍ୟତୀତ ଥଣ୍ଡା ସହିତ ଜଡ଼ିତ ରୋଗଗୁଡ଼ିକରୁ ମଧ୍ୟ ଏହା ମୁକ୍ତି ଦିଏ। ତେବେ ମୋତି ରତ୍ନ



**ପିନ୍ଧିବା ପାଇଁ ରହିଛି କିଛି ନିୟମ-** କର୍କଟ ରାଶିର ଜାତକ ପାଇଁ ମୋତି ଧାରଣ କରିବା ବହୁତ ଶୁଭ ବୋଲି କୁହାଯାଏ କାରଣ ଏହି ରାଶିର ସ୍ୱାମୀ ହେଉଛନ୍ତି ଚନ୍ଦ୍ର। ଏହି ରାଶିର ଲୋକମାନେ ମୋତି ପିନ୍ଧିବା ଯୋଗୁ ମାନସିକ ଶାନ୍ତି ପାଆନ୍ତି, ଜୀବନରେ ସନ୍ତୁଳନତା ବଜାୟ ରହେ, ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ ହୁଏ ଓ ସେମାନଙ୍କୁ ସୁଖ-ଶାନ୍ତି ପ୍ରାପ୍ତ ହୁଏ। କିନ୍ତୁ ସବୁ ଲୋକଙ୍କ ପାଇଁ ମୋତି ରତ୍ନ ଉପଯୁକ୍ତ ନୁହେଁ ଯେଉଁମାନଙ୍କ ଜାତକରେ ମିଥୁନ, କୁମ୍ଭ, ମକର ବା ତୁଳା ଲଗ୍ନ ଥାଏ ସେମାନେ ମୋତି ପିନ୍ଧିବା ପାଇଁ ଚାହୁଁଥିଲେ କୌଣସି ବିଶେଷଜ୍ଞଙ୍କ ପରାମର୍ଶ ନିଶ୍ଚିତ ଭାବରେ ନେବା ଉଚିତ।

**କେଉଁମାନେ ପିନ୍ଧିବେ ନାହିଁ-** ଯେଉଁ ଲୋକଙ୍କ ଜାତକର କୁଣ୍ଡଳୀରେ ଚନ୍ଦ୍ର ଷଷ୍ଠ, ଅଷ୍ଟମ ବା ଦ୍ୱାଦଶ ଭାଗରେ ଥାଆନ୍ତି ବା ଚନ୍ଦ୍ର ଯଦି ନିମ୍ନ ରାଶିରେ ଥିବେ ସେମାନେ ମୋତି ରତ୍ନ ପିନ୍ଧିବା ଅନୁଚିତ। ଏହା ବ୍ୟତୀତ ବିଛା ରାଶିର ଜାତକମାନେ ମୋତି ଧାରଣ କଲେ ଶୁଭ ପରିଣାମ ପାଇବେ ନାହିଁ।

**ସଠିକ୍ ଉପାୟ-** ମୋତି ରତ୍ନକୁ ସବୁବେଳେ ସୋମବାର ଦିନ ଧାରଣ କରିବା ଉଚିତ। ଶୁକ୍ଳ ପକ୍ଷରେ ମୋତି ରତ୍ନ ପିନ୍ଧିବା ଅତ୍ୟଧିକ ଶୁଭ ବୋଲି କୁହାଯାଏ। ମୋତିକୁ ରୁପା ମୁଦିରେ ଲଗାଇ ପିନ୍ଧନ୍ତୁ। ଏହାକୁ ଡ଼ାହାଣ ହାତର ସବୁଠାରୁ ଛୋଟ ଆଙ୍ଗୁଳି (କନିଷ୍ଠ)ରେ ପିନ୍ଧାଯାଏ।

# ଟ୍ରେଣ୍ଡ୍‌ରେ ଟେକ୍ସଟାଇଲ୍ ଆର୍ଟ



ଆଜିର ସମୟରେ ହୋମ୍ ଡେକୋର କେବଳ କାନ୍ଥଗୁଡ଼ିକୁ ରଙ୍ଗିନ କରିବା ବା ପେଣ୍ଟ କରିବା ପର୍ଯ୍ୟନ୍ତ ଆଉ ସୀମିତ ହୋଇ ରହିନାହିଁ। ଲୋକମାନେ ଏବେ ନିଜ ଘରକୁ ୟୁନିକ୍ ଓ ପର୍ସନାଲ୍ ଟଚ୍ ଦେବା ପାଇଁ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି। ଏହି ପରିବର୍ତ୍ତନ ସହିତ ଟେକ୍ସଟାଇଲ୍ ୱାଲ୍ ଆର୍ଟ ଦ୍ରୁତଗତିରେ ଚଳନକୁ ଆସିଛି। ଫ୍ୟାବ୍ରିକ୍, ସୂତା କାମ, ଏମ୍ବ୍ରୋଇଡୋରି ଓ ବୁଣାକାମ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଏହି ଆର୍ଟ କାନ୍ଥଗୁଡ଼ିକୁ ସଫ୍ଟ, ରିଚ୍ ଓ ଏଲିଗାଣ୍ଟ ଲୁକ୍ ଦେଉଛି ଯାହା ସାଧାରଣ ପେଣ୍ଟିଂସ୍ ଠାରୁ ସମ୍ପୂର୍ଣ୍ଣ ଅଲଗା ନଜର ଆସୁଛି। ଟେକ୍ସଟାଇଲ୍ ଆର୍ଟ ଦେଖିବାକୁ ଯେତେ ସୁନ୍ଦର ସେତିକି ଏହା ଘରର ପରିବେଶକୁ ବଦଳେଇ ଦେଇଥାଏ। ଏହା ଘରର ସ୍ପେସ୍‌କୁ ଅଧିକ ସୁନ୍ଦର, ଆରାମଦାୟକ ଓ ରହିବାଯୋଗ୍ୟ କରିଥାଏ ଯେଉଁଥି ପାଇଁ ଘରକୁ ଆସୁଥିବା ଅତିଥିମାନେ ପ୍ରଶଂସା କରିବାକୁ ଭୁଲନ୍ତି ନାହିଁ। ଟେକ୍ସଟାଇଲ୍ ଆର୍ଟର ଲୋକପ୍ରିୟତା ପଛରେ ରହିଛି ବଡ଼ କାରଣ-ଏହାର ପରମ୍ପରା ଓ ଆଧୁନିକ ଷ୍ଟାଇଲ୍‌ର କମ୍ବିନେସନ୍। ଆମ ଦେଶରେ ଟେକ୍ସଟାଇଲ୍ ଓ ହ୍ୟାଣ୍ଡଲୁମ୍‌ର ସମୃଦ୍ଧ ପରମ୍ପରା ରହିଛି। ସେହିପରି ଏହି ଆର୍ଟକୁ କାନ୍ଥରେ ସଜେଇବାର ଅର୍ଥ ହେବ ନିଜ ସଂସ୍କୃତିକୁ ଘରକୁ ଆଣିବା। ଏଥିରେ ବ୍ୟବହୃତ ଅଲଗା ଅଲଗା ଫ୍ୟାବ୍ରିକ୍, ଟେକ୍ସ୍‌ଚର ଓ ଡିଜାଇନ୍ ନା କେବଳ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ କାନ୍ଥଗୁଡ଼ିକୁ ଲେୟର୍ଡ ଓ ୩ଡି ଇଫେକ୍ଟ ବି ଦେଇଥାଏ। ଏହା ବ୍ୟତୀତ ଏହି ଆର୍ଟ ଧ୍ୱନିକୁ ଅବଶୋଷଣ କରିବାରେ ମଧ୍ୟ ସାହାଯ୍ୟ କରେ ଯେଉଁ କାରଣରୁ ଘରର ପରିବେଶ ଶାନ୍ତ ଓ ଆନନ୍ଦମୟ ରହେ। ପ୍ରତି ଡିଜାଇନ୍‌ର ଲୁକ୍ ଅଲଗା ଅଲଗା ରହୁଥିବାରୁ ଏହା ଆପଣଙ୍କ ଘରକୁ ୟୁନିକ୍ ଲୁକ୍ ଦେବ। ଏହି ଆର୍ଟକୁ ଏବେ ଇଣ୍ଟେରିୟର ଡିଜାଇନର୍‌ମାନେ ମଧ୍ୟ ପ୍ରମୋଟ୍ କରୁଛନ୍ତି।



## ଆଜିର ମ୍ୟାଚ୍

ରାଜସ୍ଥାନ ରୟାଲ୍ସ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଗୁଆହାଟୀ

### ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ସ୍ଲୋ-ଓଭର୍ ରେଟ୍

# ଶୁଭମନ୍ ଗିଲ୍‌ଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା

**ନୂଆଦିଲ୍ଲୀ,୯।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ରେ ସ୍ଲୋ ଓଭର୍-ରେଟ୍ କାରଣରୁ ଗୁଜରାଟ ଟାଇଟନ୍ସ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍‌ଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ବୁଧବାର ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପରେ ନିଆଯାଇଛି। ଆଇପିଏଲ୍ ପକ୍ଷରୁ ଜାରି ମିଡିଆ ଆଡ୍‌ଭାଇଜରୀ ଅନୁସାରେ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ଅବସରରେ ନିର୍ଦ୍ଧାରିତ ସମୟରେ ନିଜ ଓଭର୍ ପୂରା କରିନଥିଲା। ଏହା ଚଳିତ ସିଜନ୍‌ରେ ଟିମ୍‌ର ପ୍ରଥମ ଭୁଲ ହୋଇଥିବାରୁ ଆଇପିଏଲ୍ କୋଡ୍ ଅଫ୍ କଣ୍ଡକ୍ଟର ଆର୍ଟିକଲ୍ ୨.୨୨ ଅଧୀନରେ ଗିଲ୍‌ଙ୍କୁ ୧୨ ଲକ୍ଷ ଟଙ୍କା ଜୋରିମାନା ହୋଇଛି। ଏହି ମ୍ୟାଚ୍‌ରେ



ଗୁଜରାଟ ଟାଇଟନ୍ସ ରୋମାଞ୍ଚକର ବିଜୟ ହାସଲ କରି ଦିଲ୍ଲୀ କ୍ୟାପିଟାଲ୍ସକୁ ୧ ରନ୍‌ରେ ହରାଇଥିଲା। ପ୍ରଥମେ ଗୁଜରାଟ ୨୧୦ ରନ୍ କରିଥିବା ବେଳେ ଜବାବରେ ଦିଲ୍ଲୀ ଟିମ୍ ୨୦୯/୮ କରିପାରିଥିଲା। ଏହା ସିଜନ୍‌ରେ ଗୁଜରାଟ ଟାଇଟନ୍ସର ପ୍ରଥମ ବିଜୟ ଥିଲା।

### ମ୍ୟାଚ୍ ପଲଟାଇଲେ ମୁକୁଲ୍ ଚୌଧୁରୀ

# ଶେଷ ବଲ୍‌ରେ କୋଲ୍‌କାତାକୁ ହରାଇଲା ଲକ୍ଷ୍ନୌ

**କୋଲ୍‌କାତା,୯।୪/ଏଜେନ୍ସି:** ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ଗୁରୁବାର କୋଲ୍‌କାତା ନାଇଟ୍ ରାଇଡର୍ସକୁ ତିନି ୱିକେଟ୍‌ରେ ହରାଇ ଚଳିତ ଆଇପିଏଲ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ଇଡେନ୍ ଗାର୍ଡେନ୍ସରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ କୋଲ୍‌କାତା ୪ ୱିକେଟ୍ ହରାଇ ୧୮୧ ରନ୍ କରିଥିଲା। ୧୮୨ ରନ୍‌ର ଲକ୍ଷ୍ୟକୁ ଲକ୍ଷ୍ନୌ ଶେଷ ବଲ୍‌ରେ ହାସଲ କରିନେଇଛି। ଲକ୍ଷ୍ନୌ ବିଜୟରେ ମୁକୁଲ ଚୌଧୁରୀ ହିରୋ ସାଜିଥିଲେ। ସେ ୨୭ ବଲ୍‌ରେ ସାତ ଛକା ଓ ଦୁଇ ଚୌକା ବଳରେ ଅପରାଜିତ ୫୨ ରନ୍ କରି ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲେ। ଅନ୍ତିମ ଓଭର୍‌ରେ ଟିମ୍‌କୁ ୧୪ ରନ୍ ଆବଶ୍ୟକ ଥିବାବେଳେ ବୈଭବ ଆରୋରାଙ୍କ ପ୍ରଥମ ବଲ୍‌ରେ ଆଭେସ୍ ଖାନ୍ ସିଙ୍ଗଲ୍ ରନ୍ ନେଇଥିଲେ। ଏହାପରେ ମୁକୁଲ ଦ୍ୱିତୀୟ ଓ ପଞ୍ଚମ ବଲ୍‌ରେ ଛକା ମାରିଥିଲେ। ଶେଷ ବଲ୍‌ରେ ସିଙ୍ଗଲ୍ ନେଇ ଲକ୍ଷ୍ନୌକୁ ଲଗାତାର ଦ୍ୱିତୀୟ ବିଜୟ ଦେଇଥିଲେ।

ଲକ୍ଷ୍ୟର ପିଛା କରୁଥିବା ଲକ୍ଷ୍ନୌ ପକ୍ଷରୁ ଏଡେନ୍ ମାର୍କରମ୍ (୨୨ ରନ୍) ଏବଂ ମିଚେଲ୍ ମାର୍ଶ (୧୫ ରନ୍) ପ୍ରଥମ ୱିକେଟ୍ ପାଇଁ ୪୧ ରନ୍ ଯୋଡ଼ିଥିଲେ। ଇମ୍ପାକ୍ଟ ସବ୍ ବୈଭବ ଆରୋରା ଦୁହିଁଙ୍କୁ ଗୋଟିଏ ଓଭର୍‌ରେ ଆଉଟ୍ କରିଥିଲେ। କ୍ୟାପ୍ଟେନ୍ ରଷଭ ପନ୍ତ ୧୦ ରନ୍‌ରେ ଗ୍ରୀନ୍‌ଙ୍କ ଶିକାର ହୋଇଥିଲେ। ପୁରନ୍ ମଧ୍ୟ ୧୩ ରନ୍‌ରେ କାର୍ତ୍ତିକ ତ୍ୟାଗୀଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଅବ୍‌ଦୁଲ୍ ସମଦ ୨ ରନ୍‌ରେ ଆଉଟ୍ ହୋଇଥିବା ବେଳେ ଇମ୍ପାକ୍ଟ ସବ୍ ଆୟୁଷ ବଡ଼ୋନୀ ୩୭ ବଲ୍‌ରେ ସାତ ଚୌକା ଓ ଦୁଇ ଛକା ସହାୟତାରେ ୫୪ ରନ୍ କରି ଫେରିଥିଲେ। ମହମ୍ମଦ ଶାମୀ ବଡ଼ ଶଟ୍ ଖେଳିବାକୁ ଯାଇ କ୍ୟାଚ୍ ଆଉଟ୍ ହୋଇଥିଲେ। ଶାମୀଙ୍କ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୧୨୮/୭ ହୋଇଥିଲା। ଏହାପରେ ମୁକୁଲ ଚୌଧୁରୀ ଏକୁଟିଆ ଟିମ୍‌କୁ ବିଜୟୀ କରାଇଥିଲେ। କୋଲ୍‌କାତା ପକ୍ଷରୁ ବୈଭବ ଆରୋରା ଓ ଅନୁକୂଳ ରାୟ ୨-୨ ୱିକେଟ୍ ନେଇଥିଲେ।



ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କୋଲ୍‌କାତା ଦ୍ୱିତୀୟ ଓଭର୍‌ରେ ଓପ୍ନର୍ ଫିନ୍ ଏଲନ୍ (୯ରନ୍)ଙ୍କ ୱିକେଟ୍ ହରାଇଥିଲା। ପ୍ରିନ୍ସ ଯାଦବଙ୍କ ବଲ୍‌ରେ ଦିଗ୍‌ବେଶ ରାଠୀ ତାଙ୍କ କ୍ୟାଚ୍ ଧରିଥିଲେ। ଏହାପରେ କ୍ୟାପ୍ଟେନ୍ ଆଜିଙ୍କ୍ୟ ରାହାଣେ ଓ ଅଙ୍ଗକୃଷ ରଘୁବଂଶୀ ଦ୍ୱିତୀୟ ୱିକେଟ୍ ପାଇଁ ୮୪ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ସମ୍ଭାଳିଥିଲେ। ରାହାଣେଙ୍କୁ ଆଉଟ୍ କରି ଦିଗ୍‌ବେଶ ରାଠୀ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ରାହାଣେ ୨୪ ବଲ୍‌ରେ ୪ ଚୌକା ଓ ଦୁଇ ଛକା ସହାୟତାରେ ୪୧ ରନ୍ କରିଥିଲେ। ଏହାପରେ ଅଙ୍ଗକୃଷ୍ଣଙ୍କୁ ସ୍ପିନର୍ ମଣିମାରନ୍ ସିଦ୍ଧାର୍ଥ ଆଉଟ୍ କରିଥିଲେ। ଅଙ୍ଗକୃଷ ୫ ଚୌକା ଓ ଦୁଇ ଛକା ସହାୟତାରେ ୩୩ ବଲ୍‌ରୁ ୪୫ ରନ୍‌ର ଯୋଗଦାନ ଦେଇଥିଲେ। ରିଙ୍କୁ ସିଂହ ମାତ୍ର ୪ ରନ୍ କରି ଆଭେସ୍ ଖାନ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଏହିଠାରୁ କାମେରନ୍ ଗ୍ରୀନ୍ ଓ ପୋଭ୍‌ମ୍ୟାନ୍ ପାୱେଲ୍ ୪୦ ବଲ୍‌ରେ ଅପରାଜିତ ୭୦ ରନ୍‌ର ପାର୍ଟନରଶିପ୍ କରି କୋଲ୍‌କାତା ନାଇଟ୍ ରାଇଡର୍ସକୁ ଏକ ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ଗ୍ରୀନ୍ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୨୪ ବଲ୍‌ରେ ୩୨ ରନ୍ ଏବଂ ପାୱେଲ୍ ୨୪ ବଲ୍‌ରେ ଚାରି ଚୌକା ଓ ଦୁଇ ଛକା ବଳରେ ୩୯ ରନ୍ କରି ଅପରାଜିତ ରହିଥିଲେ।

### ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍

# କ୍ୱାର୍ଟର୍‌ରେ ଆୟୁଷ; ସିନ୍ଧୁ-ପ୍ରଣୟ ବିଦା



**ନୂଆଦିଲ୍ଲୀ,୯।୪/ଏଜେନ୍ସି:** ଯୁବ ଭାରତୀୟ ଶଟ୍‌ଲର୍ ଆୟୁଷ ସେଟ୍ଟୀ ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍‌ର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ତେବେ ପିଭି ସିନ୍ଧୁ ଏବଂ ଏସ୍‌ଏଚ୍ ପ୍ରଣୟ ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୫ ନମ୍ବର ଖେଳାଳି ଆୟୁଷ ୨୦ ନମ୍ବର ଖେଳାଳି ଚୀନା ତାଇପେଇର ଚି ୟୁ ଜେନ୍‌ଙ୍କୁ ୨୧-୧୬, ୨୧-୧୨ରେ ମାତ୍ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ତୃତୀୟ ସିଡ୍ ଇଣ୍ଡୋନେସିଆର ଜୋନାଥନ୍ କ୍ରିଷ୍ଟିଙ୍କୁ ଭେଟିବେ। ଏହା ପୂର୍ବରୁ ଆୟୁଷ ବିଶ୍ୱ ନମ୍ବର-୭ ଚୀନ୍‌ର ଲି ଶୀ ଫେଙ୍ଗ୍‌ଙ୍କୁ ୨୧-୧୩, ୨୧-୧୬ ସିଧା ଗେମ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି ସହ ଚମତ୍କାର ଆରମ୍ଭ କରିଥିଲେ।

ମହିଳା ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ସିନ୍ଧୁଙ୍କୁ ଦ୍ୱିତୀୟ ସିଡ୍ ଚୀନ୍‌ର ୱାଙ୍ଗ୍ ଝିୟି ୪୬ ମିନିଟ୍‌ର ମ୍ୟାଚ୍‌ରେ ୨୧-୧୮, ୨୧-୮ରେ ହରାଇଛନ୍ତି। ସେହିପରି କାନ୍ଧ ଆଘାତରୁ ସୁସ୍ଥହୋଇ ପ୍ରତ୍ୟାବର୍ତ୍ତନ କରିଥିବା ପ୍ରଣୟଙ୍କୁ ଚୀନ୍‌ର ୱେଙ୍ଗ୍ ହୋଙ୍ଗ୍ ୟାଙ୍ଗ୍ ୨୧-୧୨, ୨୧-୧୯ରେ ହରାଇ ଦେଇଛନ୍ତି। ମିକ୍ସଡ୍ ଡବଲ୍ସରେ ଧ୍ରୁବ କପିଳା ଓ ନତୀଷା କ୍ରାଷ୍ଟୋ ଚତୁର୍ଥ ସିଡ୍ ମାଲେସିଆର ଚେନ୍ ତାଙ୍ଗ୍ ଜି ଏବଂ ତୋ ଇ ୱେଇ ୨୧-୧୩, ୨୧-୧୪ରେ ହରାଇ ବିଦା କରିଛନ୍ତି।

# ବଢ଼ିଲା ବାଂଲାଦେଶ ଖେଳାଳିଙ୍କ ମ୍ୟାଚ୍ ଫି' ଓ ସାଲାରୀ

**ଢାକା,୯।୪/ଏଜେନ୍ସି:** ବାଂଲାଦେଶ କ୍ରିକେଟ୍‌ରେ ଦୀର୍ଘ ସମୟ ଧରି ଜାରି ରହିଥିବା ବେତନ ପ୍ରସଙ୍ଗକୁ ନେଇ ଏବେ ବଡ଼ ନିର୍ଣ୍ଣୟ ନିଆଯାଇଛି। ତମିମ୍ ଇକ୍‌ବାଲ୍‌ଙ୍କ ନେତୃତ୍ୱ ଥିବା ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ଆଡ୍-ହକ୍ କମିଟି ଘରୋଇ କ୍ରିକେଟର୍‌ଙ୍କ ସାଲାରୀ ଓ ମ୍ୟାଚ୍ ଫି' ବୃଦ୍ଧିକୁ ମଞ୍ଜୁରୀ ଦେଇଛି। ଏହି ମଞ୍ଜୁରୀ ପରେ ମହିଳା କ୍ରିକେଟର୍‌ଙ୍କ ମ୍ୟାଚ୍ ଫି'ରେ ବଡ଼ ପରିବର୍ତ୍ତନ କରାଯାଇଛି। ଏବେ ସେମାନଙ୍କୁ ଦିନିକିଆ ମ୍ୟାଚ୍ ପାଇଁ ୧୫ ହଜାର ବାଂଲାଦେଶୀ ଟଙ୍କା, ପ୍ରଥମଶ୍ରେଣୀ ମ୍ୟାଚ୍ ପାଇଁ ୨୦ ହଜାର ଟଙ୍କା ଏବଂ ଟି-୨୦ ମ୍ୟାଚ୍ ପାଇଁ ୧୦ ହଜାର ଟଙ୍କା ମିଳିବ। ଏହା ବ୍ୟତୀତ ଶୀର୍ଷ ୩୬ ମହିଳା ଘରୋଇ ଖେଳାଳିଙ୍କ ମାସିକ ସାଲାରୀ ୩୦ ହଜାରରୁ ବୃଦ୍ଧି କରି ୪୦ ହଜାର ଟଙ୍କା କରାଯାଇଛି। ପୂର୍ବରୁ ଜଣେ ମହିଳା କ୍ରିକେଟର୍‌ଙ୍କୁ ଦିନିକିଆ ମ୍ୟାଚ୍



ପାଇଁ ୧୦୦୦ ବାଂଲାଦେଶୀ ଟଙ୍କା (ପ୍ରାୟ ୮ ଡଲାର/୭୫୦ ଭାରତୀୟ ଟଙ୍କା) ମିଳୁଥିଲା।

କେବଳ ମହିଳା ନୁହେଁ, ପୁରୁଷ ଘରୋଇ କ୍ରିକେଟର୍‌ଙ୍କୁ ମଧ୍ୟ ଆଶ୍ୱସ୍ତି ମିଳିଛି। କାଟାଗରୀ-ଏ ଖେଳାଳିଙ୍କ ସାଲାରୀ ୬୫ ହଜାର ଟଙ୍କା କରାଯାଇଥିବା ବେଳେ କାଟାଗରୀ-ବି' ଏବଂ ସି' ଖେଳାଳିଙ୍କୁ ଯଥାକ୍ରମେ ୫୦ ହଜାର ଓ ୪୦ ହଜାର ଟଙ୍କା ମିଳିବ। ପ୍ରଥମ ଶ୍ରେଣୀ ମ୍ୟାଚ୍ ଫି' ମଧ୍ୟ ୭୦ ହଜାରରୁ ୧ ଲକ୍ଷ ଟଙ୍କା କରାଯାଇଛି।

### ଟି-୨୦ ଅନ୍ତର୍ଜାତୀୟରେ ଇତିହାସ ରଚିଲେ ବ୍ରାଜିଲ୍ କ୍ରିକେଟର୍ ଲାରା କାର୍ଡୋସା

# ଇନିଂସ୍‌ରେ ୯ ୱିକେଟ୍ ନେବାରେ ପ୍ରଥମ ଖେଳାଳି

**ଗାବୋରୋନ୍,୯।୪/ଏଜେନ୍ସି:** ବ୍ରାଜିଲ୍‌ର ଲାରା କାର୍ଡୋସା ଟି-୨୦ କ୍ରିକେଟ୍‌ର ରେକର୍ଡ ବୁକ୍‌ରେ ନିଜ ନାମ ରେକର୍ଡ କରିବା ସହିତ ଏକ ଐତିହାସିକ ବୋଲିଂ ପ୍ରଦର୍ଶନ କରିଛନ୍ତି। ବିସିଏ କାଲହାରୀ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ୨୦୨୬ରେ ବ୍ରାଜିଲ୍ କ୍ୟାପ୍ଟେନ୍ ଏହି ଫର୍ମାଟ୍‌ରେ ବର୍ତ୍ତମାନ ସୁଦ୍ଧା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଲାସୋଥୋ ବିପକ୍ଷରେ ମାତ୍ର ତିନି ଓଭର୍‌ରେ ୪ ରନ୍ ଦେଇ ୯ଟି ୱିକେଟ୍ ଅକ୍ତିଆର କରିଛନ୍ତି। ଏହା ସହିତ ସେ ପୁରୁଷ ଓ ମହିଳା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଗୋଟିଏ ଇନିଂସ୍‌ରେ ୯ ୱିକେଟ୍ ନେବାରେ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ପୁରୁଷ ଟି-୨୦ ଅନ୍ତର୍ଜାତୀୟରେ ଗତ ରେକର୍ଡ ସୋନମ୍ ୟେଶେଙ୍କ ନାମରେ ଥିଲା। ସେ ୨୦୨୫ରେ ମିଆଁମାର ବିପକ୍ଷରେ ୮/୭ର ପ୍ରଦର୍ଶନ କରିଥିଲେ। ସେହିପରି ମହିଳା



କ୍ରିକେଟ୍‌ରେ ରୋହମାଲିୟା ରୋହମାଲିୟା ୨୦୨୪ରେ ମଙ୍ଗୋଲିଆ ବିପକ୍ଷରେ ୭/୦ର ରେକର୍ଡ କରିଥିଲେ। କାର୍ଡୋସ ନିଜର ଚମତ୍କାର ସ୍ପେଲ୍‌ରେ ଏହି ଦୁଇ ରେକର୍ଡ ଭଙ୍ଗ କରିଛନ୍ତି। ତାଙ୍କର ଏହି ପ୍ରଦର୍ଶନକୁ ଏହି ଫର୍ମାଟ୍‌ର ଇତିହାସରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଭାବେ ସ୍ମରଣ କରାଯିବ।

କାର୍ଡୋସ୍ ନିଜ ପ୍ରଥମ ଓଭର୍‌ରେ ହ୍ୟାଟ୍ରିକ୍ ଅର୍ଜନ କରି ବ୍ରାଜିଲ୍ ବିଜୟର ମୂଳଦୁଆ ସ୍ଥାପନ କରିଥିଲେ। ଏହାପରେ ନିଜ ପରବର୍ତ୍ତୀ ଓଭର୍‌ରେ ଆଉ ୪ ୱିକେଟ୍‌ରେ ମୋଟ ୭ ୱିକେଟ୍ ପୂରା କରିଥିଲେ। ପୁଣି ତୃତୀୟ ଓଭର୍‌ରେ ଦୁଇଟି ୱିକେଟ୍ ଅକ୍ତିଆର କରି ମୋଟ ୯ ୱିକେଟ୍ ନେବାର ଅଭୂତପୂର୍ବ କୀର୍ତ୍ତିମାନ ସ୍ଥାପନ କରିଥିଲେ। ଲେସୋଥୋର ପୂରା ଟିମ୍ ୬.୨ ଓଭର୍‌ରେ ମାତ୍ର ୧୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। କାର୍ଡୋସ୍‌ଙ୍କ ବ୍ୟତୀତ ମାରିଏନ୍ ଆର୍ଥର୍ ବାକି ୱିକେଟ୍‌ଟି ନେଇଥିଲେ। ଫଳରେ ବ୍ରାଜିଲ୍ ଏହି ମ୍ୟାଚ୍‌ରେ ୧୮୯ ରନ୍‌ର ବିଶାଳ ବିଜୟ ହାସଲ କରିଥିଲା। ଏହା ପୂର୍ବରୁ ବ୍ରାଜିଲ୍ ୨୦୨ ରନ୍‌ର ବିଶାଳ ସ୍କୋର୍ ଛିଡ଼ା କରିଥିଲା।

### ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍

# ଗ୍ରୀନ୍ସକୁ ହରାଇ ଫାଇନାଲ୍‌ରେ ରେଡ୍ ଷ୍ଟାର୍

**ଭୁବନେଶ୍ୱର,୯।୪/ଏଜେନ୍ସି:** ଗ୍ରୀନ୍ସ କ୍ରିକେଟ୍ ଏକାଡେମୀକୁ ୧୦୩ ରନ୍‌ରେ ହରାଇ ରେଡ୍ ଷ୍ଟାର୍ କ୍ଲବ୍ ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ଟିମ୍ ରବିବାରର ଫାଇନାଲ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ଭେଟିବ। ଗ୍ରୀନ୍ସ ଓ ରେଡ୍ ଷ୍ଟାର୍ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମଙ୍ଗଳବାର ବର୍ଷା କାରଣରୁ ବନ୍ଦ ରହିବା ପରେ ଆଜି ଖେଳାଯାଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରେଡ୍ ଷ୍ଟାର୍ ନିର୍ଦ୍ଧାରିତ ୩୦ ଓଭର୍‌ରେ ୮ ୱିକେଟ୍ ହରାଇ ୨୧୪ ରନ୍ କରିଥିଲା। ପ୍ରାନ୍ତିକ ନାୟକ ୫୧ ବଲ୍‌ରୁ ସର୍ବାଧିକ ୫୭ ରନ୍, ମିଧାଂଶୁ ଦାସ ୪୬




ରନ୍ କରିଥିଲେ। ପ୍ରତିପକ୍ଷର ଅଭିଷେକ ସେନାପତି ତିନିଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ୨୭.୩ ଓଭର୍‌ରେ ମାତ୍ର ୧୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁଭଙ୍କ ମଲ୍ଲିକ୍ ସର୍ବାଧିକ ୨୪ ରନ୍ କରିଥିବା ବେଳେ ମିଧାଂଶୁ ଦାସ ଓ ମୃତ୍ୟୁଞ୍ଜୟ ଦାସ ୩-୩ ୱିକେଟ୍ ନେଇଥିଲେ। ମିଧାଂଶୁ ଦାସଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌ରେ ଅତିଥି ଭାବେ ରଣଜୀ ଖେଳାଳି ଶୁଭ୍ରାଂଶୁ ସେନାପତି ଓ ଦେବବ୍ରତ ପ୍ରଧାନ ଏବଂ ସ୍ୱର୍ଗତ ରାମକୃଷ୍ଣ ମହାପାତ୍ରଙ୍କ ଜ୍ୱାଇଁ ତପନ କୁମାର ପାଢ଼ୀ ଯୋଗ ଦେଇଥିଲେ। ଆୟୋଜକ ସଂଘର ସହସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା, ସୂର୍ଯ୍ୟ ତ୍ରିପାଠୀ ଓ ବିନୋଦ ବାରିକ ଉପସ୍ଥିତ ଥିଲେ।

### ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍

# ୧୦ ପଦକ ସହ ଶୀର୍ଷରେ ଭାରତୀୟ ମହିଳା ଟିମ୍

**ନୂଆଦିଲ୍ଲୀ,୯।୪/ଏଜେନ୍ସି:** ମଙ୍ଗୋଲିଆ ରାଜଧାନୀ ଉଲାନ୍‌ବାଟର୍‌ରେ ଜାରି ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍ ୨୦୨୬ରେ ଭାରତୀୟ ମହିଳା ଟିମ୍ ଶୀର୍ଷରେ ଅଭିଯାନ ଶେଷ କରିଛି। ଟିମ୍ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଏବଂ ୪ ବ୍ରୋଞ୍ଜ ସମେତ ମୋଟ ୧୦ ପଦକ ଜିତିଛି। କୋଚ୍ ସାଣ୍ଟିଆଗୋ ନିଭାଙ୍କ ଦିଗ୍‌ଦର୍ଶନରେ ମୀନାକ୍ଷୀ (୪୮ କିଗ୍ରା), ପ୍ରୀତି (୫୪ କିଗ୍ରା), ପ୍ରିୟା (୬୦ କିଗ୍ରା) ଏବଂ ଅରୁନ୍ଧତି (୭୦ କିଗ୍ରା) ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ମୀନାକ୍ଷୀ ମଙ୍ଗୋଲିଆର ନୋମଦାରୀ ଏନ୍‌ଖ-ଅମଗାଲନ୍‌ଙ୍କୁ ୫-୦ରେ ହରାଇ ଭାରତକୁ ପ୍ରଥମ ସ୍ୱର୍ଣ୍ଣ ପଦକ ଦେଇଥିଲେ। ଏହାପରେ ପ୍ରୀତି ଚୀନା ତାଇପେଇର ତିନି ଥରର ବିଶ୍ୱ ଚାମ୍ପିଅନ୍ ହୁଆଙ୍ଗ୍ ଶିୟାଓ-ବେନ୍‌ଙ୍କୁ



୫-୦ରେ ହରାଇଥିଲେ। ପ୍ରୀତି ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ ବିଜେତା ହୁଆଙ୍ଗ୍‌କ ବିପକ୍ଷରେ ଦବ୍‌ଦବା ବଜାୟ ରଖି ବିଜୟୀ ହୋଇଥିଲେ। ସେହିପରି ପ୍ରିୟା ଘନଘାସ୍ ନର୍ଥ କୋରିଆର ୱୋନ୍ ଉନ୍-ଗ୍ୟୋଙ୍ଗ୍‌କୁ ୩-୦ରେ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଅରୁନ୍ଧତି ଚୌଧୁରୀ କଜାକସ୍ତାନର ବାକିତ ସେଇଦୀଶଙ୍କୁ ୪-୧ରେ ହରାଇ ଭାରତ ପାଇଁ ଚତୁର୍ଥ ସ୍ୱର୍ଣ୍ଣ ଜିତିଥିଲେ। ତେବେ ୫୭ କିଗ୍ରା ଫାଇନାଲ୍‌ରେ ଭାରତର ଜାସ୍‌ମିନ୍ ଲାମ୍ବୋରିଆଙ୍କୁ ଥାଇଲାଣ୍ଡର ପୁରାଭୀ ବୁଏନ୍‌ରୋସ୍ ୫-୦ରେ ହରାଇଥିବା ବେଳେ ଅଲ୍‌ଫିୟା ପଠାନ୍ (୮୦+ କିଗ୍ରା) ଫାଇନାଲ୍‌ରେ କଜାକସ୍ତାନର ଦୀନା ଇସ୍ଲାମବୋକୋଭାଙ୍କ ଠାରୁ ୦-୫ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହା ପୂର୍ବରୁ ନିକହତ୍ ଜରୀନ୍ (୫୪ କିଗ୍ରା), ଅଂକୁଶିତା ବୋରୋ (୬୫ କିଗ୍ରା), ଲଭଲିନା ବୋରଗୋହେନ୍ (୭୫ କିଗ୍ରା) ଓ ପୂଜା ରାଣୀ (୮୦ କିଗ୍ରା) ସେମିଫାଇନାଲ୍‌ରେ ହାରି ବ୍ରୋଞ୍ଜ ପଦକ ଜିତିଥିଲେ। ପୁରୁଷ ବର୍ଗରେ ବିଶ୍ୱନାଥ ସୁରେଶ (୪୮ କିଗ୍ରା) ଓ ସଚିନ୍ ସିୱାଚ୍ (୬୦ କିଗ୍ରା) ଶୁକ୍ରବାର ନିଜ ନିଜର ବର୍ଗର ଫାଇନାଲ୍ ମ୍ୟାଚ୍ ଖେଳିବେ।

## ଦେଶ ବିଦେଶ

### ସିକ୍କିମ୍‌ରେ ଭୂସ୍ଖଳନ

# ଲାଚେନ୍‌ରେ ଫସିଥିବା ୧୬୦୦ ପର୍ଯ୍ୟଟକଙ୍କୁ ଉଦ୍ଧାର କଲା ସେନା

**ଗାଙ୍ଗଟକ୍, ୯।୪/ଏଜେନ୍ସି:** ଉତ୍ତର ସିକ୍କିମ୍‌ର ଲାଚେନରେ ଏପ୍ରିଲ ୭ ତାରିଖରୁ ପ୍ରବଳ ବର୍ଷା ଲାଗି ରହିଥିବାରୁ ଭୂସ୍ଖଳନ ଭଳି ଅଘଟଣ ଦେଖିବାକୁ ମିଳୁଛି। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁ ରାସ୍ତାଗୁଡ଼ିକର ସ୍ଥିତି ଶୋଚନୀୟ ହୋଇଯାଇଛି। ଉତ୍ତର ସିକ୍କିମର ଲାଚେନରୁ ଜିଲ୍ଲା ମୁଖ୍ୟାଳୟ ମଙ୍ଗନ୍‌କୁ ଯୋଗାଯୋଗ କରୁଥିବା ଏକ ରାସ୍ତା ଭୂସ୍ଖଳନ ଯୋଗୁ



ସମ୍ପୂର୍ଣ୍ଣ ଖରାପ ହୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଫଳରେ ଏହି ଅଞ୍ଚଳରେ ପ୍ରାୟ ୧୬୦୦ ପର୍ଯ୍ୟଟକ ଫସି ରହିଥିଲେ। ତେବେ ବୁଧବାର ସେନା ଦ୍ୱାରା ଉକ୍ତ ସ୍ଥାନରୁ ଉଦ୍ଧାର ଅପରେସନ୍ ଆରମ୍ଭ ହୋଇଥିବା ବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପର୍ଯ୍ୟଟକଙ୍କୁ ଉଦ୍ଧାର କରିନିଆଯାଇଛି। ବିଶେଷକରି ବରଫପାତ ଯୋଗୁ ମଧ୍ୟ ସ୍ଥିତି ଅଧିକ ବିଗିଡ଼ି ଯାଇଛି। ଭାରତୀୟ ସେନାର ଇଷ୍ଟର୍ଣ୍ଣ କମାଣ୍ଡ ଅଧୀନରେ ତ୍ରିଶକ୍ତି କର୍ପ୍ସ ଯୋଗାଯୋଗ ପୁନଃସ୍ଥାପିତ କରିବାପାଇଁ ଏବଂ ଫସିଥିବା ପର୍ଯ୍ୟଟକଙ୍କୁ ସହଯୋଗ କରିବାପାଇଁ ଅପରେସନ୍ ଚଳାଇଛି। ଖରାପ ପାଗ ଏବଂ ପ୍ରବଳ ବରଫପାତ ସତ୍ତ୍ୱେ ଉଦ୍ଧାରକାରୀ ଦଳ ଉଦ୍ଧାର ଅପରେସନ୍ ଜାରି ରଖିଛନ୍ତି। ଲାଚେନ ସିକ୍କିମର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ। ୨୦୨୩ ଅକ୍ଟୋବର ବନ୍ୟାର ପ୍ରାୟ ୨ ବର୍ଷ ପରେ ଲାଚେନ୍ ପୁଣିଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି।

### ବରବାଦ କରିଦେଲା ୧୧ ଦିନରେ ପଇସା ଡବଲ୍ ହେବାର ଲୋଭ

# ବୃଦ୍ଧ ଡାକ୍ତରଙ୍କଠୁ ଠକିନେଲେ ୧୨ କୋଟି

**ପୁଣେ, ୯।୪/ଏଜେନ୍ସି:** ମାତ୍ର ୧୧ ଦିନରେ ଅର୍ଥରାଶିକୁ ଦୁଇଗୁଣ କରିବାର ଲୋଭ ଜଣେ ଡାକ୍ତରଙ୍କ ପାଇଁ ଜୀବନର ସବୁଠୁ ବଡ଼ ପଶ୍ଚାତାପର କାରଣ ସାଜିଛି। ରିପୋର୍ଟ ଅନୁସାରେ ପୁଣେର ଜଣେ ବୟସ୍କ ଡାକ୍ତର (୭୫ ବର୍ଷ) ସାଇବର ଠକେଇର ଶିକାର ହୋଇ ପ୍ରାୟ ୧୨.୩୧ କୋଟି ଟଙ୍କା ହରାଇଛନ୍ତି। ଷ୍ଟକ୍ ମାର୍କେଟରେ ନିବେଶ ପୂର୍ବକ ମାତ୍ର ୧୧ ଦିନରେ ଟଙ୍କା ଦୁଇଗୁଣ କରିଦେବାର ପ୍ରଲୋଭନ ଦେଖାଇ ସାଇବର ଠକମାନେ ତାଙ୍କୁ ଲୁଟିନେଇଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରେ ଏହି ଡାକ୍ତରଙ୍କ ପାଖକୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ସେଥିରେ ଷ୍ଟକ୍ ମାର୍କେଟରେ ଅଧିକ ଲାଭ ମିଳିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଏପରିକି ତାଙ୍କୁ "ଭିଆଇପି ଷ୍ଟକ୍ ୨୪" ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରେ ସାମିଲ କରାଯାଇଥିଲା, ଯେଉଁଠାରେ ଆକର୍ଷଣୀୟ ନିବେଶ ଯୋଜନା ବିଷୟରେ କୁହାଯାଉଥିଲା। ଠକମାନେ ତାଙ୍କୁ ବିଶ୍ୱାସ ଦେଇଥିଲେ ଯେ ସେମାନଙ୍କ କଥା ଅନୁଯାୟୀ ୨୭ କୋଟି ଟଙ୍କାର ନିବେଶ କଲେ ମାତ୍ର ୧୧ ଦିନରେ ତାଙ୍କର ଟଙ୍କା ୫୪ କୋଟି ହୋଇଯିବ। ଏଥିପାଇଁ ତାଙ୍କୁ ଏକ ନକଲି ମୋବାଇଲ୍ ଆପ୍ ଡାଉନଲୋଡ୍ କରିବାକୁ ମଧ୍ୟ ଠକମାନେ ପ୍ରବର୍ତ୍ତାଇଥିଲେ। ଏହି ଆପ୍‌ଟି ଏକ ପ୍ରତିଷ୍ଠିତ ଆନ୍ତର୍ଜାତୀୟ ସଂସ୍ଥା ନାମରେ ରହିଥିବାରୁ ପୀଡିତ ଡାକ୍ତର ଜଣକ ଏହାକୁ ସତ ବୋଲି ଭାବିଥିଲେ। ଅନ୍ୟପକ୍ଷେ ଠକମାନେ ତାଙ୍କୁ ବାରମ୍ବାର ମିଥ୍ୟା ଲାଭ ସମ୍ପର୍କରେ ପ୍ରବର୍ତ୍ତାଉଥିଲେ।

ଶେଷରେ ଡାକ୍ତରଜଣକ ଠକମାନଙ୍କ କଥାରେ ପଡ଼ି ମାର୍ଚ୍ଚ ୭ ରୁ ମାର୍ଚ୍ଚ ୧୮ ତାରିଖ ମଧ୍ୟରେ ୮ଟି ପୃଥକ ପୃଥକ ବ୍ୟାଙ୍କ ଆକାଉଣ୍ଟକୁ ମୋଟ୍ ୧୨.୩୧ କୋଟି ଟଙ୍କା ପଠାଇଥିଲେ। ଯେତେବେଳେ ଡାକ୍ତର ଅଧିକ ଟଙ୍କା ଦେବାକୁ ମନା କଲେ, ସେତେବେଳେ ଠକମାନେ ତାଙ୍କର ସମ୍ପତ୍ତି ଜବତ କରିନେବାକୁ ଧମକ ଦେଇଥିଲେ।



ପ୍ରାୟ ତିନି ମାସ ଧରି ଟଙ୍କା ପଠାଇବା ପରେ ମଧ୍ୟ ଯେତେବେଳେ କୌଣସି ରିଟର୍ଣ୍ଣ ମିଳିଲା ନାହିଁ ଏବଂ ଠକମାନେ ଆହୁରି ଟଙ୍କା ମାଗିଲେ, ସେତେବେଳେ ସେ ଠକେଇର ଶିକାର ହୋଇଥିବା ଅନୁଭବ କଲେ। ଡାକ୍ତରଙ୍କ ଅଭିଯୋଗ ଆଧାରରେ ସାଇବର ପୁଲିସ୍ ଷ୍ଟେସନରେ ଏକ ଏଫଆଇଆର୍ ରୁଜୁ କରାଯାଇଛି। ପୁଲିସ୍ ବର୍ତ୍ତମାନ ଟଙ୍କାର କାରବାର ଏବଂ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

# ୨୦୨୮ ସିଓପି୩୩ ଆୟୋଜନରୁ ଦୂରେଇଲା ଭାରତ

**ନୂଆଦିଲ୍ଲୀ, ୯।୪/ଏଜେନ୍ସି:** ୨୦୨୮ରେ ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀ (ସିଓପି୩୩) ଆୟୋଜନ କରିବାର ପ୍ରସ୍ତାବକୁ ଭାରତ ପ୍ରତ୍ୟାହାର କରିନେଇଛି। ଭାରତ କାହିଁକି ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରୁ ଓହରି ଯାଇଛି ଯଦିଓ ତାହା ସ୍ପଷ୍ଟ ହୋଇନାହିଁ, କିନ୍ତୁ ଏହାକୁ ଭାରତର କୂଟନୈତିକ ନିଷ୍ପତ୍ତି ଭାବେ ଅଭିହିତ କରାଯାଉଛି। ପ୍ରକାଶ, ଏସିଆ-ପାସିଫିକ୍ ଗ୍ରୁପ୍‌ର ଅଧକ୍ଷଙ୍କୁ ଭାରତୀୟ ଅଧିକାରୀ ରଜତ ଅଗ୍ରୱାଲ ଲେଖିଥିବା ଚିଠି ଅନୁସାରେ, ୨୦୨୮ରେ ସିଓପି୩୩ ଆୟୋଜନ କରିବା ନେଇ ନିଜ ପ୍ରତିଶ୍ରୁତିର ସମୀକ୍ଷା କରିବା ପରେ ଭାରତ ଏବେ ଏହାକୁ ପ୍ରତ୍ୟାହାର କରିନେଇଛି। ଚିଠିରେ ଉଲ୍ଲେଖ କରାଯାଇଥିବା ୪ ପାରାଗ୍ରାଫ୍‌ରେ କୁହାଯାଇଛି ଯେ, ଜଳବାୟୁ କାର୍ଯ୍ୟାନୁଷ୍ଠାନ ଉପରେ ଭାରତ ଅନ୍ତର୍ଜାତୀୟ ସମୁଦାୟ ସହିତ ଗଠନମୂଳକ ଭାବରେ କାର୍ଯ୍ୟ ଜାରି ରଖିବ ଏବଂ ପାର୍ଥିତ୍ୱ ପାଇଁ ଏସିଆ-ପ୍ରଶାନ୍ତ ଦେଶଗୁଡ଼ିକର ସମର୍ଥନ ଓ ଏକତାକୁ ପ୍ରଶଂସା କରୁଛି। ପିଟିଆଇ ଅନୁଯାୟୀ, ଜୁଲାଇ ୨୦୨୫ରେ, ଭାରତର ପରିବେଶ ମନ୍ତ୍ରଣାଳୟ ୨୦୨୮ ଶିଖର ସମ୍ମିଳନୀ ପାଇଁ ବୃତ୍ତିଗତ ଓ ଲଜିଷ୍ଟିକ୍




ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ଉତ୍ସର୍ଗୀକୃତ ସିଓପି୩୩ ସେଲ୍ ଗଠନ କରିଥିଲା। ୨୦୨୩ରେ ଦୁବାଇରେ ୨୮ତମ ଜାତିସଂଘ ଜଳବାୟୁ ସମ୍ମିଳନୀ (ସିଓପି୨୮)ରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୮ରେ ଭାରତକୁ ସିଓପି୩ର ଆୟୋଜକ ଭାବରେ ପ୍ରସ୍ତାବ ଦେଇଥିଲେ। ମୋଦୀ ନିଜ ଭାଷଣ ମାଧ୍ୟମରେ ୟୁଏଇ ସହିତ ଗ୍ଲୋବାଲ୍ ଗ୍ରିନ୍ କ୍ରେଡିଟ୍ ଇନିସିଏଟିଭ୍ ଆରମ୍ଭ କରି ଜଳବାୟୁ କାର୍ଯ୍ୟକୁ ମଧ୍ୟ ସମର୍ଥନ କରିଥିଲେ। ଗ୍ଲୋବାଲ୍ ସାଉଥ୍‌କୁ ଜଳବାୟୁ ଅର୍ଥ ଓ ପ୍ରଯୁକ୍ତିବିଦ୍ୟା ଯୋଗାଇବାକୁ ସେ ବିକଶିତ ଦେଶମାନଙ୍କୁ ମଧ୍ୟ ଅନୁରୋଧ କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra